# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜୁନ୍ ୩୦/୨୦୨୨ (୧୪ ପୃଷ୍ଠା) | Sambalpur, Thursday, June 30/2022 | Page 14 | ₹ 7.00 | ★★

୧୮ଶ ଭାଗ ୧୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଶଟ୍ ଅପ୍ ସୋନା**

ବଲିଉଡ୍ ସିଙ୍ଗର ସୋନା ମହାପାତ୍ରଙ୍କ ଉପରେ ଆଧାରିତ ଡକ୍ୟୁମେଣ୍ଟାରୀ 'ଶଟ୍ ଅପ୍ ସୋନା' ଜୁଲାଇ ୧ରେ ରିଲିଜ୍ ହେବା

୦୨

୧୪

**ବୁମ୍ରାଙ୍କୁ ଗୁରୁଦାୟିତ୍ୱ**

ରୋହିତ ଶର୍ମା କୋଭିଡ୍-୧୯ରୁ ସୁସ୍ଥ ହୋଇ ନ ଥିବାରୁ ଇଂଲଣ୍ଡ ବିପକ୍ଷ କ୍ରିକେଟ ଟେଷ୍ଟ ପାଇଁ ଯଶପ୍ରୀତ୍ ବୁମ୍ରା ଟିମ୍ ଇଣ୍ଡିଆର ଅଧିନାୟକ ମନୋନୀତ ହୋଇଛନ୍ତି।



## ଡଲାର ତୁଳନାରେ ଟଙ୍କା ସର୍ବକାଳୀନ ଦୁର୍ବଳ

**ମୂଲ୍ୟ ୭୯.୦୩କୁ ଖସିଲା**

ମୁମ୍ବାଇ,୨୯।୬(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ବୁଧବାର ସର୍ବକାଳୀନ ଦୁର୍ବଳ ହୋଇଛି। ସନ୍ଧ୍ୟା ସୁଦ୍ଧା ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟରେ ୧୮ ପଇସା ହ୍ରାସ ଘଟି ସର୍ବନିମ୍ନ ୭୯.୦୩(ଅସ୍ଥାୟୀ) ସ୍ତରକୁ ଖସିଆସିଛି। କ୍ରମାଗତ ବିଦେଶୀ ☞ପୃଷ୍ଠା-୪

# ଆସ୍ଥା ପୂର୍ବରୁ ଇସ୍ତଫା

## ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଲେ ଉଦ୍ଧବ

ମୁମ୍ବାଇ,୨୯।୬

ମହାରାଷ୍ଟ୍ରରେ ଗତ ୧୧ ଦିନ ଧରି ଲାଗି ରହିଥିବା ରାଜନୈତିକ ମହାନାଟକର ଅବସାନ ଘଟିଛି। ବୁଧବାର ଦିନ ତମାମ ହଟଚମଟ ଲାଗି ରହିଥିବାବେଳେ ସୁପ୍ରିମକୋର୍ଟଙ୍କ ଆସ୍ଥା ଭୋଟ ନିର୍ଦ୍ଦେଶ ପରେ ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେ ରାତି ୯ଟା ୪୫ରେ ଫେସ୍‌ବୁକ୍ ଲାଇଭ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଘୋଷଣା କରିଛନ୍ତି। ଏଥିସହ ରାଜଭବନ ଯାଇ ରାଜ୍ୟପାଳ ଭଗତ୍ ସିଂ କୋଶିୟାରୀଙ୍କୁ ନିଜ ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। କୋଶିୟାରୀଙ୍କ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ କାଏମ ରଖିବାର ପ୍ରାୟ ଅଧଘଣ୍ଟା ପରେ ଉଦ୍ଧବ ଏଭଳି ନିଷ୍ପତ୍ତି ନେଇଛନ୍ତି। ଫଳରେ ମହାରାଷ୍ଟ୍ରରେ ଶିବସେନା- ଏନ୍‌ସିପି-କଂଗ୍ରେସ ମେଣ୍ଟ ମହା ବିକାଶ ଅଘାଡ଼ି(ଏମ୍‌ଭିଏ) ସରକାରର ପତନ ଘଟିଛି। ତେବେ ଜନସାଧାରଣଙ୍କ ଆଶୀର୍ବାଦ ତାଙ୍କ ପାଇଁ ବଡ଼ ସମ୍ପତ୍ତି। ପଦଛାଡ଼ିଥିଲେ ହେଁ ଲଢ଼େଇ ଜାରି ରହିବ। ଶିବସେନାକୁ ଆହୁରି ମଜଭୁତ କରି ଗଢ଼ିତୋଳିବେ ବୋଲି ଉଦ୍ଧବ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଗୁରୁବାର ପୂର୍ବାହ୍ନରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ରାଜ୍ୟପାଳ କୋଶିୟାରୀ ଦେଇଥିବା ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଶିବସେନା ବୁଧବାର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏହାର ଦ୍ରୁତ ଶୁଣାଣି ପାଇଁ ନିବେଦନ କରିଥିଲା। ଅପରାହ୍ନ ୫ଟାରେ ଉଭୟ ପକ୍ଷର ଯୁକ୍ତି ଶୁଣିବାପରେ ରାତି ୯ଟାରେ



ଅଦାଲତ ଶିବସେନାର ଆବେଦନକୁ ଅଗ୍ରାହ୍ୟ କରିଦେଇଥିଲେ। ଏଥିସହିତ ଆସ୍ଥା ଭୋଟର ଫଳାଫଳ ଆସନ୍ତା ୧୧ତାରିଖରେ ୧୬ ଶିବସେନା ବିଦ୍ରୋହୀ ବିଧାୟକଙ୍କ ସଭ୍ୟପଦ ରଦ୍ଦ ସମ୍ପର୍କିତ ମାମଲାର ଶୁଣାଣି ଉପରେ ନିର୍ଭର କରିବ ବୋଲି ☞ପୃଷ୍ଠା-୪

**ମହାରାଷ୍ଟ୍ର ରାଜନୈତିକ ସଙ୍କଟ**

- ରହିତାଦେଶ ଦେଲେନି ସୁପ୍ରିମକୋର୍ଟ
- ରାଜ୍ୟପାଳଙ୍କ ନିର୍ଦ୍ଦେଶ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଶିବ ସେନା

## ଔରଙ୍ଗାବାଦ ହେଲା ସମ୍ଭାଜୀନଗର

**ଓସ୍ମାନାବାଦ ସହର ଏବେ ଧରାଶିବ**

ମୁମ୍ବାଇ,୨୯।୬: ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦବୀରୁ ଉଦ୍ଧବ ଠାକରେ ବୁଧବାର ରାତି ୯ଟା ୪୫ରେ ଇସ୍ତଫା ଦେବା ପୂର୍ବରୁ ରାଜ୍ୟର ୨ ସହରର ନାମ ବଦଳାଇଛନ୍ତି। ବୁଧବାର ସନ୍ଧ୍ୟାରେ ଉଦ୍ଧବଙ୍କ ନେତୃତ୍ୱରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ତଦନୁଯାୟୀ ଔରଙ୍ଗାବାଦକୁ ସମ୍ଭାଜୀନଗର ଏବଂ ଓସ୍ମାନାବାଦ ସହରକୁ ଧରାଶିବ ଭାବେ ନାମିତ କରାଯାଇଛି। ସେହିପରି ଆଗକୁ ହେବାକୁ ଥିବା ନଭିମୁମ୍ବାଇ ବିମାନବନ୍ଦରକୁ କୃଷକ ନେତା ଡିବି ପାଟିଲଙ୍କ ନାମରେ ନାମିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଫଳରେ ଏହା ଡିପି ପାଟିଲ ଅନ୍ତର୍ଜାତୀୟ ବିମାନବନ୍ଦର ଭାବେ ପରିଚୟ ବହନ କରିବ। ଏଭଳି ନାମ ପରିବର୍ତ୍ତନ ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଥିଲା। ତେବେ ଏହି ନିଷ୍ପତ୍ତି ଏଭଳି ସମୟରେ ନିଆଯାଇଥିଲା, ଯେତେବେଳେ କି ଶିବସେନାର ଏକ ବଡ଼ ବିଧାୟକ ଗୋଷ୍ଠୀ ବିଦ୍ରୋହୀ ନେତାମାନେ ଉଦ୍ଧବଙ୍କ ହିନ୍ଦୁତ୍ୱ ଛବି ଉପରେ ପ୍ରଶ୍ନଚିହ୍ନ ଲଗାଇ ଏନସିପି ଓ କଂଗ୍ରେସ ସହ ମେଣ୍ଟ ଭାଙ୍ଗିବାକୁ ☞ପୃଷ୍ଠା-୪

**ଇସ୍ତଫା ପୂର୍ବରୁ ୨ ସହରର ନାମ ବଦଳାଇଲେ ଉଦ୍ଧବ**






## ଅଗଷ୍ଟ ୬ରେ ଉପରାଷ୍ଟ୍ରପତି ନିର୍ବାଚନ

- ସେହିଦିନ ହିଁ ଗଣତି
- ଜୁଲାଇ ୫ରେ ପ୍ରକାଶ ପାଇବ ବିଜ୍ଞପ୍ତି, ୧୯ ଯାଏ ପ୍ରାର୍ଥିପତ୍ର ଦାଖଲ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୯।୬ (ବ୍ୟୁରୋ)

ଆସନ୍ତା ଅଗଷ୍ଟ ୬ରେ ଉପରାଷ୍ଟ୍ରପତି ନିର୍ବାଚନ ହେବ। ଏନେଇ ଭାରତର ନିର୍ବାଚନ ଆୟୋଗ ବୁଧବାର ଘୋଷଣା କରିଛନ୍ତି। ବର୍ତ୍ତମାନର ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁଙ୍କ କାର୍ଯ୍ୟକାଳ ଅଗଷ୍ଟ ୧୦ରେ ଶେଷ ହେବ। ଏହା ପୂର୍ବରୁ ନୂଆ ଉପରାଷ୍ଟ୍ରପତି ନିର୍ବାଚନ ନିମନ୍ତେ କାର୍ଯ୍ୟସୂଚୀ ପ୍ରକାଶ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମଣିଷ, ପ୍ରାଣୀ ଓ ସଭ୍ୟତା**

# ଓଡ଼ିଶାକୁ ବିଦେଶୀ ପୁଞ୍ଜିର ସୁଅ

**ଦୁବାଇ ଇନ୍‌ଭେଷ୍ଟର୍ସ ମିଟ୍**

ଭୁବନେଶ୍ୱର,୨୯।୬(ବ୍ୟୁରୋ)

ଦୁବାଇ ଓ ଅନ୍ୟ ଦେଶର ଏକାଧିକ ପ୍ରତିଷ୍ଠିତ କମ୍ପାନୀ ଓଡ଼ିଶାରେ ବ୍ୟାପକ ନିବେଶ କରିବାକୁ ଆଗ୍ରହ ଦେଖାଇଛନ୍ତି। ଦୁବାଇରେ ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ଅନୁଷ୍ଠିତ ଇନ୍‌ଭେଷ୍ଟର୍ସ ମିଟ୍‌ରେ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀ ମୁଖ୍ୟମାନେ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଖୁସି ବ୍ୟକ୍ତ କରିବା ସହ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଦୁବାଇ ନିବେଶକ ସମ୍ମିଳନୀରେ ତାବ୍ରିଦ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ୟୁସୁଫ ଅଲ୍ ହମ୍ମାଦିଙ୍କୁ ଭେଟିଛନ୍ତି। ତାବ୍ରିଦ୍ ଗ୍ରୁପ୍ ଓଡ଼ିଶାରେ ପୁଞ୍ଜି ନିବେଶ ଲାଗି ଆଗ୍ରହ ପ୍ରକାଶ କରିଛି। ଭୁବନେଶ୍ୱର ଆଇସିଟି କ୍ୟାମ୍ପସରେ ୧ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ତାବ୍ରିଦ୍ ଗ୍ରୁପ୍ ପ୍ରସ୍ତାବ ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି। ସେହିପରି ଏମ୍‌ବିଟିସି ମଧ୍ୟ ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ଘୋଷଣା କରିଛି। କୁଏଟ୍‌ର ଏମ୍‌ବିଟିସି କମ୍ପାନୀର ପାର୍ଟନର ଓ ପରିଚାଳନା ନିର୍ଦ୍ଦେଶକ କେ. ଜି. ଆବ୍ରାହମଙ୍କୁ ମୁଖ୍ୟମନ୍ତ୍ରୀ ଭେଟିବା ଅବସରରେ କମ୍ପାନୀ ଏହି ଘୋଷଣା କରିଛି। ରାଜ୍ୟରେ ୟୁରିଆ ପ୍ଲାଣ୍ଟ ସ୍ଥାପନ ପାଇଁ କମ୍ପାନୀ ୫ ହଜାର କୋଟି ଟଙ୍କା ନିବେଶ କରିବ। ସେହିପରି ଦୁବାଇର ସରାଫ୍ ଗ୍ରୁପ୍ ଓଡ଼ିଶାରେ ଲଜିଷ୍ଟିକ୍ କ୍ଷେତ୍ରରେ ପୁଞ୍ଜି ଲଗାଇବ। ଶୋଭା ଲିମିଟେଡ ରାଜ୍ୟରେ ୫ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରିବ। ମେଟାଲ ଓ ହସ୍ପିଟାଲିଟି କ୍ଷେତ୍ରରେ ପୁଞ୍ଜି ନିବେଶ କରିବାକୁ ଏହି ଗ୍ରୁପ୍ ଆଗ୍ରହ ପ୍ରକାଶ କରିଛି। ଏ ନେଇ ଶୋଭା ଲିମିଟେଡର ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଆରବ ଇଣ୍ଡିଆ ସ୍ପାଇସେସ ଏଲ୍‌ଏଲ୍‌ସି ଓଡ଼ିଶାରେ ପୁଞ୍ଜିନିବେଶ କରିବାକୁ ଇଚ୍ଛାପ୍ରକାଶ କରିଛି। କମ୍ପାନୀ ପଲସ ସ୍ପିଟିଂ ୟୁନିଟ ସ୍ଥାପନ କରିବାକୁ ଆଗ୍ରହ ଦେଖାଇଛି। ☞ପୃଷ୍ଠା-୩









## 'ବୋଟ୍ ବୁଡ଼ି ୧୩ ମୃତ'

ଶତାଧିକ ଶରଣାର୍ଥୀଙ୍କୁ ନେଇ ୟୁରୋପ ଯାଉଥିବା ବୋଟ ସେନେଗାଲ ତଟରେ ବୁଡ଼ିଯାଇଛି। ଦୁର୍ଘଟଣାରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବା ସେନେଗାଲ ରେଡ୍ କ୍ରସ୍ ପକ୍ଷରୁ କୁହାଯାଇଛି। ସୋମବାର ରାତିରେ ସାଉର୍ଥନ କାସାମାନ୍ସର କାଫାଣ୍ଟିନ୍‌ରେ ଏହି ଦୁର୍ଘଟଣା ଘଟିଥିବା ଖବର ପ୍ରକାଶ ପାଇଛି। ବୋଟ୍‌ରେ ମୋଟ ୧୫୦ ଶରଣାର୍ଥୀ ଯାତ୍ରା କରୁଥିବାବେଳେ ୯୧ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ୪୦ ଜଣ ନିଖୋଜ ଥିବାବେଳେ ରେସ୍କ୍ୟୁ ଟିମ୍ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

**ସଂକ୍ଷେପରେ**

## କହ୍ନେୟାଲାଲଙ୍କୁ ମିଳୁଥିଲା ହତ୍ୟା ଧମକ

**ଉଦୟପୁର, ୨୯।୬:** ନୂପୁର ଶର୍ମାଙ୍କ ସମର୍ଥନରେ ସୋସିଆଲ ମିଡିଆରେ ଏକ ପୋଷ୍ଟକୁ କେନ୍ଦ୍ର କରି ଗତ ୧୧ ତାରିଖରେ ରାଜସ୍ଥାନ ଉଦୟପୁରର ଦରଜି କହ୍ନେୟାଲାଲ ତେଲିଙ୍କୁ ଗିରଫ କରାଯାଇଥିଲା। ଏହାର ୫ ଦିନ ପରେ ସେ ଜାମିନରେ ମୁକୁଳିଥିଲେ।


ମୃତ କହ୍ନେୟାଲାଲ

ଏହାପରଠାରୁ ତାଙ୍କୁ ହତ୍ୟା ଧମକ ମିଳିବା ସହ ପଡ଼ୋଶୀ ନିର୍ଯତନା ଦେଉଥିଲେ। ଏ ନେଇ କହ୍ନେୟାଲାଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କହ୍ନେୟାଲାଲ, ତାଙ୍କ ପଡ଼ୋଶୀ, କମ୍ୟୁନିଟି ନେତାଙ୍କ ମଧରେ ମଧସ୍ଥତା କରି ଉଭୟ ପକ୍ଷ ମଧରେ ବୁଝାମଣା କରାଇଥିଲା। ଏହା ପରେ ବି କହ୍ନେୟାଲାଲଙ୍କୁ ହତ୍ୟା ଧମକ ମିଳୁଥିଲା। ଏଥିଯୋଗୁ ସେ ଦୋକାନ ବନ୍ଦ ରଖିଥିଲେ ବୋଲି କହ୍ନେୟାଲାଲଙ୍କ ସ୍ତ୍ରୀ ଯଶୋଦା କହିଛନ୍ତି।

## ଦୋଷୀଙ୍କୁ ଫାଶୀ ଦିଅ

### ପୋଲିସ ଅବହେଳାକୁ ଦାୟୀ କଲେ ପୁଅ


କହ୍ନେୟାଲାଲଙ୍କ ସ୍ତ୍ରୀ ଯଶୋଦା

**ଉଦୟପୁର, ୨୯।୬:** କହ୍ନେୟାଲାଲଙ୍କ ହତ୍ୟାକାରୀଙ୍କୁ ଫାଶୀରେ ଝୁଲାଇବାକୁ ତାଙ୍କ ସ୍ତ୍ରୀ ଯଶୋଦା ଦାବି କରିଛନ୍ତି। ଆଜି ସେମାନେ ଜଣଙ୍କୁ ମାରିଛନ୍ତି, କାଲି ଆଉ କାହାକୁ ହତ୍ୟା କରିବେ। ଏଭଳି ଅପରାଧୀଙ୍କୁ ମୃତ୍ୟୁଦଣ୍ଡ ସହ ତାଙ୍କ ପରିବାରକୁ ନ୍ୟାୟ ମିଳୁ ବୋଲି କହ୍ନେୟାଙ୍କ ଶେଷକୃତ୍ୟବେଳେ ଯଶୋଦା କହିଛନ୍ତି। କହ୍ନେୟାଲାଲଙ୍କ ଦୁଇ ପୁଅ ବାପାଙ୍କ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦାବି କରିବା ସହ ଏଭଳି ଘଟଣା ପାଇଁ ପୋଲିସ ଅବହେଳାକୁ ଦାୟୀ କରିଛନ୍ତି। ପୁଅ ୟଶ ଏବଂ ତରୁଣ ଅଭିଯୋଗ କରିଛନ୍ତି, କିଛି ଦିନ ହେଲା କହ୍ନେୟାଲାଲଙ୍କୁ ହତ୍ୟା ଧମକ ମିଳୁଥିଲା। ସେ ଥାନାରେ ଅଭିଯୋଗ ମଧ କରିଥିଲେ। ଯଦି ପୋଲିସ ଠିକ୍ ସମୟରେ ଆକ୍ସନ ନେଇଥାନ୍ତା ତେବେ ସେମାନଙ୍କ ବାପା ଆଜି ବଞ୍ଚିଥାନ୍ତେ।

## ଆର୍ଟର୍ନି ଜେନେରାଲ ଦାୟିତ୍ୱରେ ଆଉ ୩ ମାସ ରହିବେ ବେଣୁଗୋପାଳ



**ନୂଆଦିଲ୍ଲୀ, ୨୯।୬:** ବରିଷ୍ଠ ଆଇନଜୀବୀ କେ.କେ ବେଣୁଗୋପାଳ (୯୧) ଭାରତର ଆର୍ଟର୍ନି ଜେନେରାଲ ଭାବେ ଆଉ ୩ ମାସ ଦାୟିତ୍ୱରେ ରହିବେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଜୁନ୍ ୩୦ରେ ବେଣୁଗୋପାଳଙ୍କ କାର୍ଯ୍ୟକାଳ ସରିବାର ଥିଲା। ନିଜ ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଆର୍ଟର୍ନି ଜେନେରାଲ ପଦରେ ରହିବା ପାଇଁ ଅମଙ୍ଗ ହେଉଥିବାବେଳେ କେନ୍ଦ୍ର ସରକାରଙ୍କ ଅନୁରୋଧ କ୍ରମେ ବେଣୁଗୋପାଳ କାର୍ଯ୍ୟ ଜାରି ରଖିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି। ୨୦୧୭ ଜୁଲାଇରେ ରାଷ୍ଟ୍ରପତି ବେଣୁଗୋପାଳଙ୍କୁ ଭାରତୀୟ ଆର୍ଟର୍ନି ଜେନେରାଲ ଦାୟିତ୍ୱ ପ୍ରଦାନ କରିଥିଲେ।

## ଉଦୟପୁର ହତ୍ୟା ଘଟଣାରେ ପାକିସ୍ତାନ ଲିଙ୍କ୍

# କରାଚୀରେ ଟ୍ରେନିଂ ନେଇଥିଲେ ଅଭିଯୁକ୍ତ

## ଏନ୍‌ଆଇଏକୁ ତଦନ୍ତ ଦାୟିତ୍ୱ

**ଜୟପୁର, ୨୯।୬**

ରାଜସ୍ଥାନର ଉଦୟପୁରରେ ଦରଜି କହ୍ନେୟାଲାଲ ତେଲି(୪୮)ଙ୍କ ବୀଭତ୍ସ ହତ୍ୟା ଘଟଣାର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ)କୁ ଦିଆଯାଇଛି। ଏହାକୁ ଏକ ଆତଙ୍କବାଦୀ ଆକ୍ରମଣ ଦୃଷ୍ଟିରୁ ତଦନ୍ତ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ପାଇବା ପରେ ଏନ୍‌ଆଇଏ ବୁଧବାର ଘଟଣାର ଯାଞ୍ଚ ଆରମ୍ଭ କରିବା ସହ ଏକ ମାମଲା ରୁଜୁ କରିଛି। ଏଥିସହ ରାଜସ୍ଥାନ ପୋଲିସ ଦ୍ୱାରା ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଏବଂ ଏନ୍‌ଆଇଏ ଦୁଇ ଅଭିଯୁକ୍ତ ମହମ୍ମଦ ରିଆଜ୍ ଏବଂ ଗୋସ୍ ମହମ୍ମଦଙ୍କୁ ପଚରାଉଚରା ଆରମ୍ଭ କରିଛନ୍ତି। କରାଚୀରେ ଥିବା ସୁନ୍ନି ଇସ୍‌ଲାମୀୟ ସଙ୍ଗଠନ ଦାୱତ୍-ଇ-ଇସ୍‌ଲାମୀ ସହ ଅଭିଯୁକ୍ତ ଜଡ଼ିତ ଥିବା ଜଣାପଡ଼ିଛି। ଦ୍ୱାଓତ-ଇ-ଇସ୍‌ଲାମୀର ପାକ୍‌ର ବରେଲ୍‌ଭି ପାନ୍-ଇସ୍‌ଲାମିକ ତେହରିକ୍-ଇ-ଲବାଇକ୍ କଠୋରପନ୍ଥୀ ସଙ୍ଗଠନ ସହ ଲିଙ୍କ୍ ରହିଛି। ରିଆଜ୍ ଅନ୍‌ସାରୀ ଉକ୍ତ ସୁନ୍ନି ଇସ୍‌ଲାମୀୟ ସଙ୍ଗଠନ ସହ ଯୋଗାଯୋଗରେ ଥିଲେ। ୨୦୧୪-୧୫ରେ ଅଭିଯୁକ୍ତ କରାଚୀ ଯାଇଥିଲେ ବୋଲି ଡିଜିପି ଏମ୍. ଏଲ୍. ଲାଥର କହିଛନ୍ତି। ସେଠାରେ ସେମାନେ ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ତାଲିମ ନେଇଥିଲେ। ଘଟଣାରେ ବୁଧବାର ଆଉ ୩ ଜଣଙ୍କୁ ଗିରଫ କରାଯାଇଛି।

ପୋଲିସ ସୂଚନା ଅନୁସାରେ, ଦୁଇ ଅଭିଯୁକ୍ତ ୮ରୁ ୧୦ ଫୋନ୍ ନମ୍ବରରେ ଅଧିକାଂଶ ସମୟ କଥା ହେଉଥିଲେ। ସେହିପରି ଗୋସ୍ ମହମ୍ମଦ ଦୁଇଥର ନେପାଳ ଯାଇ କେତେକ ଆତଙ୍କବାଦୀ ସଙ୍ଗଠନ ସହ ସମ୍ପର୍କରେ ଥିଲେ। ଦୁବାଇରେ ମଧ ତାଙ୍କର ଯୋଗାଯୋଗ ଥିଲା। କହ୍ନେୟାଲାଲଙ୍କୁ ହତ୍ୟା କରିବା ପୂର୍ବରୁ ଅଭିଯୁକ୍ତମାନେ ଆତଙ୍କବାଦୀ ସଙ୍ଗଠନ ଆଇଏସ୍‌ଆଇଏସ୍‌ର କେତେକ ଭିଡିଓ ଶେୟାର କରିଥିଲେ ବୋଲି ଏସ୍‌ଆଇଟି ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ଦାୱତ୍-ଇ-ଇସ୍‌ଲାମୀ ପାକିସ୍ତାନର ଏକ ଧର୍ମୀୟ ସଙ୍ଗଠନ। ଏହା ପ୍ରଫେଟ ମହମ୍ମଦଙ୍କ ବାର୍ତ୍ତା ପ୍ରସାର କରିଥାଏ ବୋଲି ଦାବି କରେ। ଇସ୍‌ଲାମ ଉପରେ ଏହି ସଙ୍ଗଠନ ଅନ୍‌ଲାଇନ୍ କୋର୍ସ ଦେବା ସହ ଏହାର ଏକ ଟେଲିଭିଜନ ଚ୍ୟାନେଲ ରହିଛି। ବିଭିନ୍ନ ଟ୍ରେନିଂ କାର୍ଯ୍ୟକ୍ରମ ମଧମରେ ସଙ୍ଗଠନ ଲୋକଙ୍କୁ ଇସ୍‌ଲାମ ଧର୍ମ ଗ୍ରହଣ କରିବା ପାଇଁ ପ୍ରବର୍ତ୍ତାଇଥାଏ। ଦରଜି କହ୍ନେୟଲାଲଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଏହି ସଙ୍ଗଠନ ସହ ଲିଙ୍କ୍ ଥିବା ପଦାକୁ ଆସିବା ପରେ ଏହା ଉପରେ ଅଧିକ ତଦନ୍ତ ଆରମ୍ଭ ହୋଇଛି। ଏହି ସଙ୍ଗଠନର ସଦସ୍ୟମାନେ କାନପୁରରେ ସକ୍ରିୟ ଅଛନ୍ତି। ଦିଲ୍ଲୀ ଓ ମୁମ୍ବାଇରେ ସେମାନଙ୍କର ଏକ ଅଫିସ୍ ରହିଥିବା ଡିଜିପି ଲାଥର ସୂଚନା ଦେଇଛନ୍ତି। ଘଟଣାରେ ସୀମାପାର୍ ଆତଙ୍କବାଦ ଉପରେ ମଧ ତଦନ୍ତ କରାଯାଉଛି। ଅଭିଯୁକ୍ତଙ୍କ ଫୋନ୍ ଓ ଅନ୍ୟ ଡିଜିଟାଲ ମାଧମରେ ଏ ଦିଗରେ ଯାଞ୍ଚ ଚାଲିଥିବା ସେ କହିଛନ୍ତି। ପ୍ରକାଶ ଯେ, ଭାଜପା ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କ ସପକ୍ଷରେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିବା ଯୋଗୁ ଗୋସ୍ ଏବଂ ରିୟାଜ୍ ଦରଜି କହ୍ନେୟାଲାଲଙ୍କୁ ତାଙ୍କ ଦୋକାନରେ ପଶି ମୁଣ୍ଡକାଟ କରିଥିଲେ। ଏହାର ଏକ ଭିଡିଓ କରି ତାହାକୁ ସୋସିଆଲ ମିଡିଆରେ ପୋଷ୍ଟ ସହ ଅପରାଧ ସ୍ୱୀକାର କରିଥିଲେ।


ରାଜସ୍ଥାନର ଯୋଧପୁରରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ କହ୍ନେୟା ଲାଲଙ୍କ ହତ୍ୟାକାରୀଙ୍କୁ ଦଣ୍ଡ ଦେବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

- ୨୦୧୪ରେ ପାକ୍ ଯାଇଥିଲେ
- ହତ୍ୟା ପୂର୍ବରୁ ଆଇଏସ୍‌ଆଇଏସ୍ ଭିଡିଓ ଶେୟାର କରିଥିଲେ
- ୟୁଏପିଏ ବଳରେ ମାମଲା ରୁଜୁ


ମହମ୍ମଦ ରିଆଜ୍


ଗୋସ୍ ମହମ୍ମଦ

## ହତ୍ୟାକାଣ୍ଡକୁ ନେଇ ରାଜନୀତି


ଅଶୋକ ଗେହଲଟ୍


ବସୁନ୍ଧରା ରାଜେ

- ଗେହଲଟ୍‌ଙ୍କ ତୁଷ୍ଟୀକରଣ ନୀତି ଦାୟୀ: ବସୁନ୍ଧରା ରାଜେ
- ନିନ୍ଦା କଲେ ରାହୁଲ, ମମତା, ଓୱାଇସି

**ଉଦୟପୁର, ୨୯।୬**

ଉଦୟପୁର ଦରଜି କହ୍ନେୟାଲାଲଙ୍କ ବୀଭତ୍ସ ହତ୍ୟାକାଣ୍ଡକୁ ନେଇ ରାଜନୀତି ତେଜିଛି। ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିବୃତି ଦାବି କରିଥିବା ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କୁ ଭାଜପା ସମାଲୋଚନା କରିଛି। ରାଜ୍ୟରେ ଜଣେ ବ୍ୟକ୍ତିଙ୍କ ଏଭଳି ମୁଣ୍ଡକାଟ ଘଟଣା ପାଇଁ ଗେହଲଟ୍ ସରକାରଙ୍କ 'ତୁଷ୍ଟୀକରଣ ନୀତି' ଦାୟୀ ବୋଲି ବରିଷ୍ଠ ଭାଜପା ନେତ୍ରୀ ବସୁନ୍ଧରା ରାଜେ କହିଛନ୍ତି। ଜଣେ ନିରୀହ ଯୁବକଙ୍କ ଏଭଳି ହତ୍ୟା ଏହା ସ୍ପଷ୍ଟ କରିଛି ଯେ, ଗେହଲଟ୍ ସରକାରଙ୍କ ଉତ୍ତେଜନା ସୃଷ୍ଟିକାରୀ ଓ ତୁଷ୍ଟୀକରଣ ନୀତି ଯୋଗୁ ଅପରାଧୀଙ୍କ ସାହସ ବଢ଼ୁଛି। ରାଜ୍ୟ ସରକାରଙ୍କ ଅବହେଳା ପାଇଁ ରାଜସ୍ଥାନରେ ସାମ୍ପ୍ରଦାୟିକ ହିଂସା ବୃଦ୍ଧି ପାଇଛି ବୋଲି ବସୁନ୍ଧରା ରାଜେ କହିଛନ୍ତି। ଭାଜପା ମୁଖପାତ୍ର ରାଜ୍ୟବର୍ଦ୍ଧନ ସିଂ ଏହାକୁ ଏକ ଆତଙ୍କବାଦୀ କାର୍ଯ୍ୟକଳାପ ଅଭିହିତ କରିବା ସହ ରାଜ୍ୟରେ 'ଜିହାଦୀ' ଘଟଣା ଥମିବାର ନାଁ ଧରୁନି ବୋଲି କହି ଗେହଲଟ୍ ସରକାରଙ୍କୁ ସମାଲୋଚନା କରିଛନ୍ତି। କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁ ରାଜସ୍ଥାନରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି ବୋଲି କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି। ଦେଶରେ ଉତ୍ତେଜନାପୂର୍ଣ୍ଣ ପରିବେଶ ରହିଥିବାବେଳେ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହା ଉପରେ ଚୁପ୍ କାହିଁକି ବୋଲି ଗେହଲଟ୍ କହିଥିଲେ।

କହ୍ନେୟାଲାଲଙ୍କ ହତ୍ୟାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିନ୍ଦା କରିଛନ୍ତି। ଧର୍ମ ନାଁରେ ବର୍ବର କାଣ୍ଡକୁ ବରଦାସ୍ତ କରାଯିବ ନାହିଁ ବୋଲି ରାହୁଲ କହିଛନ୍ତି। ସଭ୍ୟ ସମାଜରେ ବର୍ବରତାର କୌଣସି ସ୍ଥାନ ନାହିଁ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ କହିଛନ୍ତି। ଏଆଇଏମ୍‌ଆଇଏମ୍ ଅଧକ୍ଷ ଅସାଦୁଦ୍ଦିନ୍ ଓୱାଇସି ମଧ କହ୍ନେୟାଙ୍କ ହତ୍ୟାକୁ ନିନ୍ଦା କରିବା ସହ ରାଜ୍ୟ ସରକାର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଶରେ ହିଂସା ଓ କଠୋରପନ୍ଥୀ କାର୍ଯ୍ୟକୁ ପ୍ରଶୟ ମିଳିବା ଉଚିତ ନୁହେଁ ବୋଲି କହିଛନ୍ତି।



ନାଟୋ ମହାସଚିବ ଜେନ୍ସ ଷ୍ଟୋଲେନ୍ ବର୍ଗ, ତୁର୍କୀ ରାଷ୍ଟ୍ରପତି ରେସେପ୍ ତଇପ୍ ଏର୍ଦୋଗାନ୍, ଫିନ୍‌ଲାଣ୍ଡ ରାଷ୍ଟ୍ରପତି ସୌଲି ନିନିସ୍ତୋ,ସୁଇଡେନ୍ ପ୍ରଧାନମନ୍ତ୍ରୀ ମାଗ୍‌ଡେଲେନା ଆଣ୍ଡେସନ୍ ପ୍ରମୁଖ ସୁଇଡେନ୍ ଓ ଫିନ୍‌ଲାଣ୍ଡକୁ ନାଟୋରେ ସାମିଲ ନିମନ୍ତେ ଏକ ଚୁକ୍ତି ସ୍ୱାକ୍ଷର କରୁଛନ୍ତି। ଦୁଇ ନୂଆ ରାଷ୍ଟ୍ର ନାଟୋରେ ଯୋଗ ଦେବାକୁ ନେଇ ତୁର୍କୀ ରାଜି ଥିବା ଏହି ଚୁକ୍ତିରେ ରହିଛି।

## ଟୁଇଟରକୁ କେନ୍ଦ୍ର ସରକାରଙ୍କ ଶେଷ ନୋଟିସ୍

**ନୂଆଦିଲ୍ଲୀ, ୨୯।୬**

କେନ୍ଦ୍ର ସରକାରଙ୍କର ପ୍ରତ୍ୟେକ ନିର୍ଦ୍ଦେଶାବଳୀକୁ ପାଳନ କରିବା ଉଦ୍ଦେଶ୍ୟରେ ବୁଧବାର କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ ପକ୍ଷରୁ ଫାଇନାଲ ନୋଟିସ୍ ଜାରି କରାଯାଇଛି। ଏନେଇ ଟୁଇଟରକୁ ଜୁଲାଇ ୪ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ନିୟମ ପାଳନ ନ କଲେ ଟୁଇଟର କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାକୁ ହରାଇ ବସିବ, ଯାହାଫଳରେ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମରେ କରାଯାଉଥିବା ପ୍ରତ୍ୟେକ ପୋଷ୍ଟ ପାଇଁ ନିଜେ ଟୁଇଟର ଉତ୍ତରଦାୟୀ ହେବ। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ନିୟମ ପାଳନ କରିବା ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ୨୭ରେ ନୋଟିସ୍ ଜାରି କରାଯାଇଥିଲା। ଏ ସଂକ୍ରାନ୍ତରେ ନିକଟାରେ ପ୍ରେସ୍ ଟ୍ରଷ୍ଟ ପକ୍ଷରୁ ଟୁଇଟରକୁ ଇମେଲ୍ କରାଯାଇଥିଲେ ସୁଦ୍ଧା ଏ ନେଇ କୌଣସି ଉତ୍ତର ଦେଇ ନଥିଲା ଟୁଇଟର। ସରକାରଙ୍କ ନିର୍ଦ୍ଦେଶକ୍ରମେ ଗତବର୍ଷ ସରକାର ବିରୋଧୀ, ଆଇନ୍ ବିରୋଧୀ ଏବଂ କୃଷି ଆନ୍ଦୋଳନକୁ ସମର୍ଥନ କରୁଥିବା ପାଖାପାଖି ୮୦ଟି ମାଇକ୍ରୋବ୍ଲଗିଙ୍ଗ୍ ଟୁଇଟର ଆକାଉଣ୍ଟକୁ ଟୁଇଟର ବ୍ଲକ୍ କରିଥିଲା।

## ଜୁବୈରଙ୍କ ଗିରଫଦାରିକୁ ଜାତିସଂଘର ନିନ୍ଦା

**ନୂଆଦିଲ୍ଲୀ, ୨୯।୬**

ଅଲ୍ଟ ନ୍ୟୁଜ୍ ଚ୍ୟାନେଲର ଖବରଦାତା ମହମ୍ମଦ ଜୁବୈରଙ୍କ ଗିରଫଦାରି ମାମଲାକୁ ଜାତିସଂଘ ପକ୍ଷରୁ ନିନ୍ଦା କରାଯାଇଛି। କୌଣସି ସାମ୍ବାଦିକଙ୍କୁ ତାଙ୍କ ଟୁଇଟ୍, ଲେଖା ଓ ମନ୍ତବ୍ୟକୁ ଆଧାର କରି ଗିରଫ କରିବା ଉଚିତ୍ ନୁହେଁ ବୋଲି ବୁଧବାର ଜାତିସଂଘ ପକ୍ଷରୁ କୁହାଯାଇଛି। ସମାଜରେ ପ୍ରତ୍ୟେକ ବ୍ୟକ୍ତି ନିଜର ମନ୍ତବ୍ୟ ରଖିବାର ସ୍ୱାଧୀନତା ରହିଥିବା ଜାତିସଂଘ ସେକ୍ରେଟାରୀ ଜେନେରାଲ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି। ବିଶ୍ୱରେ ଘଟୁଥିବା ସମସ୍ତ ଘଟଣା ଲୋକଲୋଚନକୁ ଆସିବା ଜରୁରୀ। କେବଳ ନାଗରିକ ନୁହଁନ୍ତି ପ୍ରତ୍ୟେକ ସାମ୍ବାଦିକଙ୍କର ମଧ ଅଭିବ୍ୟକ୍ତି ସ୍ୱାଧୀନତା ରହିଛି। ଟୁଇଟର ଜରିଆରେ ନିଜ ମନ୍ତବ୍ୟ ଉପସ୍ଥାପନ କରିବା ତଥା କୌଣସି ଘଟଣା ଉପରେ ନିଜ ପକ୍ଷ ରଖିବା ଲାଗି କୌଣସି ବ୍ୟକ୍ତିଙ୍କୁ ଜେଲ ପଠାଯିବା ନିହାତିପକ୍ଷେ ଏକ ନିନ୍ଦନୀୟ କଥା ବୋଲି ସେକ୍ରେଟାରୀ ଜେନେରାଲ ଡୁଜାରିକ୍ କହିଛନ୍ତି। ତେବେ ଗୁଜରାଟ ଦଙ୍ଗା ମାମଲାରେ ସାମାଜିକ କର୍ମୀ ତୀସ୍ତାଙ୍କୁ ଗିରଫ କରାଯିବା ନେଇ ମଧ ଜାତିସଂଘ ମାନବାଧିକାର ନିନ୍ଦା କରିଛି। ଜୁବୈର ଏବଂ ତୀସ୍ତାଙ୍କ ମାମଲାକୁ ନେଇ ଜାତିସଂଘ ପକ୍ଷରୁ ଦିଆଯାଇଥିବା ମନ୍ତବ୍ୟ ବିଷୟରେ ଅବଗତ ଥିବା ବୁଧବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ସଚିବ ଅରିନ୍ଦମ ବାଗ୍‌ଚି କହିଛନ୍ତି। ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଜାତି ସଂଘର ହସ୍ତକ୍ଷେପ ନିହାତିପକ୍ଷେ ଅନୁଚିତ୍ ବୋଲି ସେ କହିଛନ୍ତି। ଦେଶରେ ଆଇନ୍ ବିରୋଧୀ କାର୍ଯ୍ୟ ପାଇଁ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା ରହିଥିବା ବାଗ୍‌ଚି କହିଛନ୍ତି। ୪ ଦିନିଆ ରିମାଣ୍ଡରେ ଥିବା ଜୁବୈରଙ୍କ ଟୁଇଟର ଆକାଉଣ୍ଟରୁ ୧୦୦ଟି ପୋଷ୍ଟ ଗାଏବ ହୋଇଯାଇଛି। ଗିରଫ ପରେ ୮୮ଟି ପୋଷ୍ଟ ଡିଲିଟ୍ ହୋଇଥିବା କୁହାଯାଉଛି। ଏଥିସହ ବୈଦ୍ୟୁତିକ ଉପକରଣରୁ ଅନେକ ପ୍ରମାଣ ହଟାଇ ନେଇଥିବା ଦିଲ୍ଲୀ ପୋଲିସ କହିଛି। ଅନ୍ୟପକ୍ଷରେ ଜୁବୈରଙ୍କ ଟୁଇଟ୍ ବାବଦରେ ପୋଲିସ ଯେଉଁ ଟୁଇଟର ଆକାଉଣ୍ଟରୁ ସୂଚନା ପାଇଥିଲା ସେହି ଆକାଉଣ୍ଟ ମଧ ଗାଏବ ହୋଇଯାଇଥିବା ଜଣାପଡ଼ିଛି।


ମହମ୍ମଦ ଜୁବୈର

## 'ପୁଟିନ୍ ମହିଳା ହୋଇଥିଲେ ୟୁକ୍ରେନ୍ ଯୁଦ୍ଧ ହୋଇ ନ ଥାନ୍ତା'

**ଲଣ୍ଡନ, ୨୯।୬**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଜଣେ ମହିଳା ହୋଇଥିଲେ ୟୁକ୍ରେନ୍ ଯୁଦ୍ଧ ହୋଇ ନ ଥାନ୍ତା ବୋଲି ବ୍ରିଟିଶ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ କହିଛନ୍ତି। ୟୁକ୍ରେନ୍ ଉପରେ ପୁଟିନଙ୍କ ଆକ୍ରୋଶମୂଳକ ଆକ୍ରମଣ ବିଷାକ୍ତ ପୁରୁଷତ୍ୱର ଏକ ଜ୍ୱଳନ୍ତ ଉଦାହରଣ । ଯୁଦ୍ଧ ବନ୍ଦ ହେବା ଲାଗି ସାରା ବିଶ୍ୱ ଚାହୁଁଥିବାବେଳେ ପୁଟିନ୍ ଏ ନେଇ କୌଣସି ଶାନ୍ତିପୂର୍ଣ୍ଣ ଚୁକ୍ତି କରିବାକୁ ରାଜି ନାହାନ୍ତି ବୋଲି ବୋରିସ୍ କହିଛନ୍ତି।

## ଆଇଏଏଫ୍‌ରେ ୨ ଲକ୍ଷ ଆବେଦନକାରୀ

**ନୂଆଦିଲ୍ଲୀ, ୨୯।୬**

ଅଗ୍ନିପଥ ଯୋଜନାରେ ଭାରତୀୟ ବାୟୁ ସେନା(ଆଇଏଏଫ୍)ରେ ୨ଲକ୍ଷରୁ ଉର୍ଦ୍ଧ୍ୱ ଆବେଦନ ଆସିଛି। ୬ ଦିନରେ ଆବେଦନକାରୀଙ୍କ ସଂଖ୍ୟା ବଢ଼ିଥିବା କେନ୍ଦ୍ରୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅଗ୍ନିବୀର ବାୟୁ ପାଇଁ ୨,୦୧,୦୦୦ ଆବେଦନ ପତ୍ର ଦାଖଲ ହୋଇଥିବା ନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖପାତ୍ର ଭାରତ ଭୂଷଣ ବାବୁ ଟୁଇଟ୍ କରିଛନ୍ତି।

## ଫୁର୍‌ସତ୍

## 'ଶଟ୍ ଅପ୍ ସୋନା'



**ମୁମ୍ବାଇ:** ବଲିଉଡ୍‌ର ବିବାଦୀୟ ଗାୟିକା ସୋନା ମହାପାତ୍ର ଅନେକ ସମୟରେ ଚର୍ଚ୍ଚାରେ ରହିଥାନ୍ତି। ଏହି ବିବାଦୀୟ ସିଙ୍ଗରଙ୍କ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ 'ଶଟ୍ ଅପ୍ ସୋନା' ଜୁଲାଇ ୧ରେ ରିଲିଜ ହେବ। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଦିପ୍ତୀ ଗୁପ୍ତା ଓ ପ୍ରଯୋଜନା ଭାର ସମ୍ଭାଳିଛନ୍ତି ନିଜେ ସୋନା ମହାପାତ୍ର। ଅନେକ ସମୟରେ ସୋନାକୁ ପରୋକ୍ଷ ତଥା ପ୍ରତ୍ୟକ୍ଷ ଭାବେ ଚୁପ୍ ରହିବାକୁ କୁହାଯାଇଛି। ପ୍ରଫେସନାଲ ସାଙ୍ଗକୁ ପର୍ସନାଲ ଲାଇଫ୍‌ରେ ମଧ ତାଙ୍କୁ ଏହି ପରିସ୍ଥିତି ଦେଇ ଗତି କରିଥିବା କଥା ସେ କହିଛନ୍ତି। ତେବେ ନିଜ ଜୀବନର କିଛି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତକୁ ସୋନା ଏହି ଡକ୍ୟୁମେଣ୍ଟାରୀ ଜରିଆରେ ଦର୍ଶକଙ୍କୁ ଦେଖାଇବାକୁ ଚେଷ୍ଟା କରିଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି। ସଟ୍ ଅପ୍ ସୋନା ଜି୫ ଚ୍ୟାନେଲରେ ମୁକ୍ତିଲାଭ କରିବ। ତେବେ ଚ୍ୟାନେଲ ଜରିଆରେ ଏକ ବୋଲ୍ଡ ଏବଂ ମହତ୍ତ୍ୱପୂର୍ଣ୍ଣ କାହାଣୀ ଦର୍ଶକଙ୍କ ପାଖରେ ପହଞ୍ଚାଇବାକୁ କମ୍ପାନୀ ପକ୍ଷରୁ ଚେଷ୍ଟା କରାଯାଇଥିବା ଜି୫ର ଚିଫ୍ ବିଜନେଶ ଅଫିସର ମନୀଶ କାରଲା କହିଛନ୍ତି।

## ଶ୍ୱେତାଙ୍କୁ ହତ୍ୟା ଧମକ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଶ୍ୱେତା ଭାସ୍କରଙ୍କୁ ହତ୍ୟା ଧମକ ମିଳିଛି। ଏ ନେଇ ଏଫ୍‌ଆଇଆର୍ ଦିଆଯିବା ପରେ ମୁମ୍ବାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ସରସୋଭାରେ ଥିବା ଶ୍ୱେତାଙ୍କ ଘରୁ ଏକ ବେନାମି ଚିଠି ମିଳିଥିଲା। ଭାରତୀୟ ଯୁବପିଢ଼ି ରାଜନେତା, ଲେଖକ ତଥା ସାମାଜିକ କର୍ମୀ ବୀର ସବରକରଙ୍କ ଅପମାନକୁ ସହ୍ୟ କରିପାରିବେ ନାହିଁ ବୋଲି ଲେଖାଥିଲା। ସୋମବାର ଶ୍ୱେତାଙ୍କ ଘରୁ ବେନାମି ଚିଠି ମିଳିବା ପରେ ସେ ଭରସୋଭା ଥାନାରେ ଯାଇ ଅଭିଯୋଗ କରିଥିଲେ।



## ଦେହ ସାରା ଟାଟୁ

**ନୂଆଦିଲ୍ଲୀ:** ଆଧୁନିକ ଯୁଗରେ ଟାଟୁ ଟ୍ରେଣ୍ଡ ପାଲଟିଛି। ଯୁବପିଢ଼ିଙ୍କଠାରେ ଏହାର କ୍ରେଜ୍ ଅଧିକ ଦେଖିବାକୁ ମିଳିଛି। ନିଜ ଶରୀରର ପ୍ରତ୍ୟେକ ସ୍ଥାନରେ ଟାଟୁ କରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି ଲକି ଡାଇମଣ୍ଡ ରିଚ୍। ଗତ ୧୬ ବର୍ଷ ଧରି ଲକି ଏହି ରେକର୍ଡର ଅଧିକାରୀ। ଶରୀରରେ ଏତେମାତ୍ରାରେ ଟାଟୁ ଆଙ୍କିବାରେ ଲକି ବିଶ୍ୱରେ ପ୍ରଥମ ବ୍ୟକ୍ତି । ତାଙ୍କ ପ୍ରକୃତ ନାମ ଗ୍ରେଗୋରି ପଲ ଏମ୍‌ସିଚଲରେନ୍। ନିଜ ଶରୀରର ୨୦୦ ଭାଗରେ ସେ ଟାଟୁ କରିଛନ୍ତି। ଆଖିପତା, ମାଢ଼ି, କାନରେ ମଧ ଟାଟୁ କରିଛନ୍ତି। ଲକି ୧୬ ବର୍ଷ ବୟସରେ ସର୍କସରେ କାମ କରିବା ଆରମ୍ଭ କରିଥିବାବେଳେ ସେ ସମୟରେ ସେ ପ୍ରଥମ ଟାଟୁ ଆଙ୍କିଥିଲେ। ତା' ପରଠାରୁ ଟାଟୁ ପ୍ରତି ତାଙ୍କ ଦୁର୍ବଳତା ବଢ଼ିବାକୁ ଲାଗିଲା । ବର୍ତ୍ତମାନ ପର୍ଯ୍ୟନ୍ତ ସେ ଟାଟୁ ଆଙ୍କିବା ଜାରି ରଖିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୫,୧୦,୨୮,୫୯୮ | ୬୩,୫୪,୩୪୯ | ୫୨,୬୫,୪୧,୭୧୩ |
| ଭାରତ | ୪,୩୪,୩୭,୪୩୩ | ୫,୨୫,୦୭୭ | ୪,୨୮,୦୮,୬୬୬ |
| ଓଡ଼ିଶା | ୧୨,୮୯,୭୦୧ | ୯୧୨୬(+୫୩) | ୧୨,୭୯,୮୪୯ |

ବୁଧବାର ରାତି ୯ଟା ୩୦ ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ନଭେମ୍ବର ୩୦ରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ

**ପ୍ରଥମ ପୃଷ୍ଠାରୁ...**

ଏ ବାବଦରେ କମ୍ପାନୀ ୫୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବ। ଏଥିରେ ୩୦୦ ଜଣଙ୍କୁ ପ୍ରତ୍ୟକ୍ଷ ଓ ୫୦୦ ଜଣଙ୍କୁ ପରୋକ୍ଷରେ ନିଯୁକ୍ତି ମିଳିପାରିବ। ଲୁଲୁ ଇଣ୍ଟରନ୍ୟାଶନାଲ ଶପିଂମଲ୍ସ ପ୍ରାଇଭେଟ ଲିମିଟେଡ ୧୫୦୦ କୋଟି ଟଙ୍କାର ବିନିଯୋଗରେ ରାଜ୍ୟରେ ଶପିଂମଲ, ହାଇପରମାର୍କେଟ ପ୍ରତିଷ୍ଠା କରିବାକୁ ଆଗ୍ରହ ପ୍ରକାଶ କରିଛି। ଏଥିରେ ପ୍ରାୟ ୫ ହଜାର ଜଣଙ୍କୁ ପ୍ରତ୍ୟକ୍ଷ ଓ ୧୦ ହଜାର ଲୋକଙ୍କୁ ପରୋକ୍ଷ ନିଯୁକ୍ତି ମିଳିପାରିବ। ସେହିପରି ଡିପି ୱାର୍ଲଡ ଆଣ୍ଡ ହିନ୍ଦୁସ୍ଥାନ ପୋର୍ଟସ ଲିମିଟେଡ ରାଜ୍ୟରେ ବନ୍ଦର, ଏସ୍ଇଜେଡ୍ ଏବଂ ଆଇସିଡ୍ କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଛି। ଏଥିପାଇଁ କମ୍ପାନୀ ୮ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିବ ବୋଲି ନିବେଷକ ସମ୍ମିଳନୀରେ ସୂଚନା ଦେଇଛି।

ଓଡ଼ିଶାରେ ଦୁବାଇସ୍ଥିତ ସୋହା ରିୟଲିଟି ମେଟାଲ ହସ୍ପିଟାଲିଟି କ୍ଷେତ୍ରରେ ୫ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ପ୍ରସ୍ତାବ ଦେଇଛି। ସେହିପରି ସରଫ ଗ୍ରୁପ ଓ ହିନ୍ଦ ଟର୍ମିନାଲ ୭୫୦ କୋଟି ଟଙ୍କାରେ ଓଡ଼ିଶାରେ ଲଜିଷ୍ଟିକ୍ସ ପାର୍କ ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଆବୁଧାବିସ୍ଥିତ ଟୋଣ୍ଟି ୧୪ ହୋଲ୍‌ଡିଂସ ଓଡ଼ିଶାରେ ୫୦୦ କୋଟି ଟଙ୍କା ବିନିଯୋଗରେ ପଞ୍ଚତାରକା ହୋଟେଲ ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କରିଛି।

କୋଭିଡ୍ ମହାମାରୀ ସତ୍ତ୍ୱେ ଗତ ୨ ବର୍ଷରେ ଓଡ଼ିଶାରେ ୩ ଲକ୍ଷ ୭୫ ହଜାର କୋଟିର ବିନିଯୋଗ ହୋଇଛି। ଶିଳ୍ପ ଅନୁକୂଳ ବାତାବରଣ ପାଇଁ ଓଡ଼ିଶା ନିବେଶକଙ୍କ ପ୍ରଥମ ପସନ୍ଦ ପାଲଟିଛି। ବିଦେଶୀ ପୁଞ୍ଜି ନିବେଶକାରୀଙ୍କୁ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ମଧ୍ୟରେ ରାଜ୍ୟରେ ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଘୋଷଣା କରିଛନ୍ତି। ଓଡ଼ିଶା ସରକାର ଏଫ୍ଆଇସିସିଆଇ ଏବଂ ୟୁଏଇରେ ଭାରତର ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସହଯୋଗରେ ଆୟୋଜିତ କରିଥିବା ଏହି ଇନ୍‌ଭେଷ୍ଟର୍ସ ମିଟ୍‌ରେ ମିନେରାଲ, ମେଟାଲସ, ପେଟ୍ରୋକେମିକାଲ୍ସ, କେମିକାଲସ୍, ପ୍ଲାଷ୍ଟିକ, ଖାଦ୍ୟ ପ୍ରକ୍ରିୟାକରଣ, ହେଭି ଇଣ୍ଡଷ୍ଟ୍ରି, ସବୁଜ ଶକ୍ତି, ଇଲେକ୍ଟ୍ରିକାଲ, ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରିଂ, ଲିଜିଷ୍ଟିକ ଆଣ୍ଡ ୱେରହାଉସିଂ, ରିୟଲ ଇଷ୍ଟେଟ ଆଣ୍ଡ ହସ୍ପିଟାଲିଟି ଆଦି କ୍ଷେତ୍ରର ୧୫୦ରୁ ଊର୍ଦ୍ଧ୍ୱ କମ୍ପାନୀ ଯୋଗ ଦେଇଥିବା ସୂଚନା ମିଳିଛି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଓଡ଼ିଶାରେ ଦେଶର ୯୬% କ୍ରୋମାଇଟ, ୯୨% ନିକେଲ, ୫୩% ବକ୍ସାଇଟ, ୪୫% ମାଙ୍ଗାନିଜ୍, ୩୫% ଲୁହାପଥର ଏବଂ ୨୩% କୋଇଲା ସଂରକ୍ଷିତ ରହିଛି। ଏଥିଯୋଗୁ ଓଡ଼ିଶା ଷ୍ଟିଲ୍, ଷ୍ଟେନଲେସ ଷ୍ଟିଲ୍, ଫେରୋ ଆଲଏଜ, ଆଲୁମିନା ଏବଂ ଆଲୁମିନିୟମ ଉତ୍ପାଦନରେ ଦେଶର ଅଗ୍ରଣୀ ରାଜ୍ୟରେ ପରିଣତ ହୋଇଛି। ଏଥିସହିତ ଓଡ଼ିଶାରେ ଦେଶର ୧୧% ଜଳ ସମ୍ପଦ ରହିଥିବା ବେଳେ ୪୮୦ କିଲୋମିଟର ସମୁଦ୍ର ବେଳାଭୂମି ରହିଛି। ଏହା ପ୍ରାକୃତିକ ବନ୍ଦର ସ୍ଥାପନ କରିବା ସହ ଅନ୍ତର୍ଜାତୀୟ ବାଣିଜ୍ୟକୁ ସହଜ କରି ପାରିବ। ରାଜ୍ୟରେ ଉଚ୍ଚକ୍ଷମତା ସମ୍ପନ୍ନ ବିଶ୍ୱସ୍ତରୀୟ ଶ୍ରମ ଶକ୍ତି ରହିଛି। ଆଇଟିଆଇ, ପଲିଟେକ୍ନିକ ଏବଂ ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ କଲେଜ ସମେତ ୧୧ଟି ଶିଳ୍ପ ତାଲିମ ପ୍ରତିଷ୍ଠାନ ସ୍ଥାପନ କରି ବୈଷୟିକ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ପର୍ଯ୍ୟାପ୍ତ ପୁଞ୍ଜି ବିନିଯୋଗ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଆ ଶ୍ରମ ଶକ୍ତିକୁ ଆଧୁନିକୀକରଣ ଓ ନୂଆ ଯୁଗର ଶିଳ୍ପ ପାଇଁ ପ୍ରସ୍ତୁତ କରିବା ସକାଶେ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ (ଏଡିବି) ଏବଂ ସିଙ୍ଗାପୁରସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନିକାଲ ଏଜୁକେଶନ ସର୍ଭିସେସ(ଆଇଟିଇଏସ୍) ସିଙ୍ଗାପୁର ସହାୟତାରେ ନିକଟରେ ଭୁବନେଶ୍ୱରରେ ଏକ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି। ପୁଞ୍ଜି ନିବେଶକାରୀମାନଙ୍କୁ ସହାୟତା ପାଇଁ ଓଡ଼ିଶା ସରକାର ସିଙ୍ଗଲ୍ ୱିଣ୍ଡୋ ପୋର୍ଟାଲ, ଗୋ ସୁଇଫ୍ଟ, ବି୨ଜି ଇଣ୍ଟରଫେସ୍ ଭଳି ବ୍ୟବସ୍ଥା କରିଛନ୍ତି। ଶିଳ୍ପ ଓ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ୫-ଟି ( ଟ୍ରାନ୍ସପରେନ୍ସି, ଟେକ୍ନୋଲେଜି, ଟିମ୍ ୱାର୍କ, ଟାଇମ ଆଣ୍ଡ ଟ୍ରାନ୍ସଫର୍ମେଶନ) ଭଳି ବହୁ ପଦକ୍ଷେପ ନେଇଛନ୍ତି। ଏହା ରାଜ୍ୟରେ ଶିଳ୍ପ ବାତାବରଣ ସୃଷ୍ଟି କରିପାରିଛି। ଏଥିଯୋଗୁ ରାଜ୍ୟରେ ନିଯୁକ୍ତି ବଢ଼ିବା ସହ ରାଜସ୍ୱ ସଂଗ୍ରହରେ ମଧ୍ୟ ଅଭିବୃଦ୍ଧି ଘଟିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ କମ୍ପାନୀଗୁଡ଼ିକ ସହ ୱାନ ଟୁ ୱାନ ଆଲୋଚନା କରିଛନ୍ତି। ସମସ୍ତ ସହଯୋଗ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ କମ୍ପାନୀଗୁଡ଼ିକୁ ଭରସା ଦେଇଛନ୍ତି। ଓଡ଼ିଶା ଟିମ୍ ସହିତ ରାଜ୍ୟରୁ ଓ ଦେଶର ବହୁ କମ୍ପାନୀ ମୁଖ୍ୟମାନଙ୍କର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ମଧ୍ୟ ଏହି ସମ୍ମିଳନୀରେ ଯୋଗ ଦେଇଛନ୍ତି।



ବୁଧବାର ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ଅବସରରେ ପୁଞ୍ଜିନିବେଶକାରୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ଦୁବାଇ ଇନ୍‌ଭେଷ୍ଟର୍ସ ମିଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

- ସୁଯୋଗ ନିଅନ୍ତୁ ପୁଞ୍ଜିନିବେଶକାରୀ
- ଆଇସିଟି କ୍ୟାମ୍ପସରେ ୧ ହଜାର କୋଟି ବିନିଯୋଗ କରିବ ତାବ୍ରିଦ୍ ଗ୍ରୁପ୍
- କୁଏଟ୍‌ର ଏମ୍‌ବିଟିସି କମ୍ପାନୀ ୫ ହଜାର କୋଟିର ୟୁରିଆ କାରଖାନା କରିବ
- ଡିପି ୱାର୍ଲଡ ଆଣ୍ଡ ହିନ୍ଦୁସ୍ଥାନ ପୋର୍ଟସ ଲିମିଟେଡର ୮ ହଜାର କୋଟିର ପୁଞ୍ଜିନିବେଶ ପ୍ରସ୍ତାବ

# ନବଯୌବନ ଦର୍ଶନ ଦେଲେ ମହାପ୍ରଭୁ

- ନିର୍ଦ୍ଧାରିତ ସମୟ ପୂର୍ବରୁ ସରିଲା ନୀତିକାନ୍ତି
- ଆଜି ଉଭାଯାତ୍ରାରେ ସନ୍ଧ୍ୟା ୫ ଯାଏ ଦର୍ଶନ

**ପୁରୀ ଅଫିସ,୨୯।୬**

୧୫ ଦିନର ଅନବସର ପରେ ବୁଧବାର ମହାପ୍ରଭୁଙ୍କ ନବଯୌବନ ଦର୍ଶନ କରିଛନ୍ତି ଭକ୍ତ। ଏଥିପାଇଁ ଶ୍ରୀମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ନୀତି ନିର୍ଘଣ୍ଟର ଯଥେଷ୍ଟ ଆଗରୁ ନୀତି ସରିଥିଲା। ଫଳରେ ପ୍ରାୟ ୪୫ ମିନିଟ୍ ପୂର୍ବରୁ ଭକ୍ତମାନେ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ପାଇଥିଲେ। ପ୍ରଥମେ ପାରମାଣିକ ଦର୍ଶନ ଓ ପରେ ସାହାଣ ମେଲା ଦର୍ଶନ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ଚାଲିଥିଲା। ଏହାପରେ ଧାର୍ଯ୍ୟ ସମୟରେ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଭକ୍ତମାନେ ଆନନ୍ଦରେ ଦାରୁଦିଅଁଙ୍କ ଦର୍ଶନ ସାରି ମହାପ୍ରସାଦ ସେବନ କରି ଫେରିଥିଲେ।

ଭୋର ୫ଟା ୩୦ରେ ଚକା ଅପସର ହୋଇ ଜୟବିଜୟ ଦ୍ୱାର ଖୋଲିଥିଲା। ମଙ୍ଗଳ ଆଳତି ୫ଟା ୫୫, ଅବକାଶ ୬ଟା ୩୦ରୁ ୬ଟା ୪୫, ଦଶ ଅବତାର ଦିଅଁ ବାହୁଡ଼ା ବିଜେ ୬ଟା ୫୫ରେ ସରି ପୂର୍ବାହ୍ନ ୭ଟାରେ ତାଟି ଫିଟିଥିଲା। ୭ଟା ୧୫ରେ ପାରମାଣିକ ଦର୍ଶନ ଆରମ୍ଭ ହୋଇଥିଲା। ଏହାପରେ ପୂର୍ବାହ୍ନ ୮ଟା ୧୦ରୁ ସାହାଣମେଲା ଦର୍ଶନ ଆରମ୍ଭ ହୋଇ ୧୦ଟା ୧୦ରେ ସରିଥିଲା। ୧୧ଟା ୧୫ରେ ସର୍ବାଙ୍ଗ ଶେଷ, ମଧ୍ୟାହ୍ନ ୧୨ଟା ୧୫ରେ ନେତ୍ରୋତ୍ସବ ବନ୍ଦାପନା, ୧୨ଟା ୨୦ରେ ରାଜନୀତି, ଅପରାହ୍ନ ୧ଟାରେ ଘଣ୍ଟଛତା, ୧ଟା ୫୦ ମିନିଟ୍‌ରେ ସର୍ବାଙ୍ଗ କରାଯାଇଥିଲା। ମହାପ୍ରଭୁଙ୍କ ପରବର୍ତ୍ତୀ ନୀତିକାନ୍ତି ଯଥା ମଧ୍ୟାହ୍ନ ଧୂପ, ଦକ୍ଷିଣୀଘର ଭୋଗ, ସନ୍ଧ୍ୟା ଧୂପ, ବଡ଼ସିଂହାର ବେଶ ଓ ଭୋଗ ନିର୍ଦ୍ଧାରିତ ସମୟଠାରୁ ଆଗୁଆ ହୋଇଥିଲା। ଭକ୍ତମାନେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ସମୟରେ ଦାରୁବିଗ୍ରହଙ୍କୁ ଦର୍ଶନ କରିଥିଲେ। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଲାଗି ସହର ଭିତରକୁ ଭାରି ଯାନ ପ୍ରବେଶ ନିଷିଦ୍ଧ ଥିଲା। ଚାରିଚକିଆ ଯାନକୁ ମାର୍କେଟ ଛକଠାରେ ରୋକି ଦିଆଯାଇଥିଲା। ଶ୍ରଦ୍ଧାଳୁମାନେ ଚାଲିଚାଲି ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ପହଞ୍ଚିଥିଲେ। ଶ୍ରଦ୍ଧାଳୁମାନେ ସିଂହଦ୍ୱାରରେ ପ୍ରବେଶ କରି ଦର୍ଶନ କରିଥିବା ବେଳେ ସ୍ଥାନୀୟ ଲୋକେ ପଶ୍ଚିମଦ୍ୱାର ଦେଇ ମନ୍ଦିରକୁ ଯାଇଥିଲେ। ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନେଇ ଗଠିତ ଟିମ୍ ସୁରକ୍ଷା ବ୍ୟବସ୍ଥା ଉପରେ କଡ଼ା ନଜର ରଖିଥିଲା। ସିଂହଦ୍ୱାର ସମେତ ଚାରିଦ୍ୱାରରେ ପୋଲିସ ଅଧିକାରୀମାନେ ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରିଥିଲେ। ଯଥେଷ୍ଟ ପରିମାଣର ମହାପ୍ରସାଦ ବ୍ୟବସ୍ଥା ହୋଇଥିଲା। ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ସକାଳଠାରୁ ରାତ୍ର ପର୍ଯ୍ୟନ୍ତ ଭକ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିଲା। ସୁରକ୍ଷା ଦୃଷ୍ଟିକୋଣରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୁରୀ ସହରକୁ ୫ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଥିଲା। ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ଓ ସୁରକ୍ଷିତ ଥିଲା। ସ୍ୱତନ୍ତ୍ର ବ୍ୟାରିକେଡ୍ ସହ ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ହୋଇଥିଲା। ସେହିପରି ଜିଲାପାଳ ସମର୍ଥ ବର୍ମା ସେବାୟତଙ୍କ ପ୍ରଶଂସା କରି କହିଥିଲେ, ନିର୍ଦ୍ଧାରିତ ସମୟଠାରୁ ନୀତିକାନ୍ତି ଆଗୁଆ ସରିଥିବାରୁ ଭକ୍ତ ଅଧିକ ସମୟ ଦର୍ଶନ ସୁବିଧା ପାଇଛନ୍ତି। ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ସମନ୍ୱୟରେ କାର୍ଯ୍ୟ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଗୁରୁବାର ଉଭାଯାତ୍ରାରେ ମଧ୍ୟ ସାଧାରଣ ଦର୍ଶନ ହେବ। ଭୋର ୪ଟାରୁ ୬ଟା ୩୦, ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୧ଟା ୩୦, ଅପରାହ୍ନ ୩ଟା ୩୦ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦାରୁଦିଅଁଙ୍କ ଦର୍ଶନ ମିଳିପାରିବ। ଶ୍ରୀଗୁଣ୍ଡିଚା ନୀତି ତଥା ନିର୍ଦ୍ଧାରିତ ସମୟରେ ପହଣ୍ଡି ସମ୍ପାଦନ ସକାଶେ ପ୍ରସ୍ତୁତି ପାଇଁ ଉଭାଯାତ୍ରା ଦିନ ସନ୍ଧ୍ୟା ୫ଟା ପରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।









# ୫ ଯାଏ ବଡ଼ ବର୍ଷା ନାହିଁ

**ଭୁବନେଶ୍ୱର,୨୯।୬(ବ୍ୟୁରୋ):** ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ଦୁର୍ବଳ ରହିଛି। ଆସନ୍ତା ୫ ଦିନ ଯାଏ ରାଜ୍ୟରେ ବଡ଼ ବର୍ଷାର କୌଣସି ସୂଚନା ନାହିଁ। ଆସନ୍ତା ୪ ଯାଏ କେତେକ ସ୍ଥାନରେ କାଁ ଭାଁ ବର୍ଷା ସମ୍ଭାବନା ରହିଛି। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏ ନେଇ ଏଲୋ୍ୱାର୍ଣ୍ଣିଂ ଜାରି କରାଯାଇଛି। ସମ୍ଭାବ୍ୟ ବର୍ଷାକୁ ଦେଖି ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ପାଣିପାଗ ବିଭାଗର ଆକଳନ ଅନୁସାରେ ୩୦ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ନୂଆପଡ଼ା, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ ଓ ଯାଜପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ସମ୍ବଲପୁର, ଅନୁଗୋଳ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ହେବାର ଆଶଙ୍କା ରହିଛି।






# ଅନ୍‌ଲାଇନ୍ ଗେମିଂ ଉପରେ ଜିଏସ୍‌ଟି ଲାଗୁ ଅଟକିଲା

## ସରିଲା ଜିଏସ୍‌ଟି କାଉନ୍‌ସିଲ୍ ବୈଠକ

- ରାଜ୍ୟକୁ ଜିଏସ୍‌ଟି କ୍ଷତିପୂରଣ ପ୍ରସଙ୍ଗ ଆଲୋଚନା ହେଲା ନାହିଁ

**ନୂଆଦିଲ୍ଲୀ,୨୯।୬**

ଚଣ୍ଡିଗଡ଼ରେ ଚାଲିଥିବା ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) କାଉନ୍‌ସିଲ୍‌ର ବୁଧବାର ଦୁଇ ଦିବସ ବୈଠକ ସମାପ୍ତ ହୋଇଛି। ବୈଠକର ୨ୟ ଦିନରେ ରାଜ୍ୟଗୁଡ଼ିକର ଜିଏସ୍‌ଟି କ୍ଷତିପୂରଣ ଉପରେ ଆଲୋଚନା ହୋଇଥିଲା। ପୁଡୁଚେରୀ ଅର୍ଥମନ୍ତ୍ରୀ କେ. ଲକ୍ଷ୍ମୀନାରାୟଣନ୍‌ଙ୍କ କହିବା ଅନୁସାରେ, ସମସ୍ତ ରାଜ୍ୟ ଜିଏସ୍‌ଟି କ୍ଷତିପୂରଣ ମେକାନିଜମ୍ ସମୟସୀମା ବୃଦ୍ଧି ପାଇଁ ଦାବି କରିଥିଲେ, ସେନେଇ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ସୂଚନାଯୋଗ୍ୟ, ଜିଏସ୍‌ଟି ଲାଗୁ କରାଯିବା ସମୟରେ ରାଜ୍ୟଗୁଡ଼ିକୁ ଜୁନ୍ ୨୦୨୨ ସୁଦ୍ଧା ରାଜସ୍ୱ ଭରଣା ପାଇଁ କ୍ଷତିପୂରଣ ଦିଆଯିବାକୁ କେନ୍ଦ୍ର ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା। କ୍ଷତିପୂରଣ ରାଶି ବିଳାସପୂର୍ଣ୍ଣ, ଡିମେରିଟ୍ ଏବଂ ସିନ୍ ଗୁଡ୍ସ ଉପରେ ଲଗାଯାଉଥିବା ୨୮% ଟିକସ ବ୍ୟତୀତ ଅତିରିକ୍ତ ଟିକସ ଲାଗୁ କରିବା ବ୍ୟବସ୍ଥା କରାଯାଇଥିଲା।

### ଜିଓଏମ୍‌ର ୪ ପ୍ରସ୍ତାବ ଉପରେ ଚର୍ଚ୍ଚା

ବୁଧବାର ଖବରଦାତା ସମ୍ମିଳନୀରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, ଗ୍ରୁପ୍ ଅଫ୍ ମିନିଷ୍ଟର୍ସ (ଜିଓଏମ୍)ଙ୍କ ୪ଟି ପ୍ରସ୍ତାବ ଉପରେ ନିଷ୍ପତ୍ତି ନିଆଯାଇଛି। ତେବେ ଏନେଇ ବର୍ତ୍ତମାନ ପାଇଁ ଆଲୋଚନା କରାଯାଇନାହିଁ। ୧୬ଟି ରାଜ୍ୟ ଜିଏସ୍‌ଟି କ୍ଷତିପୂରଣ ପ୍ରସଙ୍ଗ ଉପସ୍ଥାପନା କରିଥିଲେ। ଏଥିସହିତ ଅନ୍‌ଲାଇନ୍ ଗେମିଂ, କ୍ୟାସିନୋ, ହର୍ସ ରେସିଂ ଉପରେ ୨୮% ଜିଏସ୍‌ଟି ଲଗାଯିବା ନେଇ ହୋଇଥିବା ନିଷ୍ପତ୍ତି ବର୍ତ୍ତମାନ ପାଇଁ ଲାଗୁ କରାଯାଇନାହିଁ। ଏନେଇ ଅଗଷ୍ଟରେ ହେବାକୁ ଥିବା ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ସୀତାରାମନ କହିଛନ୍ତି। ବୈଠକରେ ରେଟ୍ ରେସନାଲାଇଜେଶନ୍ ପ୍ୟାନେଲ୍‌କୁ ୩ ମାସ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା ସହିତ ଇନ୍‌ଭର୍ଟେଡ୍ ଡ୍ୟୁଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ତେବେ କ୍ରିପ୍ଟୋ କରେନ୍ସିକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଯିବା ପ୍ରସଙ୍ଗରେ ଏହି ଦୁଇ ଦିବସୀୟ ବୈଠକରେ କୌଣସି ଆଲୋଚନା ହୋଇନାହିଁ। ଜିଏସ୍‌ଟି ପରିଷଦ ପକ୍ଷରୁ ମନ୍ତ୍ରୀ ଗୋଷ୍ଠୀଙ୍କୁ ଜୁଲାଇ ୧୫ ସୁଦ୍ଧା ଘୋଡ଼ାଦୌଡ଼, ଅନ୍‌ଲାଇନ୍ ଗେମିଂ, କ୍ୟାସିନୋ ଉପରେ ଟିକସ ଦର ନିର୍ଦ୍ଧାରଣ କରିବାକୁ କୁହାଯାଇଥିବା ସୀତାରମଣ କହିଛନ୍ତି।

### ପ୍ରି-ପ୍ୟାକେଜ୍ଡ ଖାଦ୍ୟପଦାର୍ଥ ଉପରେ ୫% ଜିଏସ୍‌ଟି

ମଙ୍ଗଳବାର ଅର୍ଥାତ୍ ବୈଠକର ପ୍ରଥମ ଦିନରେ ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ବୈଠକ ଅନୁସାରେ ପ୍ରି-ପ୍ୟାକେଜ୍ଡ ଏବଂ ଲେବୁଲ୍ଡ ଅଟା ଓ ଚାଉଳ ଉପରେ ୫% ଟ୍ୟାକ୍ସ ଲଗାଯିବ। ଅଣ-ବ୍ରାଣ୍ଡେଡ୍ ଅଟା ଓ ଚାଉଳ ଉପରେ ମଧ୍ୟ ଏହି ଟିକସ ଲାଗୁ ହେବ। ଏହାଛଡ଼ା ମାଛ, ମାଂସ, ଦହି, ପନିର ଭଳି ପ୍ରି-ପ୍ୟାକେଜ୍ଡ ଏବଂ ଲେବୁଲ୍ଡ ଖାଦ୍ୟ ପଦାର୍ଥ ଉପରେ ମଧ୍ୟ ୫% ଟ୍ୟାକ୍ସ ଲାଗୁ କରାଯିବ। ପ୍ରତିଦିନ ୫୦୦୦ ଟଙ୍କାରୁ ଅଧିକ ଚାର୍ଜ ହେଉଥିବା ହସ୍ପିଟାଲ ରୁମ୍‌ଗୁଡ଼ିକର(ଆଇସିୟୁ ବ୍ୟତୀତ) ଭଡ଼ା ଉପରେ ୫% ଜିଏସ୍‌ଟି ଲଗାଇବା ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିଲା। ଏହାଛଡ଼ା ପ୍ରତିଦିନ ୧୦୦୦ ଟଙ୍କାରୁ କମ୍ ଭଡ଼ା ନେଉଥିବା ହୋଟେଲ ରୁମ୍ ଉପରେ ୧୨% ଜିଏସ୍‌ଟି ଲଗାଯିବ। ଏହାବ୍ୟତୀତ ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ ଅଣସଂଗଠିତ କ୍ଷେତ୍ରକୁ ଅଗ୍ରାଧିକାର ଦେବା ପାଇଁ ଛୋଟଛୋଟ ଅନ୍‌ଲାଇନ୍ କାରବାର ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ହେବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ୨୦୨୩ ଜାନୁୟାରୀ ପହିଲାରୁ ଏହି ଆଇନରେ ପରିବର୍ତ୍ତନ ଆଣାଯିବ। କାଉନ୍‌ସିଲ୍ ସୂଚନା ଅନୁସାରେ ଏହି ନିଷ୍ପତ୍ତି ଦ୍ୱାରା ୧,୨୦,୦୦୦ କ୍ଷୁଦ୍ର ବ୍ୟବସାୟୀ ଲାଭବାନ ହୋଇପାରିବେ। ଏହାବ୍ୟତୀତ କମ୍ପୋଜିସନ୍ ଡିଲରଙ୍କୁ ଇ-କମର୍ସ ଅପରେଟର ମାଧ୍ୟମରେ ଇଣ୍ଟରଷ୍ଟେଟ୍ ଯୋଗାଣ ପାଇଁ ମଧ୍ୟ ଅନୁମତି ମିଳିଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...........................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ମନ
ଚୋର ଗଣ୍ଡିରେ ।**

ଚୋର ମନ ସର୍ବଦା ଚୋରି ପାଇଁ ଫନ୍ଦି ଫିକରରେ ବ୍ୟସ୍ତ ଥାଏ। ନୀଚ ଲୋକର ନୀଚ କାମରେ ଆସକ୍ତି। ଯାହାର ଯେଉଁ କାମ, ତା'ର ମନ ସେଇଠି ରହିଥାଏ। ଯଥାର୍ଥରେ ଏପରି ବ୍ୟକ୍ତିଙ୍କର ଚରିତ୍ର ବଦଳିବା ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚେକି ଆମ୍ବ ଗଛ ଛାଇ
ନୂଆବୋହୂ ମୋର ଭାରି ଛଇଳି ଲୋ
ବୁଲୁଥାଇ ସାଇ ସାଇ।**

ଶାଶୂଘରେ ନୂଆକରି ପାଦ ଦେଇଥିବା ବୋହୂ ନିଜର ସଂସ୍କାରଠୁ ଦୂରେଇ ନ ଯିବା ଉଚିତ। ଶାଶୂଘରର ମାନ ମର୍ଯ୍ୟାଦା ରକ୍ଷା କରିବା ତା'ର ପରମ କର୍ତ୍ତବ୍ୟ ଓ ଦାୟିତ୍ୱ ହୋଇଥାଏ। ଏଥିରୁ ବ୍ୟତିକ୍ରମ ଘଟିଲେ ଶାଶୂଘରର ସଦସ୍ୟଙ୍କଠାରୁ ନାନା କଟୁକଥା ଶୁଣିବାକୁ ପଡୁଥିବାବେଳେ ନୂଆବୋହୂର ଛଇଛଟକି ଭାବ ପ୍ରତି ଏଭଳି ଆକ୍ଷେପ ଭରା ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲିଃ.

# କୀଟନାଶକ ପିଇ ଆତ୍ମହତ୍ୟା କଲେ ଭଗବାନ

## ଚାଷୀଙ୍କୁ ଅସହ୍ୟ ହେଲା ଋଣ ଭାର

ସୋନପୁର/ଡୁଙ୍ଗୁରିପାଲି, ୨୯।୬(ନି.ପ୍ର./ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚୁନିଆଁମୁଣ୍ଡା ଗାଁର ଚାଷୀ ଭଗବାନ ଯୁଆଡି(୫୬) କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ଋଣ ଭାର ଅସହ୍ୟ ହେବାରୁ ସେ ଏଭଳି ଚରମ ପଦକ୍ଷେପ ନେଇଥିବା ଜାଣିବାକୁ ମିଳିଛି। ପ୍ରକାଶ ଯେ, ମଙ୍ଗଳବାର ଭଗବାନ ଜମିକୁ ଧାନ ତଳି ପକାଇବା ପାଇଁ ଯାଇଥିଲେ। ସେଠାରେ ସେ କୀଟନାଶକ ପିଇ ଦେଇଥିଲେ। ପରିବାର ଲୋକେ ଏହା ଜାଣିବା ପରେ ଏକ ଅଟୋରେ ତାଙ୍କୁ ଡୁଙ୍ଗୁରିପାଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଅପରାହ୍ଣରେ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ପରିବାର ଲୋକଙ୍କ କହିବା ଅନୁଯାୟୀ ଭଗବାନ ଷ୍ଟେଟ୍ ବ୍ୟାଙ୍କ, ଗ୍ରାମ୍ୟ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଓ ସାହୁକାରଙ୍କ ନିକଟରୁ ପ୍ରାୟ ୮ଲକ୍ଷ ଟଙ୍କା ଋଣ କରିଥିଲେ। ଚାଷ ଭଲ ନ ହେବାରୁ ଋଣ ଶୁଝି ପାରୁ ନ ଥିଲେ। ବ୍ୟାଙ୍କ ଓ ସାହୁକାରଙ୍କ ତାଗିଦ୍‌କୁ ନେଇ ସେ ଚିନ୍ତାରେ ଥିଲେ। ଶେଷରେ ମାନସିକ ଭାରସାମ୍ୟ ହରାଇ ସେ କୀଟନାଶକ ପିଇ ଦେଇଥିଲେ। ସୂଚନାଯୋଗ୍ୟ,୪ ପୁଅ, ସ୍ତ୍ରୀ, ପୁତ୍ର ବଧୂ, ନାତୁଣୀ ଓ ନାତିଙ୍କୁ ନେଇ ଭଗବାନଙ୍କ ବଡ ପରିବାର। ଚାଷ କାର୍ଯ୍ୟ କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ଗତ ରବିରେ ସେ ୪ ଏକର ଜମିରେ ଧାନ ଚାଷ କରିଥିଲେ। ଧାନ ଅମଳ ପରେ ସହଲା ପାକ୍ସରେ ସେ ୪୦କୁଇଣ୍ଟାଲ ୪କିଲୋ ଧାନ ବିକ୍ରି କରିଛନ୍ତି। ତେବେ ସାଟେଲାଇଟ୍ ସର୍ଭେରେ କିଛି ଜମି ପଡିଆ ପଡିଥିବା ଦର୍ଶାଇବାରୁ କମ୍ ଧାନ ବିକ୍ରି ପାଇଁ ଟୋକନ୍ ଆସିଥିଲା। ତେଣୁ ପରିବାର କେମିତି ଚଳାଇବେ ଓ ଋଣ କେମିତି ଶୁଝିବେ ସେଥିପାଇଁ ଅଧିକାଂଶ ସମୟ ବିବ୍ରତ ଅବସ୍ଥାରେ ରହୁଥିଲେ। ଗାଁ ଶ୍ମଶାନରେ ମୃତ ଚାଷୀଙ୍କ ଶବ ସତ୍କାର କରାଯାଇଛି। ତେବେ କୌଣସି ପ୍ରଶାସନିକ ଅଧିକାରୀ ମୃତ ଚାଷୀଙ୍କ ପରିବାର ନିକଟରେ ପହଞ୍ଚି ନ ଥିବା ଜଣାପଡିଛି। ଭଗବାନଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଦାବି ହେଉଛି।


ଭଗବାନ ଯୁଆଡି

# ସ୍ତ୍ରୀଙ୍କୁ କୁରାଢ଼ୀରେ ହାଣିଲେ ସନ୍ଦେହୀ ସ୍ୱାମୀ

ବାରିପଦା ଅଫିସ/ରାଇରଙ୍ଗପୁର, ୨୯।୬ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ତିରିଂ ଥାନା ଅଧୀନ ଡଲାଙ୍ଗୁରୀ ଗ୍ରାମରେ ମଙ୍ଗଳବାର ରାତିରେ ଏକ ନୃଶଂସ ହତ୍ୟାକାଣ୍ଡ ଘଟିଛି। ଚରିତ୍ରକୁ ସନ୍ଦେହ କରି ସ୍ତ୍ରୀଙ୍କୁ କୁରାଢ଼ୀରେ ହାଣି ସ୍ୱାମୀ ହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୃତ ମହିଳା ଜଣକ ହେଲେ ଦେଓଲା ବାସ୍କେ। ପୋଲିସ ଅଭିଯୁକ୍ତ ସ୍ୱାମୀ ବୁଢ଼ାନଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଦେଓଲା ଫୋନ୍‌ରେ କଥା ହେଉଥିଲେ। ଏହି ସମୟରେ ବୁଢ଼ାନ ପହଞ୍ଚି କାହା ସହିତ କଥା ହେଉଛ ବୋଲି ପଚାରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବୁଢ଼ାନ ଏକ କାଠ ଫାଳିଆରେ ପିଟିବାରୁ ଦେଓଲା ଅଚେତ ହୋଇ ପଡ଼ିଥିଲେ। ପରେ ସେ ଏକ କୁରାଢ଼ୀରେ ହାଣି ଦେଓଲାଙ୍କୁ ହତ୍ୟା କରିଥିଲେ। ବୁଧବାର ସକାଳେ ଘଟଣା ଜଣାପଡ଼ିବା ପରେ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୬୮/୨୨) ରୁଜୁ ହୋଇଛି। ହତ୍ୟାରେ ବ୍ୟବହୃତ କାଠଫାଳିଆ ଓ କୁରାଢ଼ୀକୁ ପୋଲିସ ଜବତ କରିଛି।

# ସରପଞ୍ଚଙ୍କ ଗଳା କାଟି ହତ୍ୟା କଲେ ମାଓବାଦୀ

ମାଲକାନଗିରି,୨୯।୬ (ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲାରେ ମାଓବାଦୀମାନେ ଜଣେ ସରପଞ୍ଚଙ୍କୁ ଗଳାକାଟି ହତ୍ୟା କରିଛନ୍ତି। ପୋଲିସ ଇନଫର୍ମର ସନ୍ଦେହରେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡିଛି। ତାଙ୍କ ନାମ ପତିରାମ କୁଡିୟମ। ଜିଲାର ରତୟୋନାର ଥାନା ଅଞ୍ଚଳରେ ଏପରି ଘଟିଛି। ମଙ୍ଗଳବାର ରାତିରେ ୧୨ରୁ ଅଧିକ ସଶସ୍ତ୍ର ମାଓବାଦୀ ମୋରମେଡ ଗ୍ରାମକୁ ଆସି ସରପଞ୍ଚ ପତିରାମଙ୍କୁ ଘରୁ ଡାକି ଜଙ୍ଗଲକୁ ନେଇଯାଇଥିଲେ। ସେଠାରେ ସେ ପୋଲିସର ଇନଫର୍ମର ସାଜିଥିବା ଆରୋପ କରି ତାଙ୍କ ଗଳାକାଟି ହତ୍ୟା କରି ମାଓବାଦୀମାନେ ଚାଲିଯାଇଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ମାଓବାଦୀମାନେ ସରପଞ୍ଚଙ୍କ ପରିବାରକୁ ଟାର୍ଗେଟ କରି ଦୁଇଜଣଙ୍କୁ ହତ୍ୟା କରିଥିଲେ। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଗଛରେ ପ୍ରେମୀ ଯୁଗଳଙ୍କ ଝୁଲନ୍ତା ମୃତଦେହ

## ବିବାହ ପାଇଁ ରାଜି ନ ଥିଲେ ପରିବାର

ଡାବୁଗାଁ, ୨୯।୬ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଜବାଗୁଡା ଗ୍ରାମ ନିକଟ କାଜୁ ବଗିଚାରୁ ପ୍ରେମୀ ଯୁଗଳଙ୍କ ମୃତଦେହ ଡାବୁଗାଁ ପୋଲିସ ବୁଧବାର ଉଦ୍ଧାର କରିଛି। ସେମାନେ ସମ୍ପର୍କୀୟ ଅଟନ୍ତି। ଝିଅଟିର ବୟସ ପୁଅଙ୍କଠାରୁ ଅଧିକ ଥିବାରୁ ପରିବାର ଲୋକେ ବିବାହ ପାଇଁ ରାଜି ହୋଇ ନ ଥିଲେ। ତେଣୁ ଉଭୟ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଉକ୍ତ ଯୁବତୀ ତାଙ୍କ ସାନ ଭଉଣୀର ଶାଶୁ ଘରକୁ ଯିବା ଆସିବା କରନ୍ତି। ଏହି ସମୟରେ ଭଉଣୀର ନାବାଳକ ଦିଅର ଓ ଉକ୍ତ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ୨ ଜଣ ବିବାହ କରିବା ପାଇଁ ସ୍ଥିର କରିଥିଲେ। କିନ୍ତୁ ଉଭୟ ପରିବାର ଏଥିରେ ରାଜି ହୋଇ ନ ଥିଲେ। ମଙ୍ଗଳବାର ଉକ୍ତ ନାବାଳକ ସାଇକେଲରେ ପ୍ରେମିକାଙ୍କ ଘରକୁ ଯାଇଥିଲେ। ସେଠାରୁ ଉଭୟ ଜବାଗୁଡ଼ା ନିକଟ କାଜୁ ବଗିଚା ଅଭିମୁଖେ ଯାଇଥିଲେ। ବୁଧବାର ସକାଳୁ ଉକ୍ତ କାଜୁ ବଗିଚାରେ ସେମାନଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଛତୁ ସଂଗ୍ରହ କରିବାକୁ ଯାଇଥିବା ମହିଳାମାନେ ଗୋଟିଏ ଓଢ଼ଣିରେ ଉଭୟ ଝୁଲୁଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ମଧ୍ୟ ଖବରପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଭୟ ପରିବାର ପକ୍ଷରୁ ଡାବୁଗାଁ ଥାନାରେ ଏତଲା ଦିଆଯାଇଥିଲା। ଡାବୁଗାଁ ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା, ସବ୍‌ଇନ୍ସପେକ୍ଟର କୁଳଭୂଷଣ ନାୟକ ଓ ମେନକା ସା ଓ ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହକୁ ଗଛ ତଳକୁ ଓହ୍ଲାଇ ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ବ୍ୟବଚ୍ଛେଦ ପରେ ବରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନା କେସ ନଂ ୧୩/୨୨ ଓ ୧୪/୨୨ରେ ପୋଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି।


# classifieds Everyday
0674-2580101, 2549302


real estate
REAL ESTATE

**SALE**

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/- .8114929186.** D-73925

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita- 9853150290. D-73271

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରତାରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଛି। 9994968742.** D-73267

Khordha Municipalityରେ PN College- Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**ନନ୍ଦନକାନନ Backside ଚନ୍ଦକା-ତ୍ରିଶୂଳିଆ ବାଇପାସ୍ Road ପାଖରେ well developed ସ୍ଥିତିବାନ plots sqft. 900/- ରେ କିଣନ୍ତୁ- 9348767829, 8018603523.** D-73272

Two bedroom flat super built-up area 1400 sqft. -Rs.70 lakhs and 1143 sqft.- Rs.60 lakhs, near AIIMS Hospital, Bhubaneswar for sale (Price is negotiable). Contact: 6370787844. D-73835

Low cost plot near ସାକ୍ଷୀଗୋପାଳ, ପୁରୀ, କଟକ, IIT ଅରଗୁଳ ପାଖରେ Immediate possession road ସହିତ ମିଳୁଛି। 9692213354. D-73927


healthcare

Mesmerizing, energetic body, mind qualitative relaxing massage experienced therapists. 9668374480. D-73610

**Relax, refresh your body, mind at Saikrupa Spa with best therapies. 8984068077.** D-805

Newly open full body massage ladies and gents. 8327740003, 8093860513. D-73926


astrology

ପାରିବାରିକ କଳହ, ଜମିବାଡ଼ି ବିବାଦ, ଘରତିଆରିରେ ବାସ୍ତୁଦୋଷ, ପାଠପଢ଼ାରେ ଅବହେଳା ଥିଲେ ଜ୍ୟୋତିଷ ବିଜ୍ଞାନ, ବାସ୍ତୁ ବିଜ୍ଞାନ, ସଂଖ୍ୟା ବିଜ୍ଞାନ ଦ୍ୱାରା ସମାଧାନ ଓ ଗ୍ରହଶାନ୍ତି ବୈଦିକ ପଦ୍ଧତିରେ କରାଯାଏ। ନମ୍ବର ବୁକିଂ ପାଇଁ ଯୋଗାଯୋଗ କରନ୍ତୁ- 9114336358, ସପ୍ତଶତୀମନ୍ଦିର ନିକଟ, ପଳାଶୁଣୀ, ଭୁବନେଶ୍ୱର । ଧ-୭୩୩୨୮

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ସ୍ତ୍ରୀଙ୍କୁ କଟୁରୀରେ ହାଣି ବିଷ ପିଇ ଦେଲେ ସ୍ୱାମୀ

ସିମୁଳିଆ, ୨୯।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ଥାନା ଖଇରା ବ୍ଲକ ଅନ୍ତରା ପଞ୍ଚାୟତ ଅଧୀନ ପାର୍ତା ଅଞ୍ଚଳରେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଧାରୁଆ କଟୁରୀରେ ହାଣି ହତ୍ୟା କରିବା ପରେ ନିଜେ ବିଷ ପିଇଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗୁରୁତର ଅବସ୍ଥାରେ ସ୍ୱାମୀଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ପାରିବାରିକ କଳହକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅପରାହ୍ନ ସମୟରେ ମନୋରଞ୍ଜନ ଦାସ ଓ ତାଙ୍କ ସ୍ତ୍ରୀ ଯଶୋଦାଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ଏଥିରେ ମନୋରଞ୍ଜନ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ କଟୁରୀରେ ଯଶୋଦାଙ୍କ ମୁଣ୍ଡ ଓ ବେକକୁ ହାଣି ପକାଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଯଶୋଦାଙ୍କ ମୃତ୍ୟୁ ହେବା ପରେ ମନୋରଞ୍ଜନ ବିଷପିଇ ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଗୁରୁତର ଅବସ୍ଥାରେ ମନୋରଞ୍ଜନଙ୍କୁ ମେଡ଼ିକାଲରେ ଭର୍ତ୍ତି କରିଛି। ସେ ସୁସ୍ଥ ହେବା ପରେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ଥାନା ଅଧିକାରୀ ଜୟନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

# ୭ ଯୋଡ଼ା ଟ୍ରେନର ପୁନଃ ପ୍ରଚଳନ

ଭୁବନେଶ୍ୱର,୨୯।୬: ଲକଡାଉନ ସମୟରେ ବାତିଲ ହୋଇଥିବା କିଛି ଟ୍ରେନ୍ ପୁନ ପ୍ରଚଳନ ପାଇଁ ନିକଟରେ ଓଡିଶା ଗସ୍ତରେ ଆସିଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୂର୍ବତଟ ରେଳପଥର ୪ଯୋଡି ଟ୍ରେନ୍ ପୁନ ପ୍ରଚଳନ କରିବାକୁ ଘୋଷଣା କରିଥିଲେ। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଏହା ଅଧୀନରେ ୭ ଯୋଡି ଟ୍ରେନକୁ ପୁନ ପ୍ରଚଳନ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଛି। ଉକ୍ତ ଟ୍ରେନ୍ ଗୁଡିକ ହେଉଛି ପୁରୀ-ସାଇ ନାଗର ସିରିଡ଼ି-ପୁରୀ ଏକ୍ସପ୍ରେସ, ପୁରୀ-ପାରାଦୀପ-ପୁରୀ ଏକ୍ସପ୍ରେସ, କଟକ-ଭଦ୍ରକ-କଟକ ମେମୁ ସ୍ପେଶାଲ, ବିଶାଖାପାଟନମ୍-କୋରାପୁଟ-ବିଶାଖାପାଟନମ୍ ଇଣ୍ଟରସିଟି, ବିଶାଖାପାଟନମ୍-ବ୍ରହ୍ମପୁର-ବିଶାଖାପାଟଣା ଏକ୍ସପ୍ରେସ, କଟକ-ପଲାସା-କଟକ ସ୍ପେଶାଲ୍ ଏବଂ ପୁରୀ-ତାଳଚେର-ପୁରୀ ମେମୁ ସ୍ପେଶାଲର ନାମ ରହିଛି। ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଛାଡୁଥିବା ଟ୍ରେନ ମାନଙ୍କରେ ୧୦୦% ଲିନେନ-ବେଡ଼ ରୋଲ ସେବା ପ୍ରଚଳନ କରାଯାଇଛି। ପୂର୍ବତଟ ରେଳପଥ ପରିସୀମାରୁ ଛାଡୁଥିବା ସମସ୍ତ ୬୩ଟି ଟ୍ରେନରେ ଏହି ସୁବିଧା ପୁନ ଆରମ୍ଭ ହୋଇସାରିଛି। କୋଭିଡ ୧୯ ସଂକ୍ରମଣର ଶୃଙ୍ଖଳା ଭାଙ୍ଗିବା ପାଇଁ ଟ୍ରେନ ମାନଙ୍କରେ ଲିନେନ-ବେଡ଼ ରୋଲ ସେବା ପ୍ରତ୍ୟାହାର କରାଯାଇଥିଲା।

## ପ୍ରଥମ ପୃଷ୍ଠାରୁ...

### ଆସ୍ଥା ପୂର୍ବରୁ ...

ସୁପ୍ରିମକୋର୍ଟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜେ.ବି. ପର୍ଡିୱାଲାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ। ଏଥିସହିତ ଜେଲରେ ଥିବା ଏନ୍‌ସିପି ବିଧାୟକ ନୱାବ ମଲ୍ଲିକ ଏବଂ ଅନିଲ୍ ଦେଶମୁଖ୍‌ଙ୍କୁ ଆସ୍ଥା ଭୋଟରେ ସାମିଲ୍ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଆସ୍ଥା ଭୋଟକୁ ଉଦ୍ଧବ ଅପେକ୍ଷା ନ କରି ଉଭୟ ମୁଖ୍ୟମନ୍ତ୍ରୀ ଏବଂ ମହାରାଷ୍ଟ୍ର ବିଧାନ ପରିଷଦ ସଦସ୍ୟତା ପଦରୁ ଇସ୍ତଫା ଦେଇଛନ୍ତି। ଏହା ପୂର୍ବରୁ ଉଦ୍ଧବ ଫେସ୍‌ବୁକ୍ ଲାଇଭ୍‌ରେ ଭାବବିହ୍ୱଳ ଉଦ୍‌ବୋଧନ ଦେଇ ଉଭୟ ଏନ୍‌ସିପି ମୁଖ୍ୟ ଶରଦ ପାୱାର ଏବଂ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହ ଔରଙ୍ଗାବାଦ ସହରକୁ ସମ୍ଭାଜୀନଗର ଏବଂ ଓସ୍ମାନାବାଦ୍ ସହରକୁ ଧରାଶିବ ଭାବେ ନାମିତ କରାଯାଇଥିବା ବିଷୟକୁ ଉଲ୍ଲେଖ କରି ବାଲାସାହେବ ଠାକ୍‌ରେଙ୍କ ସ୍ୱପ୍ନ ପୂରଣ କରିଥିବା କହିଥିଲେ।

ସୂଚନା ଥାଉକି, ରାଜ୍ୟପାଳ ବୁଧବାର ପୂର୍ବାହ୍ନରେ ଆସ୍ଥା ଭୋଟ ପାଇଁ ନିର୍ଦ୍ଦେଶ ଦେବା ପରେ ଏହାକୁ ଚ୍ୟାଲେଞ୍ଜ କରି ଶିବସେନା ପକ୍ଷରୁ ମୁଖ୍ୟ ସଚେତକ ସୁନୀଲ ପ୍ରଭୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶିବସେନା ପକ୍ଷରୁ ଆଇନଜୀବୀ ଅଭିଷେକ ମନୁ ସିଂଘଭି ସର୍ବୋଚ୍ଚ ଅଦାଲତରେ ରାଜ୍ୟପାଳଙ୍କ ଆସ୍ଥା ଭୋଟ ନିର୍ଦ୍ଦେଶକୁ ଅଯୌକ୍ତିକ ବୋଲି ଦର୍ଶାଇଥିଲେ। ତେବେ ଆସ୍ଥା ଭୋଟ ଏବଂ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ସହ କ'ଣ ସମ୍ପର୍କ ରହିଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସିଂଘଭି କହିଥିଲେ, ୧୬ଜଣ ଶିବସେନା ବିଦ୍ରୋହୀ ବିଧାୟକଙ୍କ ସଭ୍ୟପଦକୁ ଗତ ୨୨ତାରିଖରେ ଉପବାଚସ୍ପତି ରଦ୍ଦ କରିଛନ୍ତି। ଏହାକୁ ବିରୋଧ କରି ବିଦ୍ରୋହୀ ବିଧାୟକମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲାରେ ବିଦ୍ରୋହୀ ବିଧାୟକଙ୍କୁ ଆସନ୍ତା ୧୨ତାରିଖ ପର୍ଯ୍ୟନ୍ତ ଆଶ୍ୱସ୍ତି ଦିଆଯାଇଛି। ଏସମ୍ପର୍କିତ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୧ରେ ହେବାକୁ ଥିବାବେଳେ ଜୁନ୍ ୩୦ରେ ଆସ୍ଥାଭୋଟ ପାଇଁ ରାଜ୍ୟପାଳ ନିର୍ଦ୍ଦେଶ ଦେବା ବେଆଇନ ବୋଲି ସିଙ୍ଘଭି ଯୁକ୍ତି ବାଢ଼ିଥିଲେ। ଜୁଲାଇ ୧୧ରେ ସଭ୍ୟପଦ ରଦ୍ଦ ସମ୍ପର୍କିତ ଆବେଦନ ଶୁଣାଣି ପୂର୍ବରୁ ଉପବାଚସ୍ପତି ମଧ୍ୟ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ। ଏପରି କି ଜୁଲାଇ ୧୧ରେ ସର୍ବୋଚ୍ଚ ଅଦାଲତଙ୍କ ମତ ବଦଳି ପାରେ ବା ନ ପାରେ। ତେଣୁ ଏହା ପୂର୍ବରୁ ୩୦ରେ ସେହି ବିଦ୍ରୋହୀ ବିଧାୟକଙ୍କୁ ଭୋଟ ଦେବାକୁ କିପରି ଅନୁମତି ଦିଆଯିବ ବୋଲି ସିଙ୍ଘଭି ପ୍ରଶ୍ନ କରିଥିଲେ। ଏଥିସହିତ ଯଦି ଗୁରୁବାର ଆସ୍ଥା ଭୋଟ ନ ହେବ ତେବେ ସ୍ୱର୍ଗ ଭୁଶୁଡ଼ି ପଡ଼ିବନି। ତେଣୁ ଜୁଲାଇ ୧୧ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାହିଁକି ଅପେକ୍ଷା କରାଯାଉ ନାହିଁ ବୋଲି ସିଙ୍ଘଭି କହିଥିଲେ। ଏବେ ଏନ୍‌ସିପିର ୨ଜଣ ବିଧାୟକ କୋଭିଡ୍ ସଂକ୍ରମିତ ଏବଂ ୨ଜଣ କଂଗ୍ରେସ ବିଧାୟକ ବିଦେଶ ଗସ୍ତରେ ଥିବାବେଳେ ଆସ୍ଥା ଭୋଟ କରାଯିବା ସମୀଚିନ ନୁହେଁ। ଆଇନ ଅନୁଯାୟୀ ତ୍ରୁଟି ପାପ ସଦୃଶ ବୋଲି ସିଙ୍ଘଭି କହିଥିଲେ। ବିରୋଧୀଙ୍କ ପରାମର୍ଶ ଅନୁଯାୟୀ ରାଜ୍ୟପାଳ କାମ କରିବା ଠିକ୍ ନୁହେଁ। ମୁଖ୍ୟମନ୍ତ୍ରୀ ଏବଂ କ୍ୟାବିନେଟ ମନ୍ତ୍ରୀମାନଙ୍କ ସହ ଏନେଇ କୌଣସି ବିଚାରବିମର୍ଶ ମଧ୍ୟ କରାଯାଇ ନାହିଁ। ସଭ୍ୟପଦ ରଦ୍ଦ ହେବା ପରେ ବିଧାନସଭାର ସଦସ୍ୟ ରହି ନ ଥିବା ଜଣେ ବ୍ୟକ୍ତିଙ୍କୁ କିପରି ଭୋଟ ଦେବା ପାଇଁ ଅନୁମତି ଦିଆଯିବ ବୋଲି ସିଙ୍ଘଭି ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ ୩୪ ବିଧାୟକ ବିରୋଧୀ ଗୋଷ୍ଠୀରେ ଥିବା କାରଣରୁ ଆସ୍ଥା ଭୋଟକୁ ବିରୋଧ କରାଯାଉଛି କି ବୋଲି କୋର୍ଟ ପ୍ରଶ୍ନ କରିଥିଲେ । ଏଥିସହ ୩୪ ବିଧାୟକ କାହା ସପକ୍ଷରେ ରହିବେ ତାହା ରାଜ୍ୟପାଳଙ୍କ ବିଚାରାଧୀନ ନୁହେଁ ବୋଲି କହିଥିଲେ। ଅପରପକ୍ଷରେ ସିନ୍ଦେଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଏନ୍.କେ. ପଲ୍ କହିଥିଲେ ଯେ, ଗୋଟିଏ ଶାସକ ଦଳ ଆସ୍ଥା ଭୋଟ ପାଇଁ ଏତେ ଭୟ କରିବା କ୍ୱଚିତ୍ ଦେଖିବାକୁ ମିଳେ। ଆସ୍ଥା ଭୋଟ ଯେତେ ବିଳମ୍ବ ହେବ ସମ୍ବିଧାନ ଏବଂ ଗଣତନ୍ତ୍ର ମଧ୍ୟରେ ବିବାଦ ସେତିକି ବଢ଼ିବ ଏବଂ ଘୋଡ଼ା ବେପାର ହେବାର ସମ୍ଭାବନା ଅଧିକ ରହିବ ବୋଲି ପଲ୍ ଯୁକ୍ତି ବାଢ଼ିଥିଲେ।

### ଅଗଷ୍ଟ୬ରେଉପରାଷ୍ଟ୍ରପତି...

ପାଇଛି। ତଦନୁଯାୟୀ ଜୁଲାଇ ୫ରେ ବିଜ୍ଞପ୍ତି ପ୍ରକାଶ ପାଇବ ଏବଂ ସେହିଦିନଠାରୁ ଜୁଲାଇ ୧୯ ଯାଏ ପ୍ରାର୍ଥୀପତ୍ର ଦାଖଲ ହେବ। ୨୦ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୨୨ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ନିମନ୍ତେ ଦିନଧାର୍ଯ୍ୟ ହୋଇଛି। ଯଦି ଆବଶ୍ୟକ ହୁଏ ତା'ହେଲେ ଅଗଷ୍ଟ ୬ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ଯାଏ ଭୋଟଗ୍ରହଣ କରାଯିବ ଏବଂ ସନ୍ଧ୍ୟାରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ।

ସମ୍ବିଧାନର ଧାରା ୬୬ ଅନୁଯାୟୀ ଉଭୟ ରାଜ୍ୟ ସଭା ଓ ଲୋକ ସଭାର ସଦସ୍ୟମାନଙ୍କୁ ନେଇ ଗଠିତ ଇଲେକ୍ଟୋରାଲ କଲେଜ ଦ୍ୱାରା ଉପରାଷ୍ଟ୍ରପତି ନିର୍ବାଚିତ ହେବେ। ବର୍ତ୍ତମାନ ଇଲେକ୍ଟୋରାଲ କଲେଜ ସଦସ୍ୟ ସଂଖ୍ୟା ହେଉଛି ୭୮୮। ସେଥିମଧ୍ୟରେ ରାଜ୍ୟ ସଭାର ୨୩୩ ନିର୍ବାଚିତ ଏବଂ ୧୨ ମନୋନୀତ ସଦସ୍ୟ ସମେତ ଲୋକ ସଭାର ୫୪୩ ନିର୍ବାଚିତ ସଦସ୍ୟ ରହିଛନ୍ତି। ଏହି ନିର୍ବାଚନରେ ପ୍ରତ୍ୟେକ ଭୋଟରଙ୍କ ମୂଲ୍ୟ ସମାନ ଅର୍ଥାତ୍ ୧ ଭାବେ ଗଣତି ହେବ।

### ଔରଙ୍ଗାବାଦ ହେଲା ...

ଚାପ ସୃଷ୍ଟି କରିଥିଲେ। କିନ୍ତୁ ଉଦ୍ଧବ ୨ ସହରର ନାମ ପରିବର୍ତ୍ତନ ମାଧ୍ୟମରେ ଶେଷ ସମୟରେ ହିନ୍ଦୁ କାର୍ଡ ଖେଳି ବିଦ୍ରୋହୀଙ୍କୁ ଜବାବ ଦେଇଛନ୍ତି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ କ୍ୟାବିନେଟ୍ ବୈଠକ ଶେଷରେ ଉଦ୍ଧବ ସମସ୍ତଙ୍କୁ ଅଢ଼େଇ ବର୍ଷ ଶାସନ ପାଇଁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଏନ୍‌ସିପି ଏବଂ କଂଗ୍ରେସ ସହଯୋଗ କରିଥିଲେ ମଧ୍ୟ ନିଜ ଲୋକ ବିଶ୍ୱାସଘାତ କରିଛନ୍ତି ବୋଲି ଉଦ୍ଧବ କହିଛନ୍ତି। ଏଥିରୁ ସେ ଆସ୍ଥାଭୋଟ ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇପାରନ୍ତି ବୋଲି ଯାହା ଚର୍ଚ୍ଚା ହୋଇଥିଲା ତାହା କିଛି ଘଣ୍ଟା ପରେ ସତ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁ ପରିଜନଙ୍କ ସ୍ନେହ, ଶ୍ରଦ୍ଧା ଆଦର ପାଇ ମନର ଦୁଃଖକୁ ଲାଘବ କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ସାମାନ୍ୟ ଭୁଲରୁ କିମ୍ବା ଭାବପ୍ରବଣତାରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ସତ୍‌ସଙ୍ଗ, ଆନୁଷ୍ଠାନିକ କାମ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। ସ୍ତ୍ରୀଙ୍କ ଅମନୋଯୋଗୀ ଓ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ।

**ବୃଷ** ପାରିବାରିକ ଅଶାନ୍ତିରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ଏହା ସାଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ସାଂସ୍କୃତିକ କାର୍ଯ୍ୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ରାଜନୈତିକ କ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ତତ୍ପରତା ଲାଗି ରହିପାରେ।

**ମିଥୁନ** ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି, ସେଥିରେ ବହୁତ ଖର୍ଚ୍ଚାନ୍ତ ହେବେ। ପିଲାମାନଙ୍କ ସମସ୍ୟାକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ମାମଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମର୍ଥିତ ହୋଇପାରନ୍ତି କିମ୍ବା ହିତୈଷୀଙ୍କ ସୁନଜରରେ ଆସିବା ସମ୍ଭାବନା ରହିଛି। ଅଶ୍ଲେଷା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ଅଭିଯୋଗ ପାଇବେ। ଖର୍ଚ୍ଚ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତା ଉଦ୍ରେକ ହୋଇପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ସିଂହ** ପରିସ୍ଥିତିକୁ ଯେତେ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆବୃତ୍ତି ଲାଭ କରିବେ। ନିଜର ବିଚକ୍ଷଣତା ପ୍ରଭାବରେ ଆଲୋଚନା ପରିସରରେ କିମ୍ବା ସଭାସମିତିରେ ସମ୍ମାନିତ ହୋଇପାରନ୍ତି। ରାଜନୈତିକ କ୍ଷେତ୍ରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**କନ୍ୟା** ଆଜି ସକାଳୁ ସକାଳୁ ବନ୍ଧୁମିଳନ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଦୂରେଇ ରହିବେ। ଆତ୍ମୀୟସ୍ୱଜନଙ୍କ କାର୍ଯ୍ୟକଳାପ ଆପଣଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ ତଥା ଆଇନ ଅଦାଳତରୁ ସୁଫଳ ପାଇବେ।

**ତୁଳା** ଅନ୍ୟମାନଙ୍କ ଉପରେ ନିର୍ଭର ନକରି ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ଦୈହିକ ଦୁର୍ବଳତା ଯୋଗୁଁ ମନୋବଳ କମି ଯାଇପାରେ। ଆର୍ଥିକ ସ୍ଥିତି ଭଲ ରହିଥିବାରୁ କାମଗୁଡିକ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ପାରିବାରିକ ସମସ୍ୟାକୁ ମନ ଭିତରେ ରଖି କାମ କରିବାକୁ ବାଧ୍ୟ ହେବେ।

**ବିଛା** ଅତୀତ ଘଟଣାକୁ ମନରେ ସ୍ଥାନ ଦେବା କାରଣରୁ ଦୁର୍ଭାବନା ବଢ଼ିଚାଲିବ। ମାନସିକ ଅସ୍ଥିରତା ଭିତରେ ଅପ୍ରିୟ ସତ୍ୟ କହି ବିବାଦୀୟ ହୋଇପାରନ୍ତି। ଅଧସ୍ତନ କର୍ମଚାରୀଙ୍କ ମନମୁଖି ଚିନ୍ତାଧାରା କେତେ ନୂତନ ସମସ୍ୟା ସୃଷ୍ଟି କରିପାରେ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ** ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସନ୍ତୁଳନ ନଷ୍ଟ କରିବାରେ ସହାୟକ ହୋଇପାରେ। ଆଜିର ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟ ହାସଲରେ ସମର୍ଥ ହୋଇ ପାରିବେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷା ଜନିତ କଷ୍ଟ ସ୍ୱୀକାର କରିବାକୁ ପଡିପାରେ। ନୂତନ ଧାତୁ, ଅଳଙ୍କାର, ବସ୍ତ୍ରଭୂଷଣାଦି ଲାଭ କରିବାର ସୁଯୋଗ ପାଇବେ।

**ମକର** ସମସ୍ୟା ଲାଗି ରହିବା ହେତୁ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟିର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଲକ୍ଷ୍ୟ କରାଯାଇପାରେ। ପୁତ୍ରକନ୍ୟାଙ୍କ ହେତୁକ ସାମୟିକ ସମସ୍ୟା ଲାଗି ରହିବ। ଦୂର ବନ୍ଧୁଙ୍କଠାରୁ ସୁସମ୍ବାଦ ପାଇବେ।

**କୁମ୍ଭ** ନିଜ ପରିସରର ପରିସ୍ଥିତି ପ୍ରତି ଦୃଷ୍ଟି ଦେଇ କାମ କରି ଚାଲିଲେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ବିଶେଷ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ଆଜିର ବ୍ୟବସାୟ, ବାଣିଜ୍ୟ ପ୍ରତିବନ୍ଧକ ମୁକ୍ତ ରହିବ। ବନ୍ଧୁମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି, ଏହା ଉଦ୍‌ବେଗର କାରଣ ହୋଇପାରେ।

**ମୀନ** ସମ୍ଭାବ୍ୟ ଅଘଟଣକୁ ବୁଦ୍ଧିମତ୍ତାର ସହ ଟାଳିଦେଇ ପାରିଥିବାରୁ ଟେନସନ୍ ଆଜି କମିଯିବ। ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପାରିବାରିକ କ୍ଷେତ୍ର ଭୋଗ ବିଳାସ ଓ ହସ ଖୁସିରେ ଅତିବାହିତ ହେବ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି।

### ଡଲାର ତୁଳନାରେ ଟଙ୍କା ...

ପୁଞ୍ଜି ବହିର୍ଗମନ ଏବଂ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଦ୍ୱାରା ଟଙ୍କା ମୂଲ୍ୟ ପ୍ରଭାବିତ ହୋଇଛି। ଆନ୍ତଃବ୍ୟାଙ୍କ ବୈଦେଶିକ ମୁଦ୍ରା ବଜାରରେ ବୁଧବାର କାରବାର ଆରମ୍ଭରେ ଟଙ୍କାର ମୂଲ୍ୟ ୭୮.୮୬ ଥିଲା। କାରବାର ସମୟରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ସର୍ବକାଳୀନ ସର୍ବନିମ୍ନ ୭୯.୦୫ ଛୁଇଁଥିଲା। ଶେଷରେ ଏହା ୭୯.୦୩ରେ ସ୍ଥିର ହୋଇଥିଲା। ଟଙ୍କା ଏଭଳି ସର୍ବକାଳୀନ ଦୁର୍ବଳ ହେବା ଯୋଗୁ ଷ୍ଟକ୍ ବଜାର କାରବାର ଗଭୀର ଭାବେ ପ୍ରଭାବିତ ହୋଇଥିଲା।

ନିଶ୍ଚିତ ଥାଅ– ଦିବ୍ୟଜନନୀ ତୁମ ସହିତ ସର୍ବଦା ରହିଛନ୍ତି। ସେ ତୁମକୁ ଜୀବନ–ଯାତ୍ରାରେ ପଥ ଦେଖାଇ ନେଇଯିବେ। ବହୁ ବାଧାବିଘ୍ନ ଆସିବ ଓ ଯିବ। କିନ୍ତୁ ଯେହେତୁ ସେ ତୁମ ପାଖେ ପାଖେ ଅଛନ୍ତି– ବିଜୟ ସୁନିଶ୍ଚିତ। **–ଶ୍ରୀଅରବିନ୍ଦ**

# ମଣିଷ, ପ୍ରାଣୀ ଓ ସଭ୍ୟତା



ଦେବଦତ୍ତ ପଟ୍ଟନାୟକ

ମାନବ ସମାଜ ସହ ପ୍ରାଣୀଙ୍କ ସମ୍ପର୍କ ବହୁ ପୁରୁଣା। ମାନବୀୟ ସହଯୋଗ ତଥା ପରସ୍ପର ସାହାଯ୍ୟଭିତ୍ତିକ ତଥା ବ୍ୟବସାୟିକ ସଂସ୍ଥାଗୁଡ଼ିକ ସହ ପ୍ରାଣୀମାନଙ୍କର ବି ନିବିଡ଼ ସମ୍ପର୍କ ରହିଛି। ପାଖାପାଖି ୪୫୦୦ ବର୍ଷ ପୂର୍ବେ ଭାରତର ଉତ୍ତରପଶ୍ଚିମରେ ହରପ୍ପା ସଭ୍ୟତାର ସହରଗୁଡ଼ିକରେ ପ୍ରତ୍ନତତ୍ତ୍ୱବିତ୍‌ମାନେ ପ୍ରାଣୀମାନଙ୍କ କଳାକୃତି ଛବି ଥିବା ପଥରର ଶହ ଶହ ମୋହର(ସିଲ୍) ପାଇଥିଲେ। ସେହି ଛବି ବା ଚିହ୍ନଗୁଡ଼ିକର ଗୁପ୍ତ ବାର୍ତ୍ତାକୁ ବୁଝି ଲୋକଲୋଚନକୁ ଅଣାଯିବା ଆବଶ୍ୟକ। ତେବେ ସ୍ପଷ୍ଟ ଯେ, ଇମୋଜି (ଚରିତ୍ରକୁ ପରିପ୍ରକାଶ କରୁଥିବା ଏକ ପ୍ରକାର ଛବି) ଭଳି ଚିହ୍ନ ସବୁ ସହରଗୁଡ଼ିକରେ ବାଣିଜ୍ୟ ସଂଚାଳନରେ କିଛି ଭୂମିକା ନେଉଥିଲା। ଉକ୍ତ ମୋହରଗୁଡ଼ିକ ମଧ୍ୟରୁ ଅନେକରେ କେବଳ ଜଙ୍ଗଲୀ ଜୀବ, ଯଥା ହାତୀ, ଗଣ୍ଡା, ସିଂହ, କୁଜଥିବା ମଇଁଷି,ଛେଳି, କୁଜଥିବା ଷଣ୍ଢଙ୍କ ଛବି ରହିଛି। ଏସବୁରେ ଗାଈର ଛବି କେଉଁଠି ବି ଦୃଷ୍ଟିଗୋଚର ହୁଏ ନାହିଁ। ସ୍ପଷ୍ଟତଃ, ଏଠାରେ ବନ୍ୟଜନ୍ତୁ ସ୍ୱାଧୀନତା ତଥା ସହଯୋଗକୁ ଇଙ୍ଗିତ କରୁଛି। ଏହାବ୍ୟତୀତ ତିନି ମୁଣ୍ଡ ଏକାଠି ଥିବା ପ୍ରାଣୀ କିମ୍ବା ବହୁପ୍ରକାର ବୃହତ୍ ପ୍ରାଣୀଙ୍କ ମିଶ୍ରିତ ଛବି ମଧ୍ୟ ସିଲ୍‌ଗୁଡ଼ିକରେ ଦେଖାଯାଏ। ସମ୍ଭବତଃ ବିଭିନ୍ନ ପ୍ରାଣୀଙ୍କୁ ଏକାଠି କରି ସିଲ୍‌ରେ ଯେଉଁ ଛବି କରାଯାଇଛି ତାହା ବିଭିନ୍ନ ମୁଷ୍ଟିମେୟ ଗୋଷ୍ଠୀର ସମାବେଶକୁ ସୂଚାଇଥାଏ। ଏହା କୌଣସି ନିର୍ଦ୍ଦିଷ୍ଟ ସଂଘକୁ ସମର୍ଥନ ନ କରି ସମସ୍ତ ସଂଘଗୁଡ଼ିକ ସହ ଜଡ଼ିତ ରହିଥିଲା ବୋଲି ବିଶ୍ୱାସ କରାଯାଏ, ଯାହା ଏକ ସାମଗ୍ରିକ ସହଯୋଗକୁ ପ୍ରତିପାଦିତ କରେ।

ଖ୍ରୀଷ୍ଟପୂର୍ବ ୧୯୦୦ ସୁଦ୍ଧା ହରପ୍ପାର ସହରଗୁଡ଼ିକ ପ୍ରାଧାନ୍ୟ ହରାଇଥିଲା। ଏହାର ୧ ହଜାରରୁ ଊର୍ଦ୍ଧ୍ୱ ବର୍ଷ ପରେ ବୈଦିକ୍ ସମୟରେ ଗାଙ୍ଗେୟ ସମତଳଅଞ୍ଚଳ ଭଲ ଭାବେ ବିକଶିତ ହୋଇପାରିଥିଲା। ସେଠାରେ ଆମେ ବିଭିନ୍ନ ଜାତି ଏବଂ ଗୋଷ୍ଠୀର ଲୋକଙ୍କୁ ଦେଖିବାକୁ ପାଉ। ପୁନଶ୍ଚ ସେଠାରେ ସେମାନେ ପ୍ରାଣୀଙ୍କ ରୂପାଙ୍କନ ବ୍ୟବହାର କରୁଥିବା ଲକ୍ଷ୍ୟ କରାଯାଏ। କିନ୍ତୁ ସେହି ସମୟରେ କୌଣସି ମୋହରରେ ପ୍ରାଣୀଙ୍କ ଛବି ଦେଖିବାକୁ ମିଳେନି। କେବଳ ଯାହା ସେମାନଙ୍କ ନାମ ଶୁଣିବାକୁ ମିଳେ। ଏହା ବ୍ୟତୀତ ରାମାୟଣରେ ଆମେ ନାଗ(ସାପ),ହସ୍ତୀ(ହାତୀ),ସୁପର୍ଣ୍ଣ(ପକ୍ଷୀ),ରିକ୍ଷା(ଭାଲୁ) ସମ୍ପର୍କରେ ଜାଣିବାକୁ ପାଉ। ଏମାନଙ୍କ ସମ୍ପର୍କରେ ରାମାୟଣରେ ବି ଭଲ ଭାବେ ବର୍ଣ୍ଣନା କରାଯାଇଛି। ଏଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ସମାଜର ଆଧାତ୍ମିକ ପ୍ରତୀକ, ବିଭିନ୍ନ ବର୍ଗର କୁଳଦେବତା, ଯାହାକୁ ଜନଜାତିମାନେ ସମ୍ମାନ କରୁଥିଲେ ଏବଂ ସେମାନଙ୍କ ପରିଚୟର ପ୍ରତୀକ ଭାବେ ବ୍ୟବହାର କରୁଥିଲେ। ତେବେ ବିଭିନ୍ନ ପ୍ରଜାତିର ପ୍ରାଣୀ ଯେଭଳି ପରସ୍ପର ସହ ମିଶନ୍ତି ନାହିଁ, ସେହିଭଳି ଏହି ସବୁ ବିଭିନ୍ନ ପ୍ରକାର ପ୍ରାଣୀଙ୍କ ପ୍ରତୀକ ଅଧୀନରେ ଥିବା ଜନଜାତିମାନେ ନିଜ ନିଜ ମଧ୍ୟରେ ବିବାହ କରୁ ନ ଥିଲେ। ବିଭିନ୍ନତାର ରୂପ ପ୍ରକାଶ ପାଇଥିଲା। ଯେଉଁଥିପାଇଁ ଅନେକ ଅଜବ ବାହାଘର କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗେ। ଜଣେ ନାଗ କନ୍ୟା ଜଣେ ମାନବ ସହ ପ୍ରେମ ସମ୍ପର୍କ ଗଢି ଉଠିଥିବା ଆମେ ଦେଖିବାକୁ ପାଉ। ଉଦାହରଣସ୍ୱରୂପ, କୃଷ୍ଣ ଜଣେ ଭଲ୍ଲୁକ ରାଜକନ୍ୟା ଜାମ୍ବବତୀଙ୍କୁ ବିବାହ କରିଛନ୍ତି। ରାବଣଙ୍କ ପୁତ୍ର ମେଘନାଦ ନାଗ ରାଜକୁମାରୀ ସୁଲୋଚନାଙ୍କୁ ବିବାହ କରିଛନ୍ତି। ସେହିଭଳି ନାଗ ରାଜକନ୍ୟା ଉଲୁପିଙ୍କୁ ବିବାହ କରିଛନ୍ତି ଅର୍ଜୁନ। ଏହି ସବୁ କାହାଣୀ ମନୁଷ୍ୟର ପ୍ରାଣୀ ପ୍ରବୃତ୍ତିକୁ ମଧ୍ୟ ମନେପକାଇଦିଏ। ପ୍ରାଣୀମାନଙ୍କର ଅଧିକାର କ୍ଷେତ୍ର ରହିଛି ଏବଂ ସେମାନେ 'କେବଳ ଯୋଗ୍ୟତମ ବଞ୍ଚିରହିବା'ନୀତିକୁ ନିଶ୍ଚିତ କରିବାକୁ ପଦାନୁକ୍ରମ ମଧ୍ୟ ପ୍ରତିଷ୍ଠା କରିବା ଭଳି ମନୁଷ୍ୟମାନଙ୍କର ସମ୍ପତ୍ତି ଓ ପଦକ୍ରମର ଅଧିକାର କ୍ଷେତ୍ର ରହିଛି। ବର୍ତ୍ତମାନ ଆମେ କର୍ପୋରେଟ ବିଶ୍ୱକୁ ଡଗ୍–ଇଟ୍– ଡଗ୍ ଏବଂ ର୍ୟାଟ୍ ରେସ୍ ଭାବେ ବର୍ଣ୍ଣନା କରି ମଣିଷକୁ ପ୍ରାଣୀମାନଙ୍କ ସହ ସମାନ କରିଦେଉଛୁ। ସମସ୍ତ ନେତାମାନଙ୍କୁ ଆମେ ଆଲଫା ପ୍ରିଡେଟର ଭାବେ ଦେଖୁଛୁ କିମ୍ବା ଯେଉଁମାନେ ସମ୍ପୂର୍ଣ୍ଣ ଆନୁଗତ୍ୟ ଦାବି କରନ୍ତି ସେମାନଙ୍କୁ ଆମେ କୁଇନ୍–ବି ରୂପେ ଦେଖୁଛୁ। ବ୍ୟବସାୟୀ ପରିବାରଗୁଡ଼ିକ ସେମାନଙ୍କ ଝିଅ ଓ ପୁଅଙ୍କୁ ଅଣ ବ୍ୟବସାୟିକ ପରିବାର କିମ୍ବା ପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟ ପରିବାରଗୁଡ଼ିକର ଝିଅପୁଅ ସହ ବାହାଘର କରିବାକୁ ଯେଭଳି ବାଧା ଦେଇଥାନ୍ତି ଠିକ୍ ଏମିତି ବି ପ୍ରାଣୀ ପ୍ରଜାତିଗୁଡ଼ିକର ଆନୁବାଂଶିକ କ୍ଷେତ୍ରରେ ଦେଖାଯାଏ। ତେବେ ବୁଝିବାକୁ ପଡ଼ିବ ଯେ, ଏବକାର ମଣିଷ ପ୍ରାଣୀପ୍ରବୃତ୍ତିରୁ ନିବୃତ୍ତ ହୋଇପାରିନାହିଁ।



ମଣିଷକୁ ଅତିମାନବ ହେବା ଲାଗି ଏହି ସବୁ ପ୍ରତିବନ୍ଧକ ଓ ସୀମାରେଖାକୁ ଭାଙ୍ଗିବାକୁ ପଡ଼ିବ। ପ୍ରାଣୀ ପ୍ରବୃତ୍ତିରୁ ଊର୍ଦ୍ଧ୍ୱକୁ ଯିବାକୁ ହେବ। ପ୍ରତିବନ୍ଧକୁ ଭାଙ୍ଗିବା କହିଲେ ଆମକୁ ସଭ୍ୟତା ପତନର ମୂଳରେ ଥିବା ସବୁ ଜାତି ବିଚାର ଦୂର କରିବାକୁ ହିଁ ବୁଝାଏ। ଅବଶ୍ୟ ଏବେ ବି ଜାତିବାଦ ସଭ୍ୟତାର ପରିଚୟକୁ ପ୍ରତିନିଧିତ୍ୱ କରୁଛି। କାରଣ, ସଭ୍ୟତା ହିଁ ତାହା, ଯେଉଁଠି ତୁମ ପାଖରେ ଯାହା ଅଛି ତାହାକୁ ଶେୟାର କରିବା; ଅନ୍ୟର ବିଚାରଧାରା ସହ ସାମିଲ ହେବା ଓ ଗ୍ରହଣ କରିବା ଏବଂ ତୁମେ ଯାହା ଜାଣିଛ ତାହାକୁ ସମ୍ପ୍ରସାରିତ କରିବା। ଅନ୍ୟମାନଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରିବା ଏବଂ ଅନ୍ୟମାନଙ୍କୁ ଭୟଭୀତ କରିବା ଲାଗି ପ୍ରତିବନ୍ଧକ ଏବଂ ପଦକ୍ରମ ସୃଷ୍ଟି କରିବାର କୁତ୍ସିତ ମାନସିକତା ମଧ୍ୟରେ ଏକ ପଦକ୍ରମ ବିହୀନ, ଏକ ପ୍ରତିବନ୍ଧକ ଶୂନ୍ୟ ସମାଜ ଗଠନର ସଂଘର୍ଷ ସବୁବେଳେ ଆହ୍ୱାନପୂର୍ଣ୍ଣ ହୋଇଆସୁଛି। କିନ୍ତୁ ପ୍ରାଚୀନ କାଳରେ ଶତ୍ରୁ ବା ପ୍ରତିଦ୍ୱନ୍ଦ୍ୱୀ ଜାତି ମଧ୍ୟରେ ହେଉଥିବା ବିବାହ ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା ହେଉଥିଲା। ବିବାହ ଦ୍ୱାରା ଶତ୍ରୁବର୍ଗସବୁ ଏକାଠି ହୋଇପାରୁଥିଲେ।

ଗ୍ରୀକ୍ ପୁରାଣରେ ଚିମେରା ନାମକ ଜଣେ ରାକ୍ଷସ ଏକ ପ୍ରାଣୀ ଥିଲା। ଏହାର ଏକ ଭାଗ ଛେଳି, ଏକ ଭାଗ ସାପ ଓ ଆଉ ଏକ ଭାଗ ସିଂହ। ଭାରତରେ ମଧ୍ୟ ବହୁ ପ୍ରାଣୀଙ୍କ ମିଶ୍ରଣର ଦେବତା ରହିଛନ୍ତି। ପଞ୍ଚମୁଖୀ ହନୁମାନଙ୍କର ମୁଖ ଏକ ମାର୍କଟ, ସିଂହ, ଗରୁଡ଼, ବରାହ ଏବଂ ଘୋଡା ମୁହଁକୁ ପ୍ରକାଶ କରେ। ଓଡ଼ିଆ ରାମାୟଣ ନବଗୁଞ୍ଜରଙ୍କ ସମ୍ପର୍କରେ କହେ ଯେ, ଏହା ୯ ପ୍ରକାର ଜଙ୍ଗଲୀ ଜୀବ ଯଥା ଗଞ୍ଜା, ମୟୂର, ଷଣ୍ଢ, ହରିଣ, ସିଂହ, ବାଘ, ହାତୀ, ସାପ ଏବଂ ମଣିଷର ଏକ ମିଶ୍ରିତ ରୂପ। ଠିକ୍ ଏହି ପ୍ରକାର ବନ୍ୟଜୀବଙ୍କ ମିଶ୍ରିତ ରୂପାଙ୍କନ ମଧ୍ୟ ହରପ୍ପା ମୋହରରେ ଦେଖିବାକୁ ମିଳେ। ସେଗୁଡ଼ିକ ସମ୍ଭବତଃ ପୁରାତନ ଯୁଗରେ ବିଭିନ୍ନ ଜନଜାତି ଏବଂ ବ୍ୟବସାୟିକ ସଂଘ ମଧ୍ୟରେ ସହଯୋଗର ଓ ଏକତାର ଅନୁସ୍ମାରକ।

ଏବେ କିନ୍ତୁ ଧର୍ମ, ଜାତି, ବର୍ଗ ଏବଂ ଜାତୀୟତା ବ୍ୟବସାୟିକ ସଂଘ ଏବଂ ଜନଜାତିମାନଙ୍କର ନୂଆ ରୂପ ଭାବେ ମଣିଷକୁ ବିଭିନ୍ନ ବର୍ଗରେ ଭାଗ ଭାଗ କରିଛି। ଯାହା ଫଳରେ ପରସ୍ପର ମଧ୍ୟରେ ବିବାହ କରିପାରିବେ ନାହିଁ କି ମିଶିପାରିବେ ନାହିଁ। ଯେତେବେଳେ ଆନ୍ତଃ ଧର୍ମ, ଜାତି ଓ ବର୍ଗ ଏବଂ ଆନ୍ତଃ ଦେଶୀୟ ବିହାହ ହୁଏ ସେତେବେଳେ ଲୋକେ କିଭଳି କ୍ରୋଧ ପ୍ରକାଶ କରନ୍ତି ତାହା ଆମେ ଦେଖୁ। ଏହା ଏକ ସାଂସ୍କୃତିକ ସମସ୍ୟା। ଆରମ୍ଭରୁ ମଣିଷ ଗୋଟିଏ ଜାତି ହୋଇ ରହିଥିବାବେଳେ ଏହି ସମସ୍ୟା ଆପେ ଆପେ ସୃଷ୍ଟି ହୋଇନାହିଁ। ପରେ ଏହାକୁ ମଣିଷ ହିଁ ସୃଷ୍ଟି କରିଛି। ମଣିଷ ସମ୍ପର୍କ ଯୋଡ଼ିବା ବଦଳରେ ବିଭିନ୍ନ ପ୍ରତିବନ୍ଧକର ପାଚେରି ଠିଆ କରିଛି। ଏହା ଯୋଗୁ ଆମ ମଧ୍ୟରେ ଅସୁରକ୍ଷା ମାନସିକତା ସୃଷ୍ଟି ହୋଇଛି ଓ ଏହା ଆମକୁ ଭାଗ ଭାଗ କରି ଦେଇଛି। ଏହା ମଧ୍ୟ ଆମକୁ ପ୍ରାଣୀ ସଦୃଶ କରିଦେଇଛି। ଆମେ ପରସ୍ପରକୁ ଶିକାରୀ ଓ ଶିକାର ଭାବେ ଦେଖୁଛୁ ଏବଂ ଶତ୍ରୁ ଭାବେ ମଧ୍ୟ। ଆମେ 'ମଣିଷ ଗୋଟିଏ ଜାତି'ବୋଲି ଭାବୁନାହୁଁ।

devdutt.pattanaik@gmail.com

## ଏଇ ଭାରତରେ

ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢୁଛନ୍ତି ଏବଂ ସମୟ ବାହାର କରି ବୁଲାକୁକୁରଙ୍କୁ ଖାଇବାକୁ ଦେବା ସହ ଆହତ କୁକୁରଙ୍କୁ ଉଦ୍ଧାର କରୁଛନ୍ତି ଯଶଦୀପ କୌର ଏବଂ ଇଶାନ ଜୋଶୀ। ଏବେ ସୁଦ୍ଧା ସେମାନେ ୧୦୦୦ରୁ ଉର୍ଦ୍ଧ୍ୱ କୁକୁରଙ୍କୁ ଉଦ୍ଧାର କରିସାରିଲେଣି। ପ୍ରଥମେ ସେମାନେ ୨୦ଟି କୁକୁରଙ୍କୁ ନିଜେ ରୋଷେଇ କରି ଖାଇବାକୁ ଦେବା ଆରମ୍ଭ କରିଥିଲେ। ପରେ ୨୦୨୦ରେ 'ପରିବାର' ସଂସ୍ଥା ଗଠନ କରି ତା' ମାଧ୍ୟମରେ ଲକ୍ଷ୍ମୀବାଈ ନଗରରେ ୨୦୦ରୁ ଅଧିକ କୁକୁରଙ୍କୁ ପ୍ରତିଦିନ ଖାଇବାକୁ ଦେଉଛନ୍ତି। ଏଥିପାଇଁ ସେମାନେ ରୋଷେଇ ବ୍ୟବସ୍ଥା କରିବା ସହ ଜଣେ ରୋଷେୟା ନିଯୁକ୍ତ କରିଛନ୍ତି। ଅପରାହ୍ନରେ ଖାଦ୍ୟ ପ୍ରସ୍ତୁତ କରିବା ପରେ ରାତିରେ କୁକୁରଙ୍କୁ ଖାଇବାକୁ ଦିଆଯାଉଛି। ଏହି କାର୍ଯ୍ୟରେ ସେମାନଙ୍କୁ ସ୍ଥାନୀୟ ଅଞ୍ଚଳର ଶ୍ରମିକମାନେ ସହଯୋଗ କରୁଛନ୍ତି। ଦିନକୁ ୧୮ରୁ ୨୦ କେ.ଜି. ଚିକେନ୍ ଏବଂ ୨୫ରୁ ୩୦ କେ.ଜି. ଚାଉଳ ରୋଷେଇ ହେଉଛି। ଏ ବାବଦରେ ସମସ୍ତ ଖର୍ଚ୍ଚ ଯଶଦୀପ ଓ ଇଶାନ ବହନ କରୁଛନ୍ତି। ଅନ୍ୟମାନେ ବି ଏହି ଦୁଇ ଜଣଙ୍କୁ ଆର୍ଥିକ ସାହାଯ୍ୟ କରୁଛନ୍ତି। 'ପରିବାର' ମାଧ୍ୟମରେ ମଧ୍ୟ ୧୧୩ ବୁଲାକୁକୁରଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ଖୁବ୍‌ଶୀଘ୍ର ପ୍ରାଣୀମାନଙ୍କ ପାଇଁ ଏକ ଆଶ୍ରୟସ୍ଥଳୀ ଖୋଲିବା ସହ ଦିଲ୍ଲୀର ଅନ୍ୟ ସ୍ଥାନଗୁଡ଼ିକରେ ଅଧିକ କୁକୁରଙ୍କୁ ଖାଇବାକୁ ଦେବା ଲାଗି ଯୋଜନା କରିଛନ୍ତି ବୋଲି ଇଶାନ କହିଛନ୍ତି। କୁକୁରଙ୍କ ବ୍ୟତୀତ ଇଶାନ ଓ ଯଶଦୀପ ପ୍ରତି ସପ୍ତାହରେ ଦୁଇ ଦିନ ମାଙ୍କଡ଼ ଓ ବୁଲା ଗୋରୁଙ୍କୁ ଖାଇବାକୁ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଜୁନ୍ ୧୯୯୭

- ବିଶ୍ୱ ବକ୍ସିଂ ଆସୋସିଏଶନ (ଡବ୍ଲ୍ୟୁବିଏ) ହେଭିୱେଟ ଟାଇଟଲ ମୁକାବିଲାରେ ଆମେରିକାର ବକ୍ସର ହୋଲିଫିଲ୍ଡଙ୍କ କାନକୁ କାମୁଡ଼ି ମାଇକ୍ ଟାଇସନ ଅଯୋଗ୍ୟ ଘୋଷିତ।
- ଉତ୍ତର ପେଶୱାର ଅଞ୍ଚଳର କୁଣ୍ଡ ବଜିର ଗ୍ରାମରେ ମାଟି ଅତଡ଼ା ଖସି ୩୫ ଜଣଙ୍କ ମୃତ୍ୟୁ।
- ଦେନା ବ୍ୟାଙ୍କରେ ହୋଇଥିବା ୩୧ କୋଟି ଟଙ୍କା ଜାଲିଆତି ଘଟଣାରେ ସିବିଆଇ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | 6 | 8 | 2 |
| | 3 | | | | 9 | | | |
| 8 | | | | | | | | 5 |
| | | | 2 | | 7 | | | |
| 5 | | | | | | | | 8 |
| | | | | | | | | 1 |
| | 7 | | 6 | 5 | | 3 | | |
| | | 3 | | 1 | | | | 4 |
| | 8 | | 4 | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 6 | 8 | 2 | 1 | 5 | 7 | 3 |
| 3 | 2 | 7 | 9 | 5 | 4 | 6 | 8 | 1 |
| 8 | 1 | 5 | 7 | 6 | 3 | 9 | 4 | 2 |
| 9 | 6 | 4 | 3 | 7 | 2 | 8 | 1 | 5 |
| 7 | 8 | 3 | 4 | 1 | 5 | 2 | 9 | 6 |
| 1 | 5 | 2 | 6 | 8 | 9 | 7 | 3 | 4 |
| 5 | 4 | 9 | 2 | 3 | 8 | 1 | 6 | 7 |
| 6 | 3 | 1 | 5 | 9 | 7 | 4 | 2 | 8 |
| 2 | 7 | 8 | 1 | 4 | 6 | 3 | 5 | 9 |

ଗତକାଲିର ଉତ୍ତର

# ସଙ୍କଟରେ ହାତୀ



ଡ. ସିଦ୍ଧାର୍ଥ କାନୁନ୍‌ଗୋ

ପୁରୀ ମହାରାଜାଙ୍କୁ ଗଜପତି ବୋଲି କୁହାଯାଏ; କାରଣ ଓଡ଼ିଶାରେ ଗଜ ଅର୍ଥାତ୍ ହସ୍ତୀଙ୍କ ସଂଖ୍ୟା ବହୁତ ଥିଲା। ବର୍ତ୍ତମାନ ଗଜପତିଙ୍କ ରାଜ୍ୟ ଓଡ଼ିଶା ଏବେ ଗଜଶୂନ୍ୟ ହେବାକୁ ବସିଛି। ଶିମିଳିପାଳ, ସାତକୋଶିଆ ଏବଂ କେନ୍ଦୁଝରଠାରୁ ଆରମ୍ଭ କରି ଚନ୍ଦକା ତଥା ରେଢ଼ାଖୋଲର ଘଞ୍ଚ ଜଙ୍ଗଲ ହିଁ ହାତୀଙ୍କ ସୁରକ୍ଷା ସ୍ଥଳୀ ଥିଲା। ମାତ୍ର ପରିତାପର ବିଷୟ ଯେ ଗତ ଦୁଇ ଦଶନ୍ଧିରେ ଜଙ୍ଗଲ କ୍ଷୟ, ଖାଦ୍ୟ ଅଭାବ ତଥା ହାତୀ ଶିକାର ଯୋଗୁ ହାତୀବଂଶ ଲୋପ ପାଇବାରେ ଲାଗିଛି। ଦିନ ଆସିବ ଓଡ଼ିଶା ହାତୀଶୂନ୍ୟ ହୋଇଯିବ!

କେବଳ ସେତିକି ନୁହେଁ, ଶିକାରୀ ଗୁଳି ମାଡ଼ରେ ହାତୀଙ୍କ ଜୀବନ ଯାଉଛି। କେହି କେହି ଅପରିଣାମଦର୍ଶୀ ଲୋକ କଦଳୀ ଗଛରେ ଏବଂ ପାଚିଲା ପଣସରେ ବିଷ ଦେଇ ହାତୀକୁ ମାରୁଛନ୍ତି। ଏହାର ଅସଲ ଉଦ୍ଦେଶ୍ୟ ହେଲା, ହାତୀ ଦାନ୍ତକୁ ନେଇ ବାହାରେ ବିକ୍ରି କରି ଲାଭବାନ ହେବା। ଏହା ଆମକୁ କାଳିଦାସଙ୍କର ଗଛରେ ଚଢ଼ି ସେହି ଗଛ ଡାଳକୁ ହାଣୁଥିବା ଗଳ୍ପର ଉପାଖ୍ୟାନ ଭଳି ମନେହୁଏ। ସେ ବିଷୟରେ ଏହା ବିଶେଷ ଆଲୋଚନାର ଆବଶ୍ୟକତା ରଖେ ନାହିଁ। ଏତଦ୍‌ବ୍ୟତୀତ ଟ୍ରେନ୍ ଧକ୍କା, ଗାଡ଼ି ଧକ୍କା ଓ ବିଦ୍ୟୁତ୍ ଆଘାତରେ ମଧ୍ୟ ହାତୀ ମରୁଛନ୍ତି। ବର୍ଷକୁ ବର୍ଷ ଏଭଳି ଧାରା ଜାରି ରହିଲେ ହାତୀ ବଂଶ ଅଚିରେ ଲୋପପାଇବ ତାହା ଏବେଠୁ ଜଳଜଳ ହୋଇ ଦେଖାଯାଉଛି। ଏନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଓ ପରିବେଶବିତ୍‌ମାନେ ମଧ୍ୟ ଚିନ୍ତାପ୍ରକଟ କଲେଣି।

ଆପଣମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆମର ଏ ଆଲେଖ୍ୟ। ବେଶି ଦୂରକୁ ଯିବା ନାହିଁ। ରାଜ୍ୟରେ ଗତ ଅଢ଼େଇ ବର୍ଷରେ ଅର୍ଥାତ୍ ୨୦୨୦ ମସିହା ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ୧୭୫ଟରୁ ଉର୍ଦ୍ଧ୍ୱ ହାତୀ ସରକାରୀ ହିସାବରେ ମୃତ୍ୟୁବରଣ କଲେଣି। ଏହାବାଦ୍ କିଛି ଜାଗାରେ ମଧ୍ୟ ଫରେଷ୍ଟ ଗାର୍ଡ ଇତ୍ୟାଦିଙ୍କ ଅବହେଳାରୁ ହାତୀ ଶିକାର ହେଉଥିବାର ଖବର ଆମ ପାଖକୁ ଆସୁଛି। ସେସବୁ ହାତୀକୁ ଦଣ୍ଡ ଭୟରେ ଜଙ୍ଗଲ କର୍ମଚାରୀମାନେ ବା ଶିକାରୀମାନେ ପୋତି ପକାଉଛନ୍ତି। ଯେଉଁ ମୃତ ହାତୀଙ୍କ କଥା ଉଲ୍ଲେଖ କଲି ତନ୍ମଧ୍ୟରୁ ୩୯ଟି ହାତୀଙ୍କୁ ଶିକାରୀମାନେ ଗୁଳିକରି ବିଭିନ୍ନ ଅସ୍ତ୍ର, ବିଷ କିମ୍ବା ବିଦ୍ୟୁତ୍ ଆଘାତ ଦେଇ ମାରିଛନ୍ତି। ହିସାବ ଅନୁସାରେ ବିଦ୍ୟୁତ୍ କରେଣ୍ଟ ଲାଗି ୫ ହାତୀଙ୍କ ଜୀବନ ଯାଇଥିବା ବେଳେ ଟ୍ରେନ୍ ଧକ୍କାରେ ୧୩ ହାତୀଙ୍କ ଜୀବନ ଯାଇଛି। ସେହିପରି ୭୦ ହାତୀ ବିଭିନ୍ନ ରୋଗ କିମ୍ବା ଅସାବଧାନତାବଶତଃ ଖାତରେ ପଡ଼ି ମରିଛନ୍ତି। ଏହି ମୃତ୍ୟୁ ସଂଖ୍ୟା ମଧ୍ୟରେ ୪୧ ହାତୀଙ୍କ ମୃତ୍ୟୁର ପ୍ରକୃତ ତଥ୍ୟ ସରକାରଙ୍କ ପାଖରେ ନାହିଁ। ବନ୍ୟ ପ୍ରାଣୀ ବିଶେଷଜ୍ଞଙ୍କ ମତରେ ଏହି ୪୧ ହାତୀଙ୍କ ମଧ୍ୟରୁ ଅଧିକାଂଶ ଶିକାରୀଙ୍କ ଶିକାର ଯୋଗୁ ମରିଛନ୍ତି।

ନିକଟ ଅତୀତରେ ଆଠଗଡ଼ ବନଖଣ୍ଡ ଅଧୀନ ବଡ଼ମ୍ବା ରେଞ୍ଜରେ ଗତ ଜୁନ୍ ୨ ଓ ୩ ତାରିଖରେ ଯଥାକ୍ରମେ ଖାରଡ଼ ଏବଂ ଜେନାପାଳ ଗ୍ରାମ ନିକଟରୁ ଦୁଇ ହାତୀଙ୍କର ଗଳିତ ମୃତଦେହକୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ମାଟିତଳୁ ଉଦ୍ଧାର କରିଥିଲେ। ସେହିପରି ଗତ ଫେବୃୟାରୀ ୮ରେ ମଧ୍ୟ ଏସ୍‌ଟିଏଫ୍ ନରସିଂହପୁର ୱେଷ୍ଟ ରେଞ୍ଜ ବାଡ଼ିକିଆରି ସଂରକ୍ଷିତ ଜଙ୍ଗଲରୁ ଆଉ ଏକ ଦନ୍ତାହାତୀର ଗଳିତ ମୃତଦେହ ଉଦ୍ଧାର କରିଥିଲେ। ଏହି ତିନୋଟି



ହାତୀଙ୍କୁ ଶିକାରୀମାନେ ମାରି ତାଙ୍କ ଦାନ୍ତ କାଟି ନେଇଥିବା ଜଣାପଡ଼ିଛି। ଏଥିନେଇ ଆଠଗଡ଼ ଡିଏଫ୍‌ଓଙ୍କ ନିକଟରେ କୌଣସି ଖବର ନ ଥିଲା। ବନ କର୍ମଚାରୀମାନେ ବିନା ପୋଷ୍ଟମର୍ଟମରେ ଦଣ୍ଡ ଭୟରେ ଏହି ହାତୀମାନଙ୍କୁ ପୋତି ଦେଇଥିଲେ। ନିକଟ ଅତୀତରେ ସେହି ଆଠଗଡ଼ ବନାଞ୍ଚଳ ଅନ୍ତର୍ଗତ ନରସିଂହପୁର ପୂର୍ବ ବନାଞ୍ଚଳ ଜୟପୁର ସେକ୍ସନରେ ଏକ ଗୁଳିବିଦ୍ଧ ଦନ୍ତାହାତୀ ପ୍ରାୟ ଦଶଦିନ ଛଟପଟ ହୋଇ ମୃତ୍ୟୁବରଣ କଲା। ସବୁଠୁ ଆଶ୍ଚର୍ଯ୍ୟକର କଥା, ଏସ୍‌ଟିଏଫ୍ ଗତ ଅଢ଼େଇ ବର୍ଷରେ ୨୪ଟି ହାତୀଦାନ୍ତ ଜବତ କଲେଣି। ତେଣୁ କେତେ ଦନ୍ତାହାତୀଙ୍କୁ ହତ୍ୟାକରି ଶିକାରୀମାନେ ଦାନ୍ତ ନେଇଯାଉଛନ୍ତି ତା'ର ସବିଶେଷ ତଥ୍ୟ ସରକାରଙ୍କ ନିକଟରେ ନାହିଁ। ହାତୀ ସୁରକ୍ଷା ପାଇଁ ବର୍ଷକୁ ପ୍ରାୟ ଦେଢ଼କୋଟି ଟଙ୍କା ଖର୍ଚ୍ଚ ହେଉଛି। ପାଟ୍ରୋଲିଂ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏଥିପାଇଁ ସ୍ୱତନ୍ତ୍ର ବନ କର୍ମଚାରୀ ନିୟୋଜିତ ଅଛନ୍ତି। ହାତୀ କରିଡର ଚିହ୍ନଟ ହୋଇଛି। ଏତେସବୁ ବ୍ୟବସ୍ଥା ଥାଇ ମଧ୍ୟ ବନ ବିଭାଗ ହାତୀ ମୃତ୍ୟୁ ରୋକିବାରେ ବିଫଳ ହେଉଛି।

କହିବା କଥା ହେଲା, ଶିକାରୀମାନେ ଯେ ନିର୍ଭୟରେ ହାତୀ ଶିକାର କରୁଛନ୍ତି ତା' ନୁହେଁ, ଅସାଧୁ ବନ କର୍ମଚାରୀ ଏବଂ ଶିକାରୀଙ୍କ ମଧୁଚନ୍ଦ୍ରିକାରେ ହାତୀ ଶିକାର ଚାଲିଛି। ଏହା ଯେକୌଣସି ସାଧାରଣ ଲୋକ ମଧ୍ୟ ବିନା ଅନୁସନ୍ଧାନରେ କହିବ। ଉଦ୍‌ବେଗଜନକ ତଥ୍ୟ ହେଲା ୨୦୦୮ରୁ ବନ୍ୟଜନ୍ତୁ ଶିକାରକୁ ରୋକିବା ପାଇଁ ସରକାର ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସ ଗଠନ ପାଇଁ ଘୋଷଣା କରିଥିଲେ। ମାତ୍ର ଘୋଷଣା ହିଁ ଘୋଷଣାନାମାରେ ରହିଯାଇଛି। ଅମଲାତନ୍ତ୍ରର ନାଲିଫିତା ଯୋଗୁ ଏହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏଥିପାଇଁ କାହାକୁ କହିବା କପାଳରେ ସିନା କର ମାରିବା ହିଁ ସାର ମାତ୍ର।

ଅତ୍ୟନ୍ତ ଭାବାବେଗ ସହିତ ଆମେ ଏଠାରେ କହିବାକୁ ଚାହୁଁ ଯେ, ରାଜ୍ୟରେ ୫ ବର୍ଷ ହେଲା ହାତୀ ଗଣନା ହୋଇନାହିଁ। ଶେଷଥର ଲାଗି ୨୦୧୭ରେ ରାଜ୍ୟରେ ହାତୀ ଗଣନା କରାଯାଇଥିଲା। ସରକାରୀ ତଥ୍ୟ ଅନୁସାରେ ସେତେବେଳେ ରାଜ୍ୟରେ ହାତୀ ସଂଖ୍ୟା ୧୯୭୬ ଥିଲା। ବର୍ତ୍ତମାନ ହାତୀ ସଂଖ୍ୟା କେତେ ତାହାର ସବିଶେଷ ବିବରଣୀ ଆମ ସରକାର ଦେଇପାରିବେ କି ନାହିଁ ସନ୍ଦେହ। ୨୦୧୭ ଠାରୁ ଅଦ୍ୟାବଧି ହାତୀ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ଖାଲି ସେତିକି ନୁହେଁ, ଖାଦ୍ୟ ଅନ୍ୱେଷଣରେ ହାତୀ ପଡ଼ୋଶୀ ଛତିଶଗଡ଼ ଓ ପଶ୍ଚିମବଙ୍ଗର ଜଙ୍ଗଲକୁ ପଳାଇଯାଇଥିବାରୁ ରାଜ୍ୟରେ ହାତୀ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ବନ୍ୟପ୍ରାଣୀ ବିଶେଷଜ୍ଞମାନଙ୍କ ମତରେ ଏସବୁ ଉପରୁ ପରଦା ହଟିଯିବା ଭୟରେ ରାଜ୍ୟ ସରକାରଙ୍କ ବନ ବିଭାଗ ହାତୀ ଗଣନା କରୁନାହାନ୍ତି।

ଜଙ୍ଗଲ କାଟି ସଫା କରିବା ଦ୍ୱାରା ହାତୀମାନେ ଖାଦ୍ୟ ଅନ୍ୱେଷଣରେ ସହରମୁହାଁ ବା ଗ୍ରାମମୁହାଁ ହେଉଛନ୍ତି। ତେଣୁ ଫସଲକୁ ରକ୍ଷାକରିବା ପାଇଁ ହାତୀ ଶିକାର ହେଉଥିବା ମଧ୍ୟ ଅସ୍ୱୀକାର କରିହେବ ନାହିଁ। ଅସଲ କଥା ହେଉଛି, ସରକାର ବନୀକରଣ ନାମରେ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ଏବଂ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ମଧ୍ୟ ବେଶ୍ କିଛି ଅର୍ଥ ଶ୍ରାଦ୍ଧ କରୁଛନ୍ତି, କିନ୍ତୁ ଫଳ ଆଶାନୁରୂପ ହେଉନାହିଁ। କିନ୍ତୁ ଏପରି କାହିଁକି ହେଉଛି? ହାତୀ ମଲେ କୌଣସି ଉଚ୍ଚ ପଦାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଦରକାର ପଡ଼ିଲେ କେବଳ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡଙ୍କୁ ନିଲମ୍ବନ କରାଯାଉଛି ଏବଂ କିଛିଦିନ ପରେ ସେମାନେ ଚାକିରିରେ ପୁନଃ ଅବସ୍ଥାପିତ ହେଉଛନ୍ତି। ଅସଲ କଥା ହେଉଛି ଚାକିରି ଯିବା ଭୟରେ ତଳିଆ କର୍ମଚାରୀମାନେ ହାତୀମୃତ୍ୟୁକୁ ଲୁଚାଇବାକୁ ବାଧ୍ୟ ହେଉଛନ୍ତି। ଯେଉଁଭଳି ମାତ୍ରାରେ ହାତୀ ମୃତ୍ୟୁ ବଢ଼ିଚାଲିଛି, ଆଉ କିଛି ବର୍ଷ ମଧ୍ୟରେ ଓଡ଼ିଶା ହାତୀଶୂନ୍ୟ ହୋଇଯିବ।

**ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର, ଚୈତନ୍ୟ ଧାମ, ଶବର ସାହି, ଭୁବନେଶ୍ୱର, ମୋ: ୯୪୩୮୦୭୨୮୫୦**

# କଠୋପନିଷଦର ପ୍ରତିପାଦ୍ୟ ସିଦ୍ଧାନ୍ତ



ଡା.ଗୋପାଳ ଚନ୍ଦ୍ର ଦାଶ

କଠୋପନିଷଦର ଅନ୍ତିମ ଭାଗରେ ଆଚାର୍ଯ୍ୟ ଯମ ଶିଷ୍ୟ ନଚିକେତାଙ୍କର ତୃତୀୟ ପ୍ରଶ୍ନ– 'ମୃତ୍ୟୁ ପରବର୍ତ୍ତୀ ଜୀବନ' ରହସ୍ୟକୁ ଆତ୍ମବିଦ୍ୟା ଦ୍ୱାରା ବର୍ଣ୍ଣନା କରିଛନ୍ତି। ଆତ୍ମା ଓ ପରମାତ୍ମା ଅଭିନ୍ନ ହେଲେ ମଧ୍ୟ ତ୍ରିଗୁଣମୟୀ ମାୟା ଦ୍ୱାରା ଶରୀର ମଧ୍ୟରେ ବନ୍ଧନ ହେତୁ ମାୟା ଭୋକ୍ତା ଅଟନ୍ତି। ମାତ୍ର ପରମାତ୍ମା ଗୁଣାତୀତ, ନିତ୍ୟ, ଶାଶ୍ୱତ, ଇନ୍ଦ୍ରିୟାତୀତ ଓ ସର୍ବବ୍ୟାପକ ହେତୁ ସେ ଦ୍ରଷ୍ଟା । ଈଶ୍ୱର ସୃଷ୍ଟିର ନିମିତ୍ତ କାରଣ ଓ ପ୍ରକୃତ ଉପାଦାନ କାରଣ । ପ୍ରକୃତିରୁ ସୃଷ୍ଟ ଜଡ଼ ଶରୀର ମଧ୍ୟରେ ଚେତନ ଆତ୍ମା ଏକ ଅଦୃଷ୍ଟ ଶକ୍ତି ଭାବରେ ବିଦ୍ୟମାନ। ଆତ୍ମାକୁ ମହନ୍ତ 'ବିଭୁ' (ମହାନ୍, ଅନନ୍ତ ଓ ସର୍ବବ୍ୟାପକ), ମଧ୍ୱଦଂ (ମଧୁ ସେବନକର୍ତ୍ତା/କର୍ମଫଳ ଦାତା) ଓ ଅନ୍ତିକାତ୍ (ବ୍ରହ୍ମଙ୍କ ନିକଟତମ) ଭାବରେ ଆଚାର୍ଯ୍ୟ ଯମ ବର୍ଣ୍ଣନା କରିଛନ୍ତି। ପୁନର୍ବାର କହିଛନ୍ତି– ଆତ୍ମା ସେହି ବ୍ରହ୍ମ, ଯାହା ଚେତନ ସ୍ୱରୂପ ଭୂତ–ଭବିଷ୍ୟତ–ବର୍ତ୍ତମାନ କାଳର ଶାସକ, ମନୁଷ୍ୟର କର୍ମଫଳ ପ୍ରଦାୟକ, ପ୍ରଖର ଜ୍ୟୋତି ସ୍ୱରୂପ, ଅପରିବର୍ତ୍ତନୀୟ, ଅବିନାଶୀ, ନିତ୍ୟ, ସନାତନ ଓ ଅଧୂମକ (ଦୁଃଖ ଓ ଅଜ୍ଞାନ ରହିତ)। ଏହି ଆତ୍ମା ଶରୀରରୂପୀ ରଥରେ ରଥୀ ଭାବରେ ବିଦ୍ୟମାନ। ଯେଉଁ ରଥର ଶରୀର ହେଉଛି ଘୋଡ଼ା, ବୁଦ୍ଧି ହେଉଛି ସାରଥି ଓ ମନ ହେଉଛି ଲଗାମ। ମନ ଜଡ଼ ଶରୀରଠାରୁ ଶ୍ରେଷ୍ଠ, ମନଠାରୁ ବୁଦ୍ଧି ଶ୍ରେଷ୍ଠ ଓ ବୁଦ୍ଧିଠାରୁ ଚେତନ ଆତ୍ମା ଶ୍ରେଷ୍ଠ। ଶ୍ରଦ୍ଧା, ନିଷ୍ଠା ଓ ସାଧନା ଦ୍ୱାରା ଚେତନ ଆତ୍ମାର ଉପଲବ୍ଧି ହେଲେ ମନୁଷ୍ୟ ଆତ୍ମବିଦ୍ୟାର ଅଧିକାରୀ ହୋଇଯାଏ। ଆତ୍ମୋପଲବ୍ଧି ମନୁଷ୍ୟକୁ ସକଳ ଦୁଃଖ ଓ ଯନ୍ତ୍ରଣାରୁ ମୁକ୍ତି କରିଥାଏ। ଶୁଦ୍ଧ ବୁଦ୍ଧି ଓ ନିଶ୍ଚଳ ମନ ସାହାଯ୍ୟରେ ଆତ୍ମା ହୃଦୟ ଆକାଶରେ ଅଭିବ୍ୟକ୍ତ ହୁଏ। ହୃଦୟର ସମସ୍ତ ଗ୍ରନ୍ଥି ଛିନ୍ନ ହେଲେ ବ୍ରହ୍ମ ଦର୍ଶନ ହୁଏ। ଅବିଦ୍ୟ ତଥା କାମନା–ବାସନାରୁ ଉତ୍ପନ୍ନ କର୍ମଫଳ ଆତ୍ମାକୁ ଶରୀର ମଧ୍ୟରେ ବାନ୍ଧି ରଖେ। ମନୁଷ୍ୟ ଶରୀରରୁ ବନ୍ଧନ ରୂପକ ଗ୍ରନ୍ଥିଗୁଡ଼ିକ ନଷ୍ଟ ହେଲେ ବ୍ୟକ୍ତି ମୃତ୍ୟୁକୁ ପାରକରି ଅମରତ୍ୱ ପ୍ରାପ୍ତ ହୁଏ। ଚୈତନ୍ୟ ଆତ୍ମା ଏଗାରଟି ଦ୍ୱାର (ଦୁଇ ନେତ୍ର, ଦୁଇ କର୍ଣ୍ଣ, ଦୁଇ ନାସିକା ରନ୍ଧ୍ର, ଏକ ମୁଖ, ଏକ ନାଭି, ମଳଦ୍ୱାର, ଜନନେନ୍ଦ୍ରିୟ ଓ ବ୍ରହ୍ମରନ୍ଧ୍ର) ବିଶିଷ୍ଟ ଶରୀର ମଧ୍ୟରେ ହୃଦୟ କନ୍ଦରରେ ଅଙ୍ଗୁଷ୍ଠ ପରିମାଣ ନିବାସ କରିଥାଏ। ଶରୀରରେ ପ୍ରବାହିତ ଶହ ଶହ ନାଡ଼ି ମଧ୍ୟରୁ ମସ୍ତିଷ୍କର ଊର୍ଦ୍ଧ୍ୱରେ ପ୍ରବାହିତ ସୁଷୁମ୍ନା ନାଡ଼ି ଦ୍ୱାରା ଆତ୍ମା ଊର୍ଦ୍ଧ୍ୱଗାମୀ ହୋଇ ଶରୀର ତ୍ୟାଗ କଲେ ଅମରତ୍ୱ ମିଳିଥାଏ। ବ୍ରହ୍ମରନ୍ଧ୍ର ବ୍ୟତୀତ ଅନ୍ୟ ନାଡ଼ି ମାଧ୍ୟମରେ ଆତ୍ମାର ବହିର୍ଗମନ ହେଲେ ବ୍ୟକ୍ତି ପୁନର୍ଜନ୍ମ ଲାଭକରି ସଂସାରର ଦୁଃଖ–ସୁଖ ଚକ୍ରରେ ଘାଣ୍ଟି ହୋଇଥାଏ। ଆତ୍ମା ଶରୀରଠାରୁ ଅନାବରଣ ହେଲେ ଶୁଦ୍ଧ, ଉଜ୍ଜ୍ୱଳ ହୁଏ। ଅମୃତ ବ୍ରହ୍ମର ଅନୁଭବ ପାଇଁ ଶ୍ରଦ୍ଧା ଓ ନିଷ୍ଠାର ସହିତ ଯୋଗ ସାଧନ ତଥା ଓଁକାର ଅବଲମ୍ବନ ହେଉଛି ଏକମାତ୍ର ଉତ୍କୃଷ୍ଟ ପନ୍ଥା। ଆତ୍ମ ଦର୍ଶନ ଦ୍ୱାରା ଜୀବ ପ୍ରଥମେ ଜୀବନ୍ମୁକ୍ତ ଓ ପରେ ବିଦେହ ମୁକ୍ତ ହୋଇଥାଏ।

ଏହି ଉପନିଷଦରେ ସଂସାରକୁ ଏକ କାଳ୍ପନିକ ଓଲଟ ଅଶ୍ୱତ୍ଥ ବୃକ୍ଷ ଭାବରେ ବର୍ଣ୍ଣନା କରାଯାଇଛି। ସଂସାର ରୂପକ ବୃକ୍ଷର ଅଦୃଶ୍ୟ ମୂଳପିଣ୍ଡ ହେଉଛି ବ୍ରହ୍ମ, ଯାହା ଊର୍ଦ୍ଧ୍ୱରେ ଅବସ୍ଥିତ ଓ ଦୃଶ୍ୟମାନ ଜୀବଜଗତ ସଂସାର ବୃକ୍ଷର ଶାଖା ପ୍ରଶାଖା ସଦୃଶ। ଦୃଶ୍ୟମାନ ଜୀବ–ଜଗତ ବିନାଶଶୀଳ, ମାତ୍ର ଅଦୃଶ୍ୟ ବ୍ରହ୍ମ ଅବିନାଶୀ। ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ସେହି ଶାଶ୍ୱତ ବ୍ରହ୍ମଠାରୁ ସୃଷ୍ଟି।

ଆତ୍ମବିଦ୍ୟାର ଗୂଢ଼ ରହସ୍ୟ ଯଜ୍ଞ ଅନୁଷ୍ଠାନ ବେଦପାଠ, ପ୍ରବଚନ, ଉପଦେଶ, ତର୍କ–ବିତର୍କ ଓ ବୁଦ୍ଧି ଦ୍ୱାରା ପ୍ରାପ୍ତ ହୋଇ ନ ଥାଏ। ପରମାତ୍ମା ଯେଉଁ ସାଧକ ଉପରେ କୃପା କରନ୍ତି, ସେ ହିଁ କେବଳ ବ୍ରହ୍ମ ଦର୍ଶନ ପାଇ ସକ୍ଷମ ହୋଇଥାଏ। ବ୍ରହ୍ମ ସାକ୍ଷାତ୍କାର ଆତ୍ମୋନଭୂତି ମାଧ୍ୟମରେ ପ୍ରାପ୍ତ ହୋଇଥାଏ। ନଚିକେତା ଆତ୍ମବିଦ୍ୟାର ଅଧିକାରୀ ଯୋଗ ଥିବାରୁ ଆଚାର୍ଯ୍ୟ ଯମ ବ୍ରହ୍ମବିଦ୍ୟାର ଚରମ ରହସ୍ୟ ତାଙ୍କୁ ଅବଗତ କରାଇଥିଲେ। ସମଗ୍ର ମର୍ତ୍ତ୍ୟ ଲୋକବାସୀ ଏହି ବିଦ୍ୟାର ଗୂଢ଼ ରହସ୍ୟକୁ ହୃଦୟଙ୍ଗମ କରି ଜୀବନରେ ପାଳନ କରିବା ଆବଶ୍ୟକ। ଏହି ଉପନିଷଦ ମାଧ୍ୟମରେ ମାନବ ସମାଜକୁ ଯେଉଁ ସନ୍ଦେଶ ପ୍ରଦାନ କରାଯାଇଛି, ତାହା ହେଲା– ଯାହା ଦାନଯୋଗ୍ୟ ନୁହେଁ ସେପରି ଦ୍ରବ୍ୟ ଦାନ କରିବା ଦୋଷ, ପିତାଙ୍କ ଆଦେଶ ପାଳନ ପୁତ୍ରର କର୍ତ୍ତବ୍ୟ, ଅତିଥି ସତ୍କାର ସମସ୍ତଙ୍କର କର୍ତ୍ତବ୍ୟ, ଶାଶ୍ୱତ ସୁଖ ପ୍ରଦାନକାରୀ ଶ୍ରେୟ ମାର୍ଗ ସର୍ବଦା ଗ୍ରହଣୀୟ ଓ ଦର୍ପଣରେ ପ୍ରତିବିମ୍ବ ଦେଖିବା ପରି ଆତ୍ମାରେ ପରମାତ୍ମାଙ୍କ ଦର୍ଶନ କଠୋପନିଷଦର ପ୍ରତିପାଦ୍ୟ ସିଦ୍ଧାନ୍ତ।

ମୋ: ୭୮୪୮୮୫୦୯୫୦

## ପାଠକ ଶ୍ରେଷ୍ଠ ବିଚାରକ

### ଆମ ସମାଜ ଓ ସଂରକ୍ଷଣ

ମହାଶୟ,

ଭାରତୀୟ ସମ୍ବିଧାନ ମାତ୍ର ୧୦ବର୍ଷ ପାଇଁ ଦଳିତ ସମ୍ପ୍ରଦାୟଙ୍କୁ ଚାକିରି, ରାଜନୀତି ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। କିନ୍ତୁ ଦେଶ ସ୍ୱାଧୀନ ହେବାର ୭୫ବର୍ଷ ପରେ ମଧ୍ୟ ଏହି ସଂରକ୍ଷଣ ବ୍ୟବସ୍ଥା ଚାଲୁ ରହିଛି। ଫଳରେ ଅନ୍ୟାନ୍ୟ ବର୍ଗର ଯୁବକ ସଂରକ୍ଷଣ ଯୋଗୁ ନିଯୁକ୍ତି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏବେ ସରକାର ଏସ୍‌ଟି, ଏସ୍‌ସି, ଓବିସି ବର୍ଗଙ୍କ ପାଇଁ ସଂରକ୍ଷଣ କଡ଼ାକଡ଼ି କରିଛନ୍ତି। ସାଧାରଣ ବର୍ଗର ଯୁବକ ଯେଉଁ ତିମିରେକୁ ସେହି ତିମିରରେ ଅଛନ୍ତି। ଦଳିତ ସମ୍ପ୍ରଦାୟ ପିଢ଼ି ପରେ ପିଢ଼ି ଏହି ସୁବିଧା ପାଇ ଉଚ୍ଚ ସମ୍ପ୍ରଦାୟର ସମକକ୍ଷ ହେଲେଣି। ତଥାପି ସେମାନଙ୍କୁ ସଂରକ୍ଷଣ ସୁବିଧା ଦିଆଯାଉଛି। ସେମାନଙ୍କୁ ଏଥିରୁ ବାଦ୍ ଦିଆଯିବା ଉଚିତ। ଅତି ଦୁଃସ୍ଥ ଦଳିତ ବର୍ଗଙ୍କୁ ସମସ୍ତ ସୁବିଧା ଦିଆଯାଇ ସାଧାରଣ ବର୍ଗଙ୍କ ସହ ସମାନ କରାଗଲେ କ୍ରମେ କ୍ରମେ ଅଭାବୀ ସଂଖ୍ୟା ହ୍ରାସ ପାଇବ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନ ସାଧାରଣଙ୍କୁ ସମସ୍ତ ସୁବିଧା ଦିଆଯାଉଥିବା ବେଳେ ମଧ୍ୟବିତ୍ତ ଓ ଉଚ୍ଚବର୍ଗଙ୍କୁ ଶୋଷଣ କରାଯାଉଛି। ରାଜନୀତି କ୍ଷେତ୍ରରେ ଉଚ୍ଚ ଦଳିତ ବର୍ଗଙ୍କୁ ସଂରକ୍ଷଣରୁ ବାଦ୍ ଦେବା ଉଚିତ। ସେମାନଙ୍କ ବାର୍ଷିକ ଆୟକୁ ତର୍ଜମା କରାଯାଇ ଶିକ୍ଷା, ନିଯୁକ୍ତି ଓ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ଦିଆଗଲେ ଉଚିତ ହେବ।

**–ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର**

### ଚିରନ୍ତନୀ

ତଥାପି ଏ ଦେହ ସମ ହେଲା ତାହା ପ୍ରିୟ ତ
ତଥାପି ଏ ପାପ ଆଖି ଖୋଜିବୁଲେ ନିୟତ
ଖୋଜିବୁଲେ ଦେଖିବାକୁ ପରିଚିତ ମୁଖଟି
ଦେଖିବାକୁ ସୁକୁମାର ସେ ରୂପରୁ କିୟତ।
–(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୁଲାଇ ୨ରୁ ବିଧାନସଭା ମୌସୁମୀ ଅଧିବେଶନ

- ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ
- ଦିନକୁ ଚାଲିବ ୬ ଘଣ୍ଟା
- କୋଭିଡ୍ କଟକଣାରେ ଚାଲିବ ଗୃହ



ବିଧାନସଭା ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବାଚସ୍ପତି ବିକ୍ରମକେଶରୀ ଆରୁଖ ଓ ଅନ୍ୟ ଦଳର ବିଧାୟକମାନେ।

**ଭୁବନେଶ୍ୱର,୨୯।୬(ବ୍ୟୁରୋ)**

ଆସନ୍ତା ଜୁଲାଇ ୨ ତାରିଖରେ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନରେ ଗୃହ ଦିନକୁ ୬ ଘଣ୍ଟା ଚାଲିବ। ବୁଧବାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧକ୍ଷତାରେ ବିଧାନସଭା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ଆରୁଖ କହିଛନ୍ତି ଯେ, ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ବୈଠକରେ ଆଲୋଚନା ହୋଇଛି। ସବୁ ଦଳର ସହଯୋଗ କାମନା କରାଯାଇଛି। ଆଗରୁ ଗୃହ ୫ ଘଣ୍ଟା ଚାଲୁଥିଲା। ଆସନ୍ତା ଅଧିବେଶନରେ ଗୃହ କାର୍ଯ୍ୟକୁ ଆଉ ଘଣ୍ଟାଏ ବୃଦ୍ଧି କରାଯାଇଛି। ବିଧାନସଭା ଦୁଇଟି ପର୍ଯ୍ୟାୟରେ ଚାଲିବ। ପ୍ରଥମ ପର୍ଯ୍ୟାୟ ସକାଳ ୧୦ଟା ୩୦ ମିନିଟ୍‌ରୁ ମଧ୍ୟାହ୍ନ ୧ଟା ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଅଧିବେଶନ ଜୁଲାଇ ୨ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ୍ ୨୪ଟି କାର୍ଯ୍ୟଦିବସ ରହିଛି। ପ୍ରଥମ ଦିନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଜୁଲାଇ ୩୦ରେ ବ୍ୟୟ ମଞ୍ଜୁରୀ ବିଲ୍ ଆଗତ ହେବ। ପୂର୍ବଭଳି କୋଭିଡ୍ କଟକଣାରେ ଗୃହ ଚାଲିବ।





ମନ୍ତ୍ରୀ ପ୍ରଦୀପ ଅମାତ ଓ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ରଙ୍କ କୋଭିଡ୍ ଟେଷ୍ଟ ପାଇଁ ନମୁନା ସଂଗ୍ରହ କରାଯାଉଛି।

ଏଥିପାଇଁ ବୁଧବାରଠାରୁ ବିଧାନସଭାରେ ବିଧାୟକଙ୍କ କରୋନା ଟେଷ୍ଟ ଆରମ୍ଭ ହୋଇଛି। ମନ୍ତ୍ରୀ, ବିଧାୟକଙ୍କ ସହ ବିଧାନସଭାର କର୍ମଚାରୀ, ସୁରକ୍ଷାକର୍ମୀ, ଖବରଦାତାଙ୍କର କରୋନା ଟେଷ୍ଟ ହେବ। ଯେଉଁମାନଙ୍କ ରିପୋର୍ଟ ନେଗେଟିଭ୍ ଆସିବ, ସେମାନଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିବ। ତେବେ ଏଥର କରୋନା କଟକଣା କୋହଳ କରିବାକୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରସ୍ତାବ ଦେଇଛନ୍ତି। ଖବରଦାତାଙ୍କୁ ବିଧାନସଭା ଭିତରେ ଥିବା ପ୍ରେସ୍ ଗ୍ୟାଲେରିକୁ ଛାଡ଼ିବା ପାଇଁ ମଧ୍ୟ ସେ ପ୍ରସ୍ତାବ ଦେଇଛନ୍ତି। ତେବେ ଏ ନେଇ ବାଚସ୍ପତି ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବାଚସ୍ପତି ଓ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି କହିଛନ୍ତି ଯେ, ବର୍ତ୍ତମାନ କୋଭିଡ୍ ବଢୁଥିବାରୁ ରିସ୍କ ନେଇହେବନି । କୋଭିଡ୍ ବଢୁଥିବା ନେଇ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଅବଗତ କରାଇଛନ୍ତି । କୋଭିଡ୍ କଟକଣା ଭିତରେ ବିଧାନସଭା ଚାଲିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ସର୍ବଦଳୀୟ ବୈଠକରେ ବିଜେଡି ବିଧାୟକ ପ୍ରଣବ ପ୍ରକାଶ ଦାସ, ଶିଳ୍ପ ମନ୍ତ୍ରୀ ପ୍ରତାପ ଦେବ, ସରକାରୀ ଦଳ ମୁଖ୍ୟ ସଚେତକ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, କଂଗ୍ରେସ ବିଧାୟକ ଦଳ ନେତା ପ୍ରମୁଖ ଉପସ୍ଥିତ ଥିଲେ।

## 'ଏସି ରୁମ୍ ଛାଡ଼ି ନିଜ ଦମ୍ଭରେ ନିର୍ବାଚନ ଜିତି ଦେଖାନ୍ତୁ ଅଖିଳେଶ'

**ଲକ୍ଷ୍ନୌ,୨୯।୬**

ଆଜମଗଡ଼ ଏବଂ ରାମପୁର ଲୋକ ସଭା ଉପନିର୍ବାଚନରେ ସମାଜବାଦୀ ପାର୍ଟି(ଏସ୍‌ପି)ର ପରାଜୟ ପରେ ଅଖିଳେଶ ଯାଦବଙ୍କ କାର୍ଯ୍ୟଶୈଳୀକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଏସ୍‌ପି ସହଯୋଗୀ ତଥା ସୁହେଲଦେବ ଭାରତ ସମାଜ ପାର୍ଟିର ସଭାପତି ଓମ୍ ପ୍ରକାଶ ରାଜଭର ମଧ୍ୟ ଅଖିଳେଶଙ୍କୁ ଟାର୍ଗେଟ କରିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ୟୁପିର ବାଲିଆରେ ପହଞ୍ଚିଥିବା ରାଜଭର କହିଛନ୍ତି ଯେ, ଅଖିଳେଶଙ୍କ ପିତା ମୁଲାୟମ ସିଂ ଯାଦବଙ୍କ କୃପାରୁ ଅଖିଳେଶ ମୁଖ୍ୟମନ୍ତ୍ରୀ ହୋଇଥିଲେ। ତାଙ୍କ ନେତୃତ୍ୱରେ ହୋଇଥିବା ସମସ୍ତ ନିର୍ବାଚନ ୨୦୧୪, ୨୦୧୭, ୨୦୧୯, ୨୦୨୨ କିମ୍ବା ଏମ୍‌ଏଲସି ନିର୍ବାଚନ ହେଉ ଦଳ ସବୁଥିରେ ପରାଜିତ ହୋଇଛି। ଅଖିଳେଶ ଯାଦବ ପିତାଙ୍କ ଉତ୍ତରାଧିକାରୀ ପାଇଛନ୍ତି ସତ, ମାତ୍ର ସେ ନିର୍ବାଚନମଣ୍ଡଳୀରେ କୌଣସି କାର୍ଯ୍ୟ କରିନାହାନ୍ତି। ସମାଜବାଦୀ ପାର୍ଟି ନିଜ ଗୋଡରେ ନିଜେ କୁରାଢ଼ି ଆଘାତ କରୁଛି। ଯଦି ନିର୍ବାଚନ ବିଗୁଲ ବାଜେ ଏବଂ ନାମାଙ୍କନପତ୍ରର ଶେଷ ଦିନରେ ଫର୍ମ ପୂରଣ କରି ନିର୍ବାଚନ ଜିତିବା ସମ୍ଭବ ନୁହେଁ। ଯେଉଁ ଦଳର ମୁଖିଆ ନିର୍ବାଚନ ପ୍ରଚାରକୁ ଯାଆନ୍ତି ନାହିଁ, ସେହି ଦଳ ନିର୍ବାଚନରେ କ'ଣ ପ୍ରତିଦ୍ୱନ୍ଦ୍ୱିତା କରିବ? ଅଖିଳେଶ ଯାଦବ କେତେ ଗାଁ ପରିଦର୍ଶନ କରିଛନ୍ତି? ସେ କେତେ ତୃଣମୂଳ ସ୍ତରର ନେତୃତ୍ୱ ଗଠନ କରିଛନ୍ତି? ବାପା ମୁଲାୟମ ସିଂ ଯାଦବ ଏବଂ ଦାଦା ଶିବପାଲ ଯାଦବଙ୍କୁ ସେ ପଚାରନ୍ତୁ। ସେମାନେ ତାଙ୍କୁ ବ୍ଲକ ଏବଂ ଗ୍ରାମ ବିଷୟରେ କହିବେ। ଅଖିଳେଶ ଯାଦବ ଏସି ରୁମ୍‌ରୁ ବାହାରକୁ ଯିବା ଉଚିତ।

ସୂଚନାଯୋଗ୍ୟ, ଗତ ମାସରେ ମଧ୍ୟ ରାଜଭର ଅଖିଳେଶଙ୍କୁ ସମାଲୋଚନା କରି ଏସି ରୁମ୍ ଛାଡି ତୃଣମୂଳସ୍ତରରେ କାମ କରିବାକୁ ପରାମର୍ଶ ଦେଇଥିଲେ।



ଓମ୍ ପ୍ରକାଶ ରାଜଭରଙ୍କ ସହ ଅଖିଳେଶ ଯାଦବ।

## ୧୬ ରାଜନୈତିକ ପ୍ରସ୍ତାବରେ ରାଜ୍ୟ ସରକାରଙ୍କୁ ଘେରିବ ଭାଜପା

### ଭାଜପା ରାଜ୍ୟ କାର୍ଯ୍ୟକାରିଣୀରେ ୩ ଟିଠା ପ୍ରସ୍ତାବ ପାରିତ

**ଭୁବନେଶ୍ୱର,୨୯।୬(ବ୍ୟୁରୋ)**

ଦୁର୍ଦ୍ଦିନରେ ଓଡ଼ିଶାର ଚାଷୀକୁଳ ରହିଛନ୍ତି, ଆଇନଶୃଙ୍ଖଳା ଉଦ୍‌ବେଗଜନକ, ବିଦ୍ୟୁତ୍ ଦର ଲୋକଙ୍କୁ ବାଧୁଛି, ଶିକ୍ଷା ବ୍ୟବସ୍ଥା ଧ୍ୱଂସ ହେବାକୁ ବସିଲାଣି, ଓଡ଼ିଶା ଦୁର୍ନୀତିର ଗନ୍ତାଘର ପାଲଟିଲାଣି ବୋଲି ଭାଜପା ଅଭିଯୋଗ କରିଛି। ଏହିପରି ୧୬ଟି ରାଜନୈତିକ ପ୍ରସ୍ତାବ ସମ୍ପର୍କିତ ୩ଟି ରାଜନୈତିକ ଚିଠା ଉପରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ବୁଧବାର ମୋହର ବାଜିଛି। ସେହିପରି ଭାଜପା ଏହି ବୈଠକରେ ଆଣିଥିବା ଅନ୍ୟ ପ୍ରସ୍ତାବ ମଧ୍ୟରେ ଆହୁରି ଅନେକ ପ୍ରସଙ୍ଗ ରହିଛି। ଯେପରିକି ଓଡ଼ିଶା ଭୁପୋଷଣରେ ପ୍ରଥମ, ଲଘୁ ଖଣିଜ ଚୋରି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗୁ କରିବାରେ ରାଜ୍ୟ ସରକାର ସ୍ଥାଣୁ ପାଲଟିଛନ୍ତି, ପାନୀୟ ଜଳ ଯୋଗାଣରେ ସ୍ଥାଣୁତା, ମହିଳା ସଶକ୍ତୀକରଣ ବାଟବଣା ହୋଇଛି, ସ୍ୱାସ୍ଥ୍ୟାବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି, ନିଯୁକ୍ତି ନ ଥିବାବେଳେ ଶ୍ରମିକଙ୍କ ଲାଗି ଅନ୍ୟ ରାଜ୍ୟ ସେମାନଙ୍କ ଲାଗି ଭରସା ପାଲଟିଛି, ଓବିସି ବର୍ଗକୁ ବିଶ୍ୱାସଘାତକତା କରାଯାଇଛି ବୋଲି ଦଳ ଅଭିଯୋଗ କରିଛି। ସେହିପରି ମହାନଦୀ ସମେତ ଅନ୍ୟାନ୍ୟ ନଦୀ ସମସ୍ୟା ରାଜ୍ୟରେ ସୃଷ୍ଟି ହୋଇଛି, ସମବାୟ ସଂସ୍ଥାଗୁଡିକର ଅଚଳାବସ୍ଥା, ରାଜ୍ୟ ସରକାରଙ୍କ ଅର୍ଥନୈତିକ କୁପରିଚାଳନା ଆଦି ରାଜନୈତିକ ପ୍ରସ୍ତାବ ବୈଠକରେ ପାରିତ ହୋଇଛି। ଏହିପରି ପ୍ରସଙ୍ଗକୁ ନେଇ ଭାଜପାର ୩ ମାସିଆ ରାଜନୈତିକ ଖସଡା ପ୍ରସ୍ତୁତ କରିଛି। ଏହିସବୁ ପ୍ରସଙ୍ଗ ନେଇ ସମସ୍ତ ଲୋକ ସଭା ନିର୍ବାଚନମଣ୍ଡଳୀଓ୍ୱାରି ଦଳୀୟ କାର୍ଯ୍ୟକର୍ତ୍ତାମାନେ ରାଜ୍ୟ ସରକାରଙ୍କ ବିରୋଧରେ ଲୋକଙ୍କୁ ଜଣାଇବେ।

ନିଆଳି ବ୍ଲକ କୁରାଙ୍ଗଠାରେ ଆୟୋଜିତ ବୈଠକରେ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ। ରାଜ୍ୟ ସଭାପତି ସମୀର ମହାନ୍ତି, ଦଳର ରାଜ୍ୟ ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି, ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା, ଏମ୍‌ପି ବସନ୍ତ ପଣ୍ଡା, ପ୍ରତାପ ଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଛନ୍ତି। ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ସତ୍ୟବ୍ରତ ପଣ୍ଡା କହିଛନ୍ତି, ଓଡ଼ିଶା ବିକାଶର ଲକ୍ଷ୍ୟ ପାଇଁ ନୁହେଁ, କେବଳ କ୍ଷମତା ଦଖଲ ଲକ୍ଷ୍ୟ ପାଇଁ ବିଜେଡି କାର୍ଯ୍ୟ କରୁଥିବାରୁ ବର୍ତ୍ତମାନ ଓଡ଼ିଶାର ବିକାଶ ଠପ୍ ହୋଇପଡ଼ିଛି। ଜନ ଆନ୍ଦୋଳନ ଚାପରେ ବିଳମ୍ବରେ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀ ତାଙ୍କ ମନ୍ତ୍ରିମଣ୍ଡଳରୁ ୪ ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ମୁକ୍ତ କରି ତାଙ୍କୁ ସୁରକ୍ଷା ଦେଉଥିବାବେଳେ ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରିବା ପାଇଁ କାର୍ଯ୍ୟକାରିଣୀ ଦାବି କରିଛି। ସେହିପରି ରାଷ୍ଟ୍ରପତି ପଦବୀ ଲାଗି ଜଣେ ଓଡ଼ିଆ ମହିଳାଙ୍କୁ ମନୋନୀତ କରିବା, କୃଷକ କଲ୍ୟାଣକୁ ପ୍ରାଥମିକତା, ଗରିବ କଲ୍ୟାଣ ଯୋଜନା ଆଦି ଲାଗି କେନ୍ଦ୍ର ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ପ୍ରସ୍ତାବ ଦିଆଯାଇଛି। ସେହିପରି ବିଭିନ୍ନ ମୋର୍ଚ୍ଚା ସେମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ରିପୋର୍ଟ ପ୍ରଦାନ କରିଛନ୍ତି। ବୁଥ୍‌ସ୍ତରରେ ସଙ୍ଗଠନ ମଜଭୁତ କରିବା ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଛି।




ଭାଜପା କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ନେତୃବୃନ୍ଦ।

## ଆଦିବାସୀଙ୍କ ସହ ନ ଖେଳି ସେମାନଙ୍କ କଲ୍ୟାଣ ଲାଗି କାମ କର: କଂଗ୍ରେସ



କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମ ଆବାହକ ସତ୍ୟପ୍ରକାଶ ନାୟକ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର,୨୯।୬(ବ୍ୟୁରୋ)**

ଦେଶରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏର ପ୍ରାର୍ଥୀଭାବେ ବରିଷ୍ଠ ଭାଜପା ନେତ୍ରୀ ତଥା ପୂର୍ବତନ ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରାର୍ଥୀ କରାଯାଇଛି। ଏହାପରେ ମାଟି ଓ ପାର୍ଟିକୁ ନେଇ ଯେଉଁ ରାଜନୀତି ଉଭୟ ଭାଜପା ଓ ବିଜେଡି ଆରମ୍ଭ କରିଛନ୍ତି ତାକୁ କଂଗ୍ରେସ ନାପସନ୍ଦ କରିଛି। ଏହାସହ ସରଳ ଆଦିବାସୀଙ୍କର ଭାବାବେଗ ସହିତ ନ ଖେଳି ତାଙ୍କର କଲ୍ୟାଣ ନିମନ୍ତେ କାର୍ଯ୍ୟକରିବାକୁ କଂଗ୍ରେସ ପରାମର୍ଶ ଦେଇଛି।

କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ଗଣମାଧ୍ୟମ ଆବାହକ ସତ୍ୟପ୍ରକାଶ ନାୟକ କହିଛନ୍ତି, ଉଭୟ ଭାଜପା ଏବଂ ବିଜେଡିକୁ ଆଦିବାସୀ ସ୍ୱାର୍ଥ ବିରୋଧୀ ଦଳ ଭାବେ ଅଭିହିତ କରିଛନ୍ତି। ରାଜ୍ୟରେ ଆଦିବାସୀଙ୍କ ବିକାଶ ପାଇଁ ଗଠିତ ହୋଇଥିବା ଟ୍ରାଇବ୍ ଆଡଭାଇଜରି କାଉନ୍‌ସିଲ ବା ଆଦିବାସୀ ଉପଦେଷ୍ଟା ସମିତି ଅଧ୍ୟକ୍ଷ ଥାଇ ସୁଦ୍ଧା ଗତ ୪ ବର୍ଷରେ ଥରୁଟିଏ ହେଲେ ବୈଠକ ଡାକିନାହାନ୍ତି ବା ଡାକିବାକୁ ଉପଯୁକ୍ତ ଭାବିନାହାନ୍ତି। ରାଷ୍ଟ୍ରପତି ନିର୍ବାଚନ ଏକ ରାଜନୈତିକ ପ୍ରକ୍ରିୟା ଏବଂ ଚଳିତ ନିର୍ବାଚନରେ ଭାଜପା ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ବିଜେଡି ସମର୍ଥନ ଦେଉଛି। କିନ୍ତୁ ପାର୍ଟି ଓ ମାଟିର ନାରା ଦେଇ ରାଜ୍ୟର ଆଦିବାସୀଙ୍କ ସ୍ୱାର୍ଥ ରକ୍ଷାକୁ ଅଗ୍ରାଧିକାର ଦେବା ପରିବର୍ତ୍ତେ କଂଗ୍ରେସ ଉପରକୁ ଦୋଷ ଲଦିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି।

## ଓୱାଇସିଙ୍କୁ ଝଟକା: ୪ ବିଧାୟକ ଆର୍‌ଜେଡିରେ ସାମିଲ

**ପାଟନା,୨୯।୬:** ବିହାରରେ ଆସାଦୁଦ୍ଦିନ ଓୱାଇସିଙ୍କ ପାର୍ଟିକୁ ବଡ଼ ଝଟକା ଲାଗିଛି। ରାଜ୍ୟରେ ଏଆଇଏମ୍‌ଆଇଏମ୍ ବିଧାୟକଙ୍କ ମଧ୍ୟରୁ ୪ଜଣ ଆର୍‌ଜେଡିରେ ଯୋଗ ଦେଇଛନ୍ତି। ସେମାନେ ହେଲେ ଶାହନଓ୍ୱାଜ, ଇଜହାର, ଅଞ୍ଜାର ନାଇୟନୀ ଏବଂ ସଇଦ ରୁକଉଦ୍ଦିନ। ବିହାର ବିଧାନସଭାରେ ବିରୋଧୀ ଦଳର ନେତା ତଥା ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଧ୍ୟ ଓୱାଇସି ଦଳର ୪ଜଣ ବିଧାୟକ ଆର୍‌ଜେଡିରେ ଯୋଗଦେବା ଖବରକୁ ସ୍ୱୀକାର କରିଛନ୍ତି। ଫଳରେ ଆର୍‌ଜେଡିର ବିଧାୟକ ସଂଖ୍ୟା ଏବେ ୮୦ରେ ପହଞ୍ଚିଛି। ପୂର୍ବରୁ ଆର୍‌ଜେଡିରେ ୭୬ଜଣ ବିଧାୟକ ଥିଲେ।

ବିରୋଧୀ ଦଳର ନେତା ତେଜସ୍ୱୀ ଯାଦବ ଏଆଇଏମ୍‌ଆଇଏମ୍‌ର ୪ଜଣ ବିଧାୟକଙ୍କ ସହ ବିଧାନସଭା ବାଚସ୍ପତି ବିଜୟ ସିହ୍ନାଙ୍କ ଚାମ୍ବରକୁ ଯାଇଥିଲେ। ଏଠାରୁ ଯିବା ପରେ ସେ କହିଥିଲେ, ୪ ଜଣ ବିଧାୟକ ଆର୍‌ଜେଡିରେ ଯୋଗଦେଇଛନ୍ତି। ଏଆଇଏମ୍‌ଆଇଏମ୍ ରାଜ୍ୟ ସଭାପତି ଅଖତରୁଲ ଇମାନ ଓୱାଇସିଙ୍କ ଦଳ ଛାଡି ନାହାନ୍ତି। ଏହା ବ୍ୟତୀତ ୪ଜଣ ବିଧାୟକ ଆରଜେଡିରେ ଯୋଗଦେଇଛନ୍ତି।

**ମହାନଦୀ କୋଲ୍‌ଫିଲଡସ୍ ଲିମିଟେଡ୍**
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5107

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852
E-mail: serifedodisha@gmail.com, Website: www.serifedodisha.in

Bid identification no:- VI-36(09)/SERIFED/2022-23/866 DT.29.06.2022

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only, for Phase II work of Establishment of Bunakar Bazar at Balijury (Behera), Bargarh. The contractor having experiences in executing similar type of work shall participate in the tender. The bid documents such as DTCN/BOQ etc. can be seen/downloaded from the government website : **www.tendersodisha.gov.in** during the period **dt.01.07.2022 to 17.00 hours up to dt. 16.07.2022**. Online bids shall be received till **17.00 hours dt. 16.07.2022** & shall be opened **at 11.30 AM on Dt. 18.07.2022**. Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR

**OFFICE OF THE DIVISIONAL FOREST OFFICER**
**GHUMSUR SOUTH DIVISION**
Bhejiput, Bhanjanagar, Ganjam, Odisha, Pin - 761126
Phone No.06821-241015, Fax No.06821-241014,
E-mail:dfo.ghumsursouth@odisha.gov.in
Notice No.4907, Date:27.06.2022

**SHORT TENDER NOTICE FOR HIRING OF VEHICLE DURING 2022-23**

**No.MM-82:** Sealed tenders are invited from interested Vehicle Owners/ Travel Agencies/ Tour Operators for providing diesel run Bolero models vehicles 7 Nos. of Non-AC / AC for official use on hiring basis at different Govt. Offices of Ghumsur South Forest Division on terms and conditions mentioned in the standard bidding documents so as to reach in the O/o the DFO, Ghumsur South on or before 08.07.2022 up to 05.00 P.M through Registered/ Speed Post/ Courier Service and can also be dropped in Tender Box placed in Office of the Divisional Forest Officer, Ghumsur South Forest Division. The tenders will be open in the same office on dated 09.07.2022 at 03.30P.M. The standard bidding documents and terms and conditions can be downloaded from www.ganjam.nic.in / www.odishaforest.in and also can be obtained from Office of the Divisional Forest Officer, Ghumsur South Division, Ghumsur South from dt.29.06.2022 to 08.07.2022. Tender inviting authority reserves the right of accepting or rejecting one or more tender offer(s) or cancelling the tender without assigning any reason thereof.

**Sd./-Divisional Forest Officer,**
**Ghumsur South Division**
OIPR-08051/11/0003/2223

## ୩୧% ରାଜ୍ୟ ସଭା ସଦସ୍ୟଙ୍କ ନାମରେ ଆପରାଧିକ ରେକର୍ଡ

### ଏଡିଆର୍ ରିପୋର୍ଟ

**ନୂଆଦିଲ୍ଲୀ, ୨୯।୬**

ବର୍ତ୍ତମାନ ରାଜ୍ୟ ସଭାରେ ଥିବା ଏମ୍‌ପିଙ୍କ ମଧ୍ୟରୁ ୩୧ପ୍ରତିଶତଙ୍କ ନାମରେ ଆପରାଧିକ ରେକର୍ଡ ରହିଛି। ତେବେ ରାଜ୍ୟ ସଭାର ସଦସ୍ୟମାନଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ୭୯.୫୪କୋଟି ଟଙ୍କା ବୋଲି ଆସୋସିଏଶନ ଫର ଡେମୋକ୍ରାଟିକ୍ ରିଫର୍ମସ(ଏଡିଆର) ତଥ୍ୟରୁ ଜାଣିବାକୁ ମିଳିଛି। ଉକ୍ତ ସଦନର ୨୩୩ ସଦସ୍ୟଙ୍କ ମଧ୍ୟରୁ ୨୨୬ଜଣଙ୍କ ଆପରାଧିକ, ଆର୍ଥିକ ଏବଂ ଅନ୍ୟାନ୍ୟ ବିଷୟକୁ ଏଡିଆର୍ ପକ୍ଷରୁ ତର୍ଜମା କରାଯିବା ପରେ ଏହି ସୂଚନା ମିଳିଛି। ବର୍ତ୍ତମାନ ରାଜ୍ୟ ସଭାରେ ଗୋଟିଏ ଆସନ ଖାଲି ପଡ଼ିଛି। ୨ଜଣ ସଦସ୍ୟଙ୍କ ସତ୍ୟପାଠ ସଂକ୍ରାନ୍ତରେ କୌଣସି ତଥ୍ୟ ମିଳି ନ ଥିବାବେଳେ ଜମ୍ମୁ-କଶ୍ମୀର ୪ ଆସନକୁ ହିସାବକୁ ନିଆଯାଇ ନାହିଁ। ଅବଶିଷ୍ଟ ୨୨୬ ଏମ୍‌ପିଙ୍କ ମଧ୍ୟରୁ ୧୯୭ଜଣ ଅର୍ଥାତ୍ ୮୭% କୋଟିପତି ଥିବାବେଳେ ସେମାନଙ୍କ ହାରାହାରି ସମ୍ପତ୍ତିର ମୂଲ୍ୟ ୭୯.୫୪ କୋଟି ଟଙ୍କା ରହିଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି। ସେହିପରି ୭୧ ଏମ୍‌ପି ଅର୍ଥାତ୍ ୩୧% ସେମାନଙ୍କର ଆପରାଧିକ ରେକର୍ଡ ସମ୍ପର୍କରେ ଉଲ୍ଲେଖ କରିଥିବାବେଳେ ୧୬% ଅର୍ଥାତ୍ ୩୭ଜଣଙ୍କ ବିରୋଧରେ ସଙ୍ଗିନ ଅପରାଧ ମାମଲା ରହିଛି। ରିପୋର୍ଟ ଅନୁଯାୟୀ ୨ଜଣଙ୍କ ବିରୋଧରେ ହତ୍ୟା( ଦଫା ୩୦୨) ଏବଂ ୪ଜଣଙ୍କ ବିରୋଧରେ ହତ୍ୟା ଉଦ୍ୟମ (ଦଫା ୩୦୭)ରେ ମାମଲା ରହିଥିବା ଜଣାପଡ଼ିଛି।

ରିପୋର୍ଟ ଅନୁଯାୟୀ ରାଜ୍ୟ ସଭାରେ ଭାଜପାର ୮୫ ଏମ୍‌ପି ମଧ୍ୟରୁ ୨୦, କଂଗ୍ରେସର ୩୧ ରୁ ୧୨, ତୃଣମୂଳ କଂଗ୍ରେସର ୧୩ ରୁ ୩, ଆର୍‌ଜେଡିର ୬ରୁ ୫, ସିପିଏମ୍‌ର ୫ରୁ ୪, ଏଏପିର ୧୦ରୁ ୩, ୱାଏସ୍‌ଆର୍‌ସିପିର ୯ରୁ ୩ ଏବଂ ଏନ୍‌ସିପିର ୪ରୁ ୨ଜଣଙ୍କ ନାମରେ ଆପରାଧିକ ମାମଲା ରହିଛି। ଅନୁରୂପ ଭାବେ ଆପରାଧିକ ତଥ୍ୟ ସମ୍ପର୍କିତ ରାଜ୍ୟଓ୍ୱାରି ରିପୋର୍ଟ ଅନୁସାରେ ଉତ୍ତରପ୍ରଦେଶର ୩୧ ଏମ୍‌ପିଙ୍କ ମଧ୍ୟରୁ ୭ଜଣ, ମହାରାଷ୍ଟ୍ରର ୧୯ରୁ ୧୨, ତାମିଲନାଡୁର ୧୮ରୁ ୬, ପଶ୍ଚିମବଙ୍ଗର ୧୬ରୁ ୩, କେରଳର ୯ରୁ ୬, ବିହାରର ୧୬ରୁ ୧୦ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି।

**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022, Odisha

**NOTICE INVITING TENDER**
NIT No: TPCODL/P&S/NIT/22-23/005

TP Central Odisha Distribution Limited invites open tender from eligible Bidders for the following:

| Sl No | Tender Description | Tender Enquiry No. | Tender Fee Incl. of GST(Rs.)* | EMD (Rs. Lakh)** | Last date and time of Payment of Tender Fee |
|---|---|---|---|---|---|
| 1 | Construction (SITC) of (A) Associated 33kV & 11kV Lines for 11 nos of proposed 33/11kV Primary Substation (Package-A) (B) 33/11 KV Primary Sub Stations including complete Control Room Building at different locations (Package-B) | TPCODL/P&S/ 1000000243/2022-23 | 5,000/- | Pkg(A)-124.00 Pkg(B)-61.00 | 07/07/2022, 17.00 Hrs |
| 2 | RC for SITC and Management of MPLS VPN links | TPCODL/P&S/ 1000000245/2022-23 | 5,000/- | 2.00 | 12/07/2022, 17.00 Hrs |
| 3 | Hiring of Media Agency for Advertisement Services | TPCODL/P&S/ 1000000244/2022-23 | 5,000/- | 0.50 | 08/07/2022, 17.00 Hrs |

For further details of Tenders, please visit Vendor Zone/Tender Section on TPCODLwebsite https://tpcentralodisha.com.Future communication/corrigendum to tender documents, if any, shall be available on website.

## ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ ପାଳିତ

**ବ୍ରଜରାଜନଗର (ଡି.ଏନ.ଏ.):** ବ୍ରଜରଜନଗର ସହରାଞ୍ଚଳ ଗୋପବନ୍ଧୁ ଛକଠାରେ ଉତ୍କଳମଣି ଗୋପବନ୍ଧୁଙ୍କ ୯୪ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ପ୍ରତାପ କେଶରୀ ସିଂ ଓ ଉପନ ଚରଣ ସାହୁ ଅତିଥି ଭାବରେ ଯୋଗଦେଇ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନସିଲର ସତ୍ୟାନନ୍ଦ ଦାସ, ସାମାଜିକ କର୍ମୀ କ୍ଷିରୋଦ ରାଉତ, ସଂଗ୍ରାମ ସାଏ. ସଞ୍ଜୟ ବାହୁବଳେନ୍ଦ୍ର, ଅମିୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏମ୍‌ସିଏଲ୍‌ର ତାଳଚେରଠାରେ ୨ଟି କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ ଆଜି

**ସମ୍ବଲପୁର,୨୯।୬ (ବ୍ୟୁରୋ):** ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଦ୍ୱାରା ପରିଚାଳିତ ଅନୁଗୋଳ ଜିଲା ତାଳଚେରଠାରେ ଗୁରୁବାର ୨ଟି କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ ହେବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ଏମ୍‌ସିଏଲ୍ ଦ୍ୱାରା ବିଦ୍ୟାଳୟ ପ୍ରତିଷ୍ଠା କରାଯାଉଛି। ତାଳଚେର ଜଗନ୍ନାଥ ଏରିଆ, ସୁଭଦ୍ରା ଏରିଆ ଓ ସୁନ୍ଦରଗଡ଼ ଜିଲାର କୋଇଲାଞ୍ଚଳ ମହାଲକ୍ଷ୍ମୀ ଅଞ୍ଚଳରେ ପ୍ରତିଷ୍ଠା କରାଯିବ। ଅପରପକ୍ଷେ ଓଡ଼ିଶାରେ ଡିଏଭି ମ୍ୟାନେଜମେଣ୍ଟ ଦ୍ୱାରା ପରିଚାଳିତ ପ୍ରୋଜେକ୍ଟ ସ୍କୁଲ ବ୍ୟତୀତ ଏମ୍‌ସିଏଲ୍ ଅନୁଦାନରେ ବିଭିନ୍ନ ଅଞ୍ଚଳରେ ୧୭ଟି ଅଣସରକାରୀ ଶିକ୍ଷାନୁଷ୍ଠାନକୁ ସମର୍ଥନ କରୁଛି। ଏ ନେଇ ବୁଧବାର ମହାନଦୀ କୋଇଲା କମ୍ପାନୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

### ଲ୍ୟାମ୍ପ୍ସ ଡାଇରେକ୍ଟରଙ୍କୁ ସମ୍ବର୍ଦ୍ଧନା

**କୁଚିଣ୍ଡା,୨୯।୬(ଡି.ଏନ.ଏ.):** କୁଚିଣ୍ଡା ଉପଖଣ୍ଡରେ ଥିବା ୯ଗୋଟି ଲ୍ୟାମ୍ପ୍ସ ସମିତିର ନବ ନିର୍ବାଚିତ ଡାଇରେକ୍ଟରଙ୍କୁ ବିଜେଡି ପକ୍ଷରୁ ବୁଧବାର କୁଚିଣ୍ଡା ଟାଉନ ହଲଠାରେ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ସଭାପତି ଅମୂଲ୍ୟ ମିଶ୍ରଙ୍କ ଅଧକ୍ଷତାରେ ହୋଇଥିବା ସଭାରେ ସମ୍ବଲପୁର ଜିଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଜିଲା ଉପସଭାପତି ପ୍ରଦୀପ ମିଶ୍ର, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ଜମନକିରା ବ୍ଲକ ଅଧକ୍ଷା ଆଶ୍ରିତା ଭୋଇ, ଜିଲା ପରିଷଦ ସଭ୍ୟ ଅଜିତ ମହାପାତ୍ର ଓ କୃଷ୍ଣ ଚନ୍ଦ୍ର ଟାପୋ, କୁଚିଣ୍ଡା ଟାଉନ ସଭାପତି ସଞ୍ଜୟ ବେହେରା, ବିଜେଡି ଛାତ୍ର ସଭାପତି ଅଭିଳାଷ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଲ୍ୟାମ୍ପ୍ସ ସମିତି ଡାଇରେକ୍ଟରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗ: ଯୁବକ ଗିରଫ

**ରାଉରକେଲା ଅଫିସ, ୨୯।୬:** ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଉଦିତନଗର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଛେଣ୍ଡ କଳିଙ୍ଗବିହାରର ପ୍ରତ୍ୟୁଷ କୁମାର ରୟ(୨୮)। ସୂଚନାଯୋଗ୍ୟ, ସେକ୍ଟର-୧୪ ଅଞ୍ଚଳରେ ସମ୍ପିତ ଦାସ ପରିବାର ସହ ବାସ କରନ୍ତି। ବାସନ୍ତୀ କଲୋନୀ ଅଞ୍ଚଳରେ ତାଙ୍କର ବିଦ୍ୟୁତ ବିଲ ପୈଠ କେନ୍ଦ୍ର କାର୍ଯ୍ୟାଳୟ ରହିଛି। ଉକ୍ତ କାର୍ଯ୍ୟାଳୟରେ ପ୍ରତ୍ୟୁଷ ବିଦ୍ୟୁତ୍ ବିଲ ଜମାକାରୀଙ୍କ ଠାରୁ ଅର୍ଥ ଆଦାୟ କରି କାର୍ଯ୍ୟାଳୟରେ ଜମା କରନ୍ତି। ଗତ ୨୬ ତାରିଖରେ ପ୍ରତ୍ୟୁଷ ୯ ଲକ୍ଷ ଟଙ୍କା ବିଲ ଆଦାୟ କରି କୁଆଡ଼େ ଫେରାର ହୋଇଯାଇଥିଲେ। ଏନେଇ ସମ୍ପିତ ଥାନା ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୧୬୪।୨୨)ରୁଜୁ କରି ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ କଳିଙ୍ଗବିହାରୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି।

# ୧୦ ଲକ୍ଷ ଟଙ୍କାର କେନ୍ଦୁପତ୍ର ଜବତ

**ସମ୍ବଲପୁର,୨୯।୬(ବ୍ୟୁରୋ)**

ସମ୍ବଲପୁର ଜିଲାରେ କେନ୍ଦୁପତ୍ର ଚୋରା ଚାଲାଣ ଜୋରସୋରରେ ଚାଲିଛି। ରେଞ୍ଜ ଅଧୀନରେ ନିଯୁକ୍ତ ଥିବା ଅଧିକାରୀ ଓ କର୍ମଚାରୀ ସବୁ ଜାଣି ଚୁପ ରହୁଛନ୍ତି। ଏପରି କି ସ୍ଥାନୀୟ ପୋଲିସ ମଧ୍ୟ ନିଜ ଭାଗ ନେଇ ଆଖି ବନ୍ଦ କରିଦେଉଛି। ବୁଧବାର ସଦର ରେଞ୍ଜ ଭିମଖୋଜ ସେକ୍ସନ ଲାଇନପଡ଼ାର ଏକ ପରିତ୍ୟକ୍ତ ଘରୁ ୧୩୬୫ ବଣ୍ଡଲ କେନ୍ଦୁପତ୍ର ଜବତ ହେବା ପରେ ଏହା ସ୍ପଷ୍ଟ ହୋଇଛି। ଜବତ କେନ୍ଦୁପତ୍ର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସମ୍ବଲପୁର ଡିଏଫ୍‌ଓ ବି. ନୀଳାମ୍ବରଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରି କେନ୍ଦୁପତ୍ର ଜବତ କରିଛନ୍ତି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। କେନ୍ଦୁପତ୍ର ଥିବା ଘର କାହାର ସେ ନେଇ ମଧ୍ୟ ବନ ବିଭାଗ ପାଖରେ ଠିକ୍ ସୂଚନା ନାହିଁ। ଏହା ରାଜ୍ୟ ବାହାରକୁ ଚୋରା ଚାଲାଣ କରାଯିବାକୁ ରଖାଯାଇଥିଲା। ମଙ୍ଗଳବାର ରାତିରେ ଗାଡିରେ କେନ୍ଦୁପତ୍ର ଲୋଡ୍ ହେବା ନେଇ ବନ ବିଭାଗକୁ ସୂଚନା ମିଳିଥିଲା। ବିଭାଗର ୩ ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ଚଢାଉ କରିଥିଲେ। ଅଧିକାରୀମାନେ ଚଢାଉ ପାଇଁ ଗୋଟିଏ ରାସ୍ତାରେ ଗ୍ରାମକୁ ପ୍ରବେଶ କରିଥିଲେ। ହେଲେ ଅନ୍ୟବାଟ ଦେଇ ଗାଡି ସହ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ସଦର ରେଞ୍ଜର (ଆଇଏଫ୍‌ଏସ୍) ମୋନୁ ଭଟ୍ଟ, ରେଞ୍ଜର ଅକ୍ଷୟ ମହାରଣାଙ୍କ ସମେତ ଫରେଷ୍ଟରମାନେ ଉପସ୍ଥିତ ଥିଲେ। ଏ ନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିବା ବନ ବିଭାଗ କହିଛି।


ଜବତ ହୋଇଥିବା କେନ୍ଦୁପତ୍ର।

## ଝାରସୁଗୁଡ଼ା ଡିଏଭି ସ୍କୁଲ ଛାତ୍ରଙ୍କ ସଫଳତା

**ଝାରସୁଗୁଡ଼ା ଅଫିସ,୨୯।୬**

ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଅନୁଦାନରେ ବିଜ୍ଞାନ ତଥା ଅନୁସନ୍ଧାନ ସମ୍ପର୍କିତ ପାଠ୍ୟକ୍ରମରେ ମନୋନିବେଶ କରୁଥିବା ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବା ପାଇଁ କିଶୋର ବୈଜ୍ଞାନିକ ପ୍ରୋତ୍ସାହନ ଯୋଜନାରେ ସାମିଲ କରାଯିବାର ଅବ୍ୟବହିତ ପୂର୍ବରୁ କିଶୋର ଛାତ୍ରୀଛାତ୍ରଙ୍କ ନିମନ୍ତେ ଲିଖିତ ପରୀକ୍ଷା ଆୟୋଜିତ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଡିଏଭି ସ୍କୁଲର ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ବିଭାଗର ଦୁଇଛାତ୍ର ଶୁଭମ୍ କୁମାର ରଥ ଓ ଦେବେଶ ଭଟ୍ଟାଚାର୍ଜୀ ଉତ୍ତୀର୍ଣ୍ଣ ହୋଇ ସ୍କୁଲଲାଗି ଗୌରବ ଆଣିଛନ୍ତି। ଶୁଭମ ୬୦୭ତମ ର୍‌ୟାଙ୍କ ପ୍ରାପ୍ତ ହୋଇଛନ୍ତି। ସେହିପରି ଦେବେଶ ଜାତୀୟ ସ୍ତରରେ ୬୪୨ତମ ର୍‌ୟାଙ୍କ ହାସଲ କରିଛନ୍ତି। ଏମାନେ ସରକାରୀ ସ୍ତରରେ ବିଜ୍ଞାନ ଓ ଅନୁସନ୍ଧାନ କ୍ଷେତ୍ରରେ ଅଗ୍ରାଧିକାର ପାଇବା ସହିତ ପ୍ରୋତ୍ସାହନ ରାଶି ପ୍ରାପ୍ତ ହେବେ। ଜାତୀୟ ସ୍ତରରେ ମୋଟ ୫୦ ହଜାର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିବାବେଳେ ୯୭୬ ଜଣ ର୍‌ୟାଙ୍କ ପ୍ରାପ୍ତ ହୋଇଛନ୍ତି। ଏହି ଅବସରରେ ସ୍କୁଲ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶୁଭମ ଓ ଦେବେଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ସ୍କୁଲ ଅଧକ୍ଷ ଉଭୟ ଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଉଛନ୍ତି।

## ଆଦିବାସୀଙ୍କ ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା


ଆଦିବାସୀ ନେତୃବୃନ୍ଦଙ୍କ ସହ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଆଲୋଚନା କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୨୯।୬**

ଝାଡ଼ଖଣ୍ଡର ଖୁଣ୍ଟି ସହରସ୍ଥିତ ସର୍କିଟ ହାଉସଠାରେ ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକଙ୍କ ନେତୃତ୍ୱରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କ ସହ ରାଜ୍ୟର ଆଦିବାସୀଙ୍କ ବିଭିନ୍ନ ସମସ୍ୟା ଓ ଅଧିକାର ଉପରେ ଆଲୋଚନା ହୋଇଥିଲା। ଏଥିରେ ଝାଡ଼ଖଣ୍ଡ ମନୋହରପୁର ବିଧାନସଭାର ପୂର୍ବତନ ବିଧାୟକ ଗୁରୁଚରଣ ନାଏକ, ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ଝାରସୁଗୁଡ଼ା ଜିଲା ସଭାପତି ଡମ୍ବରୁଧର ନାଏକ, ସମ୍ମିଳିତ ଆଦିବାସୀ ସମାଜ ସଭାପତି ମାଧବ ସିଂହ ନାଏକ, ବଡଦେଓ ସେବାଟ୍ରଷ୍ଟର ମହାସଚିବ ପବିତ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ।

ଓଡ଼ିଶାର ୩୦ ଜିଲାରେ ବସବାସ କରୁଥିବା ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଆଦିବାସୀଙ୍କ ଅଧିକାର ପାଇଁ ରହିଥିବା ସାମ୍ବିଧାନିକ ନୀତିନିୟମ, ଚାକିରି କ୍ଷେତ୍ରରେ ନିଯୁକ୍ତି ଓ ପଦୋନ୍ନତିରେ ଆରକ୍ଷଣ, ରାଜ୍ୟରେ ୨୩ ପ୍ରତିଶତରୁ ଊର୍ଦ୍ଧ୍ୱ ଆଦିବାସୀ ବସବାସ କରୁଥିଲେ ମଧ୍ୟ ଅନୁସୂଚିତ ଜନଜାତି ଆୟୋଗ ଗଠନ ନ ହେବା, ୧୯୯୬ରୁ ଦେଶରେ ଆଦିବାସୀଙ୍କ ସୁରକ୍ଷା ପାଇଁ ପେଶା ଆଇନ ଲାଗୁ ହୋଇଥିଲେ ମଧ୍ୟ ରାଜ୍ୟରେ ତାହା ଲାଗୁ ନ ହେବା, ରାଜ୍ୟର ୧୪୨ଟି ଜଙ୍ଗଲ ଜାତ ଦ୍ରବ୍ୟର ଖରିଦ ବିକ୍ରିରେ ସରକାରଙ୍କ ନିର୍ଦ୍ଧାରିତ ଦରକୁ ଅବମାନନା କରିବା, ଝାରସୁଗୁଡା ଜିଲାର ଲଇକେରା, କିର୍ମିରା ଓ ସମ୍ବଲପୁର ଜିଲାର ଯୁଯୁମୁରା ବ୍ଲକକୁ ଆଇଟିଡିଏର ଅନ୍ତର୍ଭୁକ୍ତ କରିବା ପାଇଁ ସମସ୍ତ ନିୟମ ୨୦୧୧ ମସିହାରୁ ପୂରଣ କରୁଥିଲେ ମଧ୍ୟ ତାହା ଘୋଷଣା ନ ହେବା, ଲଇକେରା ଓ କିର୍ମିରା ବ୍ଲକ ପାଇଁ ପୃଥକ୍ ଭାବରେ ଦୁଇଟି ଏକଲବ୍ୟ ସ୍କୁଲ ମଞ୍ଜୁରୀ ହୋଇଥିବାବେଳେ ଏହା କାର୍ଯ୍ୟକାରୀ ନ ହେବା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। କେନ୍ଦ୍ରମନ୍ତ୍ରୀ ମୁଣ୍ଡା ଝାରସୁଗୁଡ଼ା ଗସ୍ତ କରି ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## 'ବିକାଶ ଧାରା ଜାରି ରହିବ'

### ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନାକଟିଦେଉଳ ଗସ୍ତ

**ନାକଟିଦେଉଳ,୨୯।୬(ଡ଼ି.ଏନ.ଏ.)**

ରେଢାଖୋଲ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ବୁଧବାର ନାକଟିଦେଉଳ ବ୍ଲକ ଗସ୍ତ ଅବସରରେ ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମନ୍ତ୍ରୀ ପୂଜାରୀ ବ୍ଲକର ପାଣିମୁରା, କିସିଣ୍ଡା, ଗିରିଶ୍ଚନ୍ଦ୍ରପୁର, ବଳମ, ସରାପାଲି, ନାକଟିଦେଉଳ, ସାହେବୀ, ବାଟଗାଁ, ଜାମୁଯୋରୀ, ସାଲେଭଟା, ଶିମିଳିପାଳ, ଘୋଷରାମାଳ, ଡ଼ଇଁଚା, ଗୋଗୁଆ ଗ୍ରାମ ପଞ୍ଚାୟତ ଗସ୍ତ କରିଥିଲେ। ଏହି ସମୟରେ ପଞ୍ଚାୟତ କାର୍ଯ୍ୟାଳୟଠାରେ ତାଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀ କହିଥିଲେ, ନାକଟିଦେଉଳ ବ୍ଲକରେ ନବୀନ ସରକାରଙ୍କ ଅମଳରେ ବହୁ ବିକାଶ ଘଟିଛି ଏବଂ ଆଗାମୀ ଦିନରେ ମଧ୍ୟ ଏହି ବିକାଶ ଧାରା ଜାରି ରହିବ। ଏଥିସହିତ ଅଞ୍ଚଳରେ ଉଚ୍ଚଶିକ୍ଷାର ପ୍ରସାର ଦିଗରେ ସେ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବେ ବୋଲି କହିଥିଲେ। ବିଭିନ୍ନ ଗ୍ରାମରେ ଜନସାଧାରଣ ସେମାନଙ୍କ ସମସ୍ୟା ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ବାଳକ ଓ ବାଳିକା କମନ ରୁମ ସହିତ ସାଇକେଲ ଷ୍ଟାଣ୍ଡ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆଦର୍ଶ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ରହିଥିବା ବେଳେ ଶୌଚାଳୟ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଲିଖିତାକାରେ ଅଭିଯୋଗ କରାଯାଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସ୍ୱରୁପାରାଣୀ ସାହୁ, ପୂର୍ବତନ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ବିଜେଡ଼ି ଜିଲା ଉପସଭାପତି ଅନାଦି ଚରଣ ସାହୁ, ବିଧାୟକଙ୍କ ବ୍ଲକ ପ୍ରତିନିଧି ନୀଳାମ୍ବର ସାହୁ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ଗିରିଶ୍ଚନ୍ଦ୍ରପୁର ସରପଞ୍ଚ ଶୁଭେନ୍ଦ୍ର ପ୍ରଧାନ, ଜିଲାପରିଷଦ ସଭ୍ୟା ପ୍ରିୟମ୍ବଦା ସାହୁ, ସାହେବୀ ସମିତି ସଭ୍ୟା ଗୀତାଞ୍ଜଳି ଦେହୁରି, ଜାମୁଯୋରୀ ସରପଞ୍ଚ ରୀନା ବିଶି ଉପସ୍ଥିତ ଥିଲେ।


ମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି।

## ଜୁଲାଇ ୧୫ରୁ ପୁଣି ଚାଲିବ ପୁରୀ ଶିରିଡି ଏକ୍ସପ୍ରେସ

**ସମ୍ବଲପୁର,୨୯।୬ (ବ୍ୟୁରୋ)**

ସମ୍ବଲପୁର ଭାଜପା ପ୍ରତିନିଧି ଦଳ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି କେତେକ ଟ୍ରେନ ଚଳାଇବାକୁ ଦାବି କରିଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ ରେଙ୍ଗାଲି ବିଧାୟକ ନାଉରୀ ନାୟକ ନେତୃତ୍ୱ ନେଇଥିଲେ। ଉଭୟ ବିଧାୟକଙ୍କ ଅନୁରୋଧ ରକ୍ଷାକରି ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କରୋନା ସମୟରୁ ବନ୍ଦ ରହିଥିବା ପୁରୀ ଶିରିଡି ଏକ୍ସପ୍ରେସ ପୁନଃ ଚାଲୁ କରିବା ପାଇଁ ରେଳ ବିଭାଗ ନିଷ୍ପତ୍ତି ନେଇଛି। ଜୁଲାଇ ୧୫ରୁ ଏହା ଚାଲିବ। ଏହା ଜାଣିବା ପରେ ବିଧାୟକ ମିଶ୍ର ଓ ନାୟକଙ୍କ ସମେତ ଜିଲା ସଭାପତି ଗିରିଶ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର ଓ ରାମ ଚନ୍ଦ୍ର ମେହେର, ଜିଲା ସାଧାରଣ ସମ୍ପାଦକ ଅନୀଲ ବେହେରା, ବରିଷ୍ଠ ଭାଜପା ନେତା ବେଣୁଧର ଦାଶ, ଦାମୋଦର କର, ଗୋବିନ୍ଦ ଅଗ୍ରୱାଲ, କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁ, ଜିଲା ଗଣମାଧମ ସଂଯୋଜକ ସଞ୍ଜୟ ଷଡଙ୍ଗୀ, ପ୍ରବକ୍ତା ତଥା ଗଣମାଧମ ସଂଯୋଜକ ମାନସ ରଞ୍ଜନ ବକ୍ସି ସ୍ୱାଗତ କରିଛନ୍ତି।

## କୋଲ ଇଣ୍ଡିଆ ୱିନ୍ସ ଓଭର କୋଭିଡ୍ ପୁସ୍ତକ ଉନ୍ମୋଚିତ




**ସମ୍ବଲପୁର,୨୯।୬ (ବ୍ୟୁରୋ)**

'କୋଲ ଇଣ୍ଡିଆ ୱିନ୍ସ ଓଭର କୋଭିଡ୍' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହାକୁ ଉନ୍ମୋଚନ କରିଥିଲେ। ଜାତୀୟ ଖଣିଜ ସଂସ୍ଥା କୋଲ ଇଣ୍ଡିଆ ଓ ଏହାର ସହଯୋଗୀ କମ୍ପାନୀଗୁଡିକ କୋଭିଡ-୧୯ ମହାମାରୀ ସମୟରେ ସୃଷ୍ଟି ହୋଇଥିବା ଆହ୍ୱାନକୁ କିପରି ମୁକାବିଲା କରିଥିଲେ ତାହା ଏହି ପୁସ୍ତକରେ ବର୍ଣ୍ଣିତ ରହିଛି। ପୁସ୍ତକ ଉନ୍ମୋଚନ ସମୟରେ କେନ୍ଦ୍ର କୋଇଲା ସଚିବ ଡ. ଅନିଲ ଜୈନ, ଅତିରିକ୍ତ ସଚିବ ବିନୋଦ ତିୱାରୀ, ସିଆଇଏଲ୍ ଅଧକ୍ଷ ପ୍ରମୋଦ ଅଗ୍ରୱାଲ, କାର୍ମିକ ନିର୍ଦ୍ଦେଶକ ବିନୟ ରଞ୍ଜନ, ବୈଷୟିକ ନିର୍ଦ୍ଦେଶକ ବି ବୀରା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ମହାନଦୀ କୋଇଲା କମ୍ପାନୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

## ଅଜ୍ଞାତର ପାଦଚିହ୍ନ ପୁସ୍ତକ ମନ୍ଥନ କାର୍ଯ୍ୟକ୍ରମ

**ସମ୍ବଲପୁର,୨୯।୬ (ବ୍ୟୁରୋ)**

ଅଜ୍ଞାତର ପାଦଚିହ୍ନ ପୁସ୍ତକ ମନ୍ଥନ କାର୍ଯ୍ୟକ୍ରମ ବୁଧବାର ସନ୍ଧ୍ୟାରେ ସମ୍ବଲପୁର ସାର୍ବଜନୀନ ପାଠାଗାର ସଭା କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର କାଳିଦାସ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫେସର ସୁଦର୍ଶନ ପୂଜାରୀ ଯୋଗଦେଇ ଭାରତୀୟ ଓ ପାଶ୍ଚାତ୍ୟ ଧର୍ମ ଏବଂ ଦର୍ଶନରେ ଈଶ୍ୱର ସତ୍ୟ ବିଷୟରେ ଆଲୋକପାତ କରିଥିଲେ। ଡ. ମନୋଜ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧ୍ୟାପକ ଅଖିଳ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ. ଗୋବିନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ପୁସ୍ତକର ଲେଖକ ରାମାକୃଷ୍ଣ ମଧ ବକ୍ତବ୍ୟ ରଖିଥିଲେ। ସାଧନା ଅନୁଷ୍ଠାନ ପକ୍ଷରୁ ଏହା ଆୟୋଜିତ ହୋଇଥିଲା।

## ଆଶ୍ରମ ସ୍କୁଲ ପରିସରରୁ ନାଗସାପ ଉଦ୍ଧାର

**ଜମନକିରା,୨୯।୬(ଡି.ଏନ.ଏ.)**

ଜମନକିରା ବ୍ଲକ ଷଣ୍ଢପଥର ଆଶ୍ରମ ସ୍କୁଲ ପରିସରରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ନାଗସାପ ଉଦ୍ଧାର ହୋଇଛି। ସାପଟି ସ୍କୁଲ ହତା ଭିତରେ ପଶିଥିବା ବେଳେ ଶିକ୍ଷକଙ୍କ ନଜରକୁ ଆସିଥିଲା। ସେ ତୁରନ୍ତ ସାପ ଉଦ୍ଧାରକାରୀ ଦଳକୁ ଯୋଗାଯୋଗ କରିଥିଲେ। ଜମନକିରାରୁ ସାପଧରାଳୀ ପ୍ରଦୀପ କୁମାର ବାରିକ ଓ ତାଙ୍କ ଟିମ୍ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଛନ୍ତି। ଠିକ୍ ସମୟରେ ସାପ ଧରାଯାଇଥିବାରୁ ଛାତ୍ରୀଛାତ୍ରଙ୍କ ପ୍ରତି ରହିଥିବା ବିପଦ ଟଳିଯାଇଥିବା ଆଲୋଚନା ହେଉଛି।

## ବାଲିବନ୍ଧାରେ ବସିବ କମଳିବଜାର ସାପ୍ତାହିକ ହାଟ

### କମିଶନରଙ୍କ ସହ ଉଠାଦୋକାନୀ ସଂଘର ଆଲୋଚନା

**ସମ୍ବଲପୁର,୨୯।୬(ବ୍ୟୁରୋ)**

ବୁଧବାର ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନରଙ୍କ ସହ ଉଠାଦୋକାନୀ ସଂଘର ଆଲୋଚନା ପରେ କମଳିବଜାର ସ୍ଥାନାନ୍ତର ବିବାଦର ଅନ୍ତ ଘଟିଛି। କମଳିବଜାରଠାରୁ ଅଳ୍ପଦୂର ବାଲିବନ୍ଧାରେ ଏହି ସାପ୍ତାହିକ ହାଟ ବସିବ ବୋଲି ସ୍ଥିର ହୋଇଛି। ଆଲୋଚନା ସମୟରେ ଉଠାଦୋକାନୀ ସଂଘ ସଭାପତି ସତିସ ବିସି, ସଭ୍ୟ ଅନୂପ ମଦକ, ଅଜିତ ମିଷ୍ଟ୍ରି, ସୁମନ୍ତ ପଣ୍ଡା, ରବି ପଧାନ, ଜୟରାମ ବଣିଆ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଅଭିଯୋଗ କରିଥିଲେ, କମଳିବଜାର ହେଉଛି ସମ୍ବଲପୁରର ବ୍ୟବସାୟିକ ପେଣ୍ଠସ୍ଥଳ। ପ୍ରାୟ ୨୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ସାପ୍ତାହିକ ହାଟ ବସିଆସୁଛି। ସମଲେଇ ଯୋଜନା ପାଇଁ ଏହି ସର୍ବପୁରାତନ ହାଟକୁ ଉଠାଯାଇ ଉନ୍ନତୀକରଣ କରାଯାଉଛି। ଏଥିପାଇଁ ବହୁବାର ଆନ୍ଦୋଳନ କରି ପ୍ରତିବାଦ କରାଯାଇଛି। ସମଲେଇ ଯୋଜନାରେ ସାମିଲ କରାଯାଉ ଏବଂ ଉଠା ଦୋକାନୀଙ୍କୁ ଉପଯୁକ୍ତ ଥଇଥାନ କରାଯାଉ ବୋଲି ଦାବି କରିଥିଲେ। ଆସନ୍ତା ରବିବାରଠାରୁ ପୁଣି ସାପ୍ତାହିକ କମଳିବଜାର ହାଟ ବସିବାକୁ ସ୍ଥିର ହୋଇଥିଲା। ସମଲେଇ ଯୋଜନା ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଦୋକାନୀମାନଙ୍କ ପାଇଁ କମଳିବଜାର-ବାଲିବନ୍ଧା ମଧ୍ୟରେ ରାସ୍ତାପାର୍ଶ୍ୱ ସମତଳ କରି ବଜାର ବସାଇବାର ବ୍ୟବସ୍ଥା କରାଯିବ ବୋଲି ଜିଲା ପ୍ରଶାସନ ତରଫରୁ ପ୍ରତିଶ୍ରୁତି ଦିଆଯାଇଥିଲା। ପରେ ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରଶାସନ କହିଥିଲା।


ସମ୍ବଲପୁର କମଳିବଜାର ସମସ୍ୟାକୁ ନେଇ ଆଲୋଚନା ଚାଲିଛି।

## ତହସିଲ ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

### ଶସ୍ୟବୀମା କ୍ଷତିପୂରଣ ଦାବି

■ କୃଷିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ଝାରସୁଗୁଡ଼ା ଅଫିସ,୨୯।୬**

ଶସ୍ୟବୀମା କ୍ଷତିପୂରଣ ଓ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ ଦାବିରେ ଲଖନପୁର ବ୍ଲକ୍ କୃଷକ ସଙ୍ଗଠନ ସମନ୍ୱୟ ସମିତି ତରଫରୁ ବୁଧବାର ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ସମିତି ତରଫରୁ କୃଷିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ବିଶ୍ୱକେଶନ ପାଣ୍ଡେଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସମିତିର କର୍ମକର୍ତ୍ତା ହେମକାନ୍ତ ବଡେଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କୃଷକ ସଙ୍ଗଠନ ପ୍ରବକ୍ତା ବିରଞ୍ଚି ସାହୁ, ସଚିବ ଗୋପୀନାଥ ମାଝି, ରଘୁନନ୍ଦନ ପଣ୍ଡା, ଜଗବନ୍ଧୁ ସା, ସଞ୍ଜୀବ ସାହୁ, ସନ୍ତୋଷ ବିଶ୍ୱାଳ, ଲିଙ୍ଗରାଜ ବଡେଇ, ଡୋଲାମଣି ପ୍ରଧାନ, ଘନଶ୍ୟାମ ବାରିକ, ବିରେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ଦୟାନିଧି ମେହେର ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ରହି ସରକାରଙ୍କ ଚାଷୀମାରଣ ନୀତିକୁ ସମାଲୋଚନା କରିଥିଲେ। ସେମାନେ ଦର୍ଶାଇଥିଲେ, ୨୦୨୦-୨୧ରେ ସ୍ୱଳ୍ପ ବର୍ଷା ଯୋଗୁ ଲଖନପୁର ବ୍ଲକ୍ ମରୁଡିର ସମ୍ମୁଖୀନ ହୋଇଥିଲା। ପାଣି ମାଡୁଥିବା ଜମି ବ୍ୟତୀତ ପ୍ରାୟ ସମସ୍ତ ଡିପଜମି (ମାଲ୍ ବେର୍ଣ୍ଣା)ରେ ଧାନ ଫସଲ ନଷ୍ଟ ହୋଇଥିଲା। ହେଲେ ବୀମା କାମ୍ପାନୀର ଭୁଲ କ୍ରପ୍ କଟିଂ ଯୋଗୁ ବ୍ଲକ୍ ଅନ୍ତର୍ଗତ ୧୨ ପଞ୍ଚାୟତର ଶସ୍ୟବୀମା ପଇଠ କରିଥିବା ଚାଷୀ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ତଦନ୍ତ ପରେ ଚାଷୀମାନେ ଜାଣିବାକୁ ପାଇଛନ୍ତି ସେତେବେଳେ ବୀମା କମ୍ପାନୀ ନିଜକୁ ସୁହାଇଲା ଭଳି ଧାନ ହୋଇଥିବା ଜମି ଚିହ୍ନଟକରି କ୍ରପ୍ କଟିଂ କରିଛି। ଏହାଛଡା ଝାରସୁଗୁଡା ଜିଲାକୁ ସରକାର ମରୁଡି ଘୋଷଣା କରିଥିବାବେଳେ ଇନ୍‌ପୁଟ୍ ସବ୍‌ସିଡି ପାଇଁ ଚାଷୀଙ୍କ ନିକଟରୁ ଦରଖାସ୍ତ ଆହ୍ୱାନ କରିଥିଲେ। ଏହି ପରିପ୍ରେକ୍ଷିରେ ଲଖନପୁର ବ୍ଲକ୍‌ର ୩୩ ଗ୍ରାମ ପଞ୍ଚାୟତ ମଧ୍ୟରୁ ୧୨ଟିରେ ମରୁଡି ହୋଇନାହିଁ ବୋଲି ଦର୍ଶାଯାଇଛି। କ୍ରପ୍ କଟିଂ ପୂର୍ବରୁ ଏ ସମ୍ପର୍କରେ ଗ୍ରାମର କୌଣସି ଚାଷୀଙ୍କୁ ଅବଗତ କରା ନ ଯାଇ ଅନ୍ଧାରରେ ରଖାଯାଉଛି। କ୍ରପ୍ କଟିଂକୁ ନେଇ ପଞ୍ଚାୟତକୁ ୟୁନିଟ୍ ଭାବେ ଗ୍ରହଣ କରାଯାଇଛି। ପ୍ରତ୍ୟେକ ଗ୍ରାମର ମାଲ ବେର୍ଣ୍ଣା ଓ ବାହାଲ ଜମିରେ ହୋଇଥିବା ଧାନ ଫସଲ ଅମଳକୁ ଆଧାରକରି ସମ୍ପୃକ୍ତ ପଞ୍ଚାୟତକୁ ମରୁଡି ଘୋଷଣା କରାଯାଉ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି।


ଚାଷୀମାନେ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ: ୨ ଗିରଫ

**ରାଉରକେଲା ଅଫିସ,୨୯।୬:** ରାଉରକେଲା ଆରପିଏଫ୍ ପୋଲିସ ଦୁଇଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବିହାର ଅଞ୍ଚଳର ରାଜୁ କୁମାର ସାହ(୩୩) ଓ ମୁସାରଫ ମିଆଁ(୩୨)। ସୂଚନାଯୋଗ୍ୟ, ରାଜୁ ଓ ମୁସାରଫ ବିହାର ଛପରା ଜିଲା ଦେଓରିଆ ଗ୍ରାମରେ ବାସ କରନ୍ତି। ବୁଧବାର ସାଢ଼େ ୧୧ଟା ସମୟରେ ଏକ ନାଲି ଟଲି ବ୍ୟାଗରେ ୨୮ କେ.ଜି ୪ଶହ ଗ୍ରାମ ଗଞ୍ଜେଇ ଧରି ବିହାରକୁ ଯିବା ପାଇଁ ରାଉରକେଲା ରେଳ ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରିଥିଲେ। ଏହି ସମୟରେ ଆରପିଏଫ ପୋଲିସ ରେଳ ଷ୍ଟେସନ ପରିସରରେ ଯାଞ୍ଚ ଆରମ୍ଭ କରିଥିଲେ। ଦୁଇଜଣଙ୍କ ବ୍ୟାଗ୍‌ରେ ବିପୁଳ ପରିମାଣରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ପରେ ଦୁଇ ଜଣଙ୍କୁ ଗିରଫ କରି ରାଉରକେଲା ଅବକାରୀ ପୋଲିସକୁ ହସ୍ତାନ୍ତର କରିଥିଲା। ଏନେଇ ଅବକାରୀ ପୋଲିସ ଏକ ମାମଲା ରୁଜୁ କରି ଦୁଇଜଣ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି।

### ପିକ୍‌ଅପ୍ ଧକ୍କାରେ ଯୁବକ ମୃତ

**ରାଉରକେଲା ଅଫିସ,୨୯।୬:** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ମନ୍ଦିର ଛକରେ ଟାଟାପିକ୍‌ଅପ ଗାଡି ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତ ଯୁବକ ବାସନ୍ତୀ କଲୋନୀ ଅଞ୍ଚଳର ରାଜେଶ ଖାଡିଆ(୨୩) ବୋଲି ଜଣାପଡ଼ିଛି। ବାସନ୍ତୀ କଲୋନୀ ଆମ୍ବେଦକର ନଗର ବସ୍ତିରେ ରାଜେଶ ପରିବାର ସହ ବାସ କରନ୍ତି। ମଙ୍ଗଳବାର ସାଢ଼େ ୨ଟାରେ ଏକ ସାଇକେଲ ଯୋଗେ ରାଜେଶ ବେଦବ୍ୟାସ ମନ୍ଦିର ରୋଡରେ ବାସ କରୁଥିବା ନିଜ ଭଉଣୀଙ୍କ ଘରକୁ ଯାଇଥିଲା। ଏହି ସମୟରେ ତାଙ୍କୁ ପଛପଟୁ ଏକ ଟାଟାପିକ୍‌ଅପ ଗାଡି ଦ୍ରୁତଗତିରେ ଆସି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡିଥିଲେ। ତାଙ୍କ ମୁଣ୍ଡ ରୋଡ ଡିଭାଇଡରରେ ପିଟି ହୋଇଯାଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜେପି ହସ୍ପିଟାଲକୁ ନେଇ ଯାଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା।

### ଘରୁ ନାଗ ସାପ ଉଦ୍ଧାର

କୁତ୍ରା, ୨୯।୬(ଡି.ଏନ୍.ଏ.): କୁତ୍ରା ବ୍ଲକ ଅନ୍ତର୍ଗତ କଟଙ୍ଗଝରିଆ ଗ୍ରାମରେ ଏକ ନାଗ ସାପ ଉଦ୍ଧାର କରାଯାଇଛି। ଗ୍ରାମର ଲିଲି ଏକ୍କାଙ୍କ ଘରେ ବୁଧବାର ଏକ ୫ ଫୁଟିଆ ନାଗ ସାପ ଘରର ଖପର ତଳେ ଥିବା ପରିବାର ଲୋକେ ଦେଖିଥିଲେ। ଘର ଲୋକ ସାପକୁ ବାହାର କରିବା ପାଇଁ ବହୁ ଚେଷ୍ଟା କରିବା ସତ୍ତ୍ୱେ ବାହାର କରି ନ ପାରିବାରୁ ତାଙ୍କ ପାଖ ଗ୍ରାମ ରାଇଡ଼ିହି ଗ୍ରାମର ସାପ ଧରାଳି ଶ୍ରୀକାନ୍ତ ଲାକ୍ରା, କୁନା କୁଜୁର, ଭବାନୀ ପସ୍ୟାତଙ୍କୁ ଖବର ଦେଇଥିଲେ। ପରେ ସେମାନେ ଆସି ସାପକୁ ଉଦ୍ଧାର କରିବା ସହିତ ପାଖ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି।

### ବଜ୍ରପାତରେ ଯୁବକ ମୃତ

**ବରଗଡ଼ ଅଫିସ୍,୨୯।୬:** ବରଗଡ଼ ଜିଲା ସୋହେଲା ଥାନା ସାମକଟା ଗ୍ରାମରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଶୋଭାଚନ୍ଦ୍ର ସାହୁ(୨୪)। ସେ ନିଜ ଧାନବିଲରେ ଧାନ ବୁଣୁଥିବା ସମୟରେ ବଜ୍ରପାତ ହୋଇଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ସେଠାରୁ ଉଦ୍ଧାର କରି ତାଙ୍କୁ ବରଗଡ଼ ସହର ଉପକଣ୍ଠ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଲକ୍ଷାଧିକ ଟଙ୍କାର ଚୋରା କାଠ ଜବତ

ବଡ଼ଗାଁ, ୨୯।୬(ଡି.ଏନ୍.ଏ.)

ଆକ୍ବନ ମୋଡରେ ସୁନ୍ଦରଗଡ଼ ବଡ଼ଗାଁ ଥାନା ପୋଲିସ ଅଧିକାରୀ। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ମଙ୍ଗଳବାର ଚଢାଉବେଳେ ଅଭିଯୁକ୍ତଙ୍କ ଚୋରା କାଠ କାରବାର ଆଡ୍ଡାରୁ ପ୍ରଚୁର ପରିମାଣର କାଠ ଜବତ ହୋଇଥିଲା। ବୁଧବାର ସକାଳୁ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତାଙ୍କ ଘରେ ପୋଲିସ ଚଢାଉବେଳେ ପୁଣି ବିପୁଳ ପରିମାଣର ଚୋରା କାଠ ଜବତ କରାଯାଇଛି। ଏହା ଜଣାପଡିବା ପରେ ବନବିଭାଗ ଅଧିକାରୀମାନଙ୍କ କାର୍ଯ୍ୟ ଉପରେ ଲୋକେ କଟୁ ସମାଲୋଚନା କରୁଛନ୍ତି। ବଡ଼ଗାଁ ଥାନାର ପ୍ରୋବେସନର ଡିଏସପି ବିଭୂତି ଭୂଷଣ ମହାପାତ୍ରଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ସାହାଜବାହାଲ ଗ୍ରାମର ଦେଓ ନାରାୟଣ ସାହୁ ଥାନା ଅଧିକାରୀଙ୍କୁ ଆଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ କ୍ରମେ ମାମଲା ରୁଜୁ ହୋଇଥିଲା। ଦେଓ ନାରାୟଣ ଜଣେ ଚୋରା କାଠ ବେପାରୀ ପୋଲିସ ଜାଣିବାପରେ ତାଙ୍କୁ ଧରିବା ପାଇଁ ଲିଟାପଡା ଗାଁର ଏକ ଗଛମୂଳେ


ଚୋରା କାଠ ଜବତ କରାଯାଉଛି।

ଚାଲିଥିବା ତାଙ୍କ ଚୋରା କାଠ କାରବାର ଆଡ୍ଡାସ୍ଥଳକୁ ଯାଇଥିଲେ। ସେଠାରେ ଅବାଧରେ ଖୋଲାଖୋଲି କାଠ କାରବାର ଚାଲିଥିବା ଡିଏସପି ମହାପାତ୍ର ଦେଖିଥିଲେ। ଏହାପରେ ଘଟଣାସ୍ଥଳରୁ ବନ ବିଭାଗ ଅଧିକାରୀଙ୍କୁ ଜଣାଇବାରୁ ୨୫୦ ପିସ୍ ଶାଳ ଓ ଶାଗୁଆନ ପଟା ଜବତ କରିଥିଲେ। ଅଭିଯୁକ୍ତ ଦେଓ ନାରାୟଣ ତାଙ୍କ ଘରେ ଥିବା ସୂଚନାପାଇ ବୁଧବାର ସକାଳୁ ଡିଏସପି ମହାପାତ୍ର, ସବ ଇନ୍ସପେକ୍ଟର ମିଲି ସାହୁ, ଏଏସଆଇ ବିଜୟ କୁମାର କର ପୋଲିସ ଫୋର୍ସ ନେଇ ଚଢାଉ କରିଥଲେ। ଅଭିଯୁକ୍ତଙ୍କ ଘରେ ବିପୁଳ ପରିମାଣର ଚୋରା କାଠ ଗଚ୍ଛିତ ଥିବା ଜାଣିବାରୁ ବନ ବିଭାଗ ଅଧିକାରୀଙ୍କୁ ସୂଚିତ କରିଥିଲେ। ଏହା ପରେ ପୋଲିସ ଉପସ୍ଥିତିରେ ବନ କର୍ମଚାରୀମାନେ ଚୋରା କାଠ ଓ କାଠ ସାମଗ୍ରୀ ଜବତ କରିଥିଲେ। ତେବେ ଏହି ଘଟଣାରେ ଲିଟାପଡା ଓ ସାହାଜବାହାଲ ଗ୍ରାମର କେତେକ ବ୍ୟକ୍ତିଙ୍କୁ ଚୋରା କାଠ କାରବାର ଉପରେ ପଚାରିବାରୁ ସେମାନେ କହିଛନ୍ତି, ମାତ୍ର ସପ୍ତାହେ ମଧ୍ୟରେ ପୋଲିସ ଯଦି ଚୋରା କାଠ କାରବାର ୧୫ ବର୍ଷ ହେଲା ଦେଓ ନାରାୟଣ କରିଆସୁଥିବା ଜାଣିପାରିଲେ ତାହେଲେ ବନ କର୍ମଚାରୀମାନେ କିପରି ଜାଣିପାରୁ ନ ଥିଲେ ପ୍ରଶ୍ନ ଉଠାଇ ବନ ଅଧିକାରୀମାନଙ୍କ ଉପରେ ସନ୍ଦେହ ପ୍ରକଟ କରିଥିଲେ। ଗୋଟିଏ ପଟେ ବନ ବିଭାଗ ଅଧିକାରୀମାନେ ଜଙ୍ଗଲ ସୁରକ୍ଷା ପାଇଁ ଗ୍ରାମବାସୀ, ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବା ଅନ୍ୟପଟେ ଜଙ୍ଗଲ କାଟି ଚୋରା କାଠ ବେପାର କରୁଥିବା ବ୍ୟକ୍ତି ଙ୍କୁ ପରୋକ୍ଷରେ ଆଖି ବନ୍ଦ କରି ସହଯୋଗ କରିବା ଦୁର୍ଭାଗ୍ୟଜନକ। ବନ ବିଭାଗର ଉଚ୍ଚ ଅଧିକାରୀ ଏହା ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଆର୍‌ଏସ୍‌ପି ଖଣି ବିଭାଗ ସଚିବାଳୟରେ ନୂତନ ହଲ୍ ଉଦ୍‌ଘାଟିତ


ସମ୍ମିଳନୀ ହଲକୁ ଉଦ୍‌ଘାଟନ କରାଯାଉଛି।

**ରାଉରକେଲା ଅଫିସ,୨୯।୬**

ଆର୍‌ଏସ୍‌ପିର ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକଙ୍କ ସଚିବାଳୟରେ ଏକ ନବକୃତ ସମ୍ମିଳନୀ ହଲ ଉଦ୍‌ଘାଟିତ ହୋଇଛି। ଏହି ହଲକୁ ଖଣି ବିଭାଗର ଇଡି ଏ.କେ କୁଣ୍ଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଖଣି ବିଭାଗର ଜିଏମ ପି.କେ ରାୟ, ଏନ୍ ଶ୍ରୀନିବାସନ୍, ଏନ୍ ଶ୍ରୀନିବାସୁ,ଏସ୍ ପ୍ରସାଦ ତଥା ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ହଲରେ ଫ୍ଲୋର ଟାଇଲ, ଉନ୍ନତ ଆଲୋକ ବ୍ୟବସ୍ଥା, ଏୟାର କଣ୍ଡିସନ ବ୍ୟବସ୍ଥା ଓ ଅଡିଓ ଭିଜୁଆଲ ସିଷ୍ଟମ ସହ ଭିଡିଓ କନଫେରେନ୍ସ ପାଇଁ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଓଡ଼ିଶା ଗ୍ରୁପ ଅଫ ମାଇନ୍ସ ଗତବର୍ଷ ଆରଏସ୍‌ପି ସହିତ ମିଶ୍ରିତ ହୋଇଥିଲା। ତେଣୁ ଉକ୍ତ ବିଭାଗର ୟୁନିଟଗୁଡିକର ବୈଠକ ପାଇଁ ଏକ ସମ୍ପୂର୍ଣ୍ଣ ସୁସଜ୍ଜିତ ସମ୍ମଳନୀ କକ୍ଷର ମୌଳିକ ଆବଶ୍ୟକତା ରହିଥିଲା। ଏହି ସମ୍ମିଳନୀ କକ୍ଷ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରିବ ବୋଲି ବରିଷ୍ଠ ଅଧିକାରୀମାନେ ଆଶା କରିଛନ୍ତି।

# ମଧ୍ୟାହ୍ନଭୋଜନ ଖାଇ ୬ ଛାତ୍ରୀଛାତ୍ର ଅସୁସ୍ଥ

ରାଜଗାଙ୍ଗପୁର, ୨୯।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହର ୧୮ନଂ. ୱାର୍ଡ ବାଣ୍ଟୁପଡାରେ ଥିବା ପ୍ରାଥମିକ ବିଦ୍ୟାଳୟର ୬ଛାତ୍ରୀଛାତ୍ର ବୁଧବାର ମଧ୍ୟାହ୍ନଭୋଜନ ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପରେ ସେମାନେ ସୁସ୍ଥ ହୋଇଥିବା ଜଣାପଡ଼ିଛି।
ବାଣ୍ଟୁପଡା ପ୍ରାଥମିକ ବିଦ୍ୟାଳୟର ୩୫ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନରେ ଅଣ୍ଡା ଖାଇଥିଲେ। ଖାଇବାର କିଛି ସମୟ ପରେ ତନ୍ମଧ୍ୟରୁ ୬ଜଣ ବାନ୍ତି କରିଥିଲେ। ସେମାନେ ଅସୁସ୍ଥତା ଅନୁଭବ କରିଥିଲେ। ବିଦ୍ୟାଳୟ ପକ୍ଷରୁ ତୁରନ୍ତ ସେମାନଙ୍କ ସହ ମଧ୍ୟାହ୍ନଭୋଜନ ଖାଇଥିବା ସବୁ ଛାତ୍ରୀଛାତ୍ରଙ୍କୁ ୩ଟି ଆମ୍ବୁଲାନ୍ସ ଯୋଗେ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା।


ଆମ୍ବୁଲାନ୍ସ ଯୋଗେ ଛାତ୍ରୀଛାତ୍ରଙ୍କୁ ଡାକ୍ତରଖାନା ନିଆଯାଉଛି।

ଏବେ ସମସ୍ତେ ସୁସ୍ଥ ଅଛନ୍ତି। ଏହି ଘଟଣା ପରେ ବିଭିନ୍ନ ମହଲରେ ଭିନ୍ନଭିନ୍ନ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସରିତା ସରୋନିଆ କହିଛନ୍ତି, ପ୍ରବଳ ଗରମ ହେଉଥିବାରୁ ପିଲାଙ୍କର ଏଭଳି ହୋଇଥିଲା।

# ସିନ୍ଦୁରକଲି ଜଗନ୍ନାଥ ମନ୍ଦିର ପାଇଁ ଦାରୁ ସଂଗ୍ରହ


ଦାରୁ ସଂଗ୍ରହ ବେଳେ ସଂକୀର୍ତ୍ତନ ମଣ୍ଡଳୀର ସଂକୀର୍ତ୍ତନ ପରିବେଷଣ।

ରିଆମାଳ, ୨୯।୬ (ଡି.ଏନ୍.ଏ.)

ଦେବଗଡ ଜିଲା ରିଆମାଳ ବ୍ଲକ ତାରଙ୍ଗ ପଞ୍ଚାୟତ ସିନ୍ଦୁରକଲି ଜଗନ୍ନାଥ ମନ୍ଦିର ପାଇଁ ଦାରୁ ସଂଗ୍ରହ ଚାଲିଛି। ତାଳଚେର ନିକଟସ୍ଥ ହଂସମୂଳ ଗ୍ରାମରେ ଶ୍ରୀବିଗ୍ରହ ପାଇଁ ଦାରୁ ଚିହ୍ନଟ କରାଯାଇ ଗତ ୨୨, ୨୩ ଓ ୨୪ ତାରିଖ ଶୋଷଣ ଉପଚାରରେ ଯଜ୍ଞ କରାଯାଇ ଦାରୁକୁ ଛେଦନ କରାଯାଇ ଶଗଡଗାଡିରେ ସିନ୍ଦୁରକଲି ଜଗନ୍ନାଥ ମନ୍ଦିର ଆଡକୁ ଅଗ୍ରସର ହୋଇଥିଲା । ଶଗଡଗାଡିରେ ଦାରୁ ଆସିବା ବେଳେ ବାଗୋଡିଆ, ଖମାର, ବାଟଗାଁ, ତୁଙ୍ଗାମାଳ, ସାହେବ, ନାକ୍ଟିଦେଉଳ, ଗୋଧିଢିପ ଓ ଚନ୍ଦ୍ରପୁର ଗ୍ରାମର ଜନସାଧାରଣ ଦୀପ ପ୍ରଜ୍ୱଳନ ସହ ପୂଜାର୍ଚ୍ଚନା କରି ହୁଳହୁଳି ଦେଇ ପ୍ରାର୍ଥନା କରିଥିଲେ । ମନ୍ଦିରରେ ଦାରୁ ପହଞ୍ଚିବା ପରେ ହଜାର ହଜାର ଭକ୍ତ ଯୋଗ ଦେଇ ଦାରୁଙ୍କୁ ଶଗଡଗାଡିରୁ ନେଇ ଏକ ସ୍ୱତନ୍ତ୍ର ଗୃହରେ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସୌମ୍ୟରଞ୍ଜନ ତ୍ରିପାଠୀ, ଗୌରୀ ଶଙ୍କର ପଣ୍ଡା, ଅଜିତ ଦାଶ, ରାଜୁ ମିଶ୍ର, ଲକ୍ଷ୍ମୀଧର ନନ୍ଦ, କାହ୍ନୁଚରଣ ତ୍ରିପାଠୀ, ଶିବ କୁମାର ମିଶ୍ର, ଚମ୍ପେଶ୍ୱର ହୋତା, ଗଣେଶ୍ୱର ମିଶ୍ର ଓ ଶଙ୍କର୍ଷଣ ଦାଶ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ । ହଂସମୂଳ ଗ୍ରାମ ସ୍ଥିତ ଦାରୁ ଛେଦନ ସମୟରେ ତାଳଚେରର ବିଧାୟକ ବ୍ରଜ କିଶୋର ପ୍ରଧାନ ଓ ସ୍ଥାନୀୟ ସରପଞ୍ଚ ସୁମିତ୍ରା ସାହୁ ସହଯୋଗ କରିଥିଲେ । ସିନ୍ଦୁରକଲି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ତଥା ମଳେହିପଡା ସମିତିସଭ୍ୟ ମୁନସୁନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ସୁଶାନ୍ତ ବିଶ୍ୱାଳ, ସଂଜିବ ସାହୁ, ଶ୍ରୀପତି ସାହୁ, ସରୋଜ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ରିଆମାଳ ବ୍ଲକ ଏବଂ ନାକ୍ଟିଦେଉଳ ବ୍ଲକର ଆଖପାଖ ଗ୍ରାମର ସଂକୀର୍ତ୍ତନ୍ୟ ମଣ୍ଡଳୀର ଭକ୍ତମାନେ ଯୋଗଦେଇ ହରିନାମ ସଂକୀର୍ତ୍ତନ କରି ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲେ ।

# ସିଆଇଟିୟୁ ପକ୍ଷରୁ ବିକ୍ଷୋଭ, ପ୍ରତିବାଦ ସଭା

ଲହୁଣୀପଡ଼ା, ୨୯।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଭୁତୁଡ଼ା ପଞ୍ଚାୟତ ଓଏମସି ଗେଟ ସମୁଖରେ ସିଆଇଟିୟୁ ତରଫରୁ ଅଦାନୀ କମ୍ପାନୀ ବିରୋଧରେ ଏକ ବିରାଟ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି। ବଣାଇଗଡ଼ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ଓଏମସି ଗେଟ ଭିତରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଓଏମସି ଏବଂ ଆଦାନୀ କମ୍ପାନୀ ବିରୋଧରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇଥିଲେ। ପରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦ ସଭା ପ୍ରାରମ୍ଭରେ ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ ପରିଚୟ ପ୍ରଦାନ କରିଥିଲେ। ଅଦାନୀର ଶ୍ରମିକ ମାରଣା ନୀତି ବିରୋଧରେ ବକ୍ତବ୍ୟ ଦେଇ ଚେତାବନୀ ଦେଇଥିଲେ। ଶ୍ରମିକ ଛଟେଇ, ବେଲ୍ଟ ଦ୍ୱାରା ମାଲ ପରିବହନ, ଶ୍ରମିକଙ୍କୁ ଠିକ ସମୟରେ ଦରମା ନଦେଇ ହଇରାଣ କରିବା, ସ୍ଥାନୀୟ ଲୋକଙ୍କ ସୁବିଧାକୁ ଅଣଦେଖା କରିବାକୁ ନେଇ ବକ୍ତବ୍ୟ ମାଧ୍ୟମରେ ଜୋରଦାର ବର୍ଷିଥିଲେ। ଏହାପରେ ସୁନ୍ଦରଗଡ଼ ସିଆଇଟିୟୁ ସାଧାରଣ ସମ୍ପାଦକ ବିମନ ମାଇତି, ପ୍ରଭାତ ପଣ୍ଡା, କୋଇଡା ଚେୟାରମ୍ୟାନ ସୁରେଶ ନାଏକ, ପଣ୍ଡିତ ମୁଣ୍ଡା, ସୁରେନ୍ଦ୍ର ଦାସ, ବାଦଲ ବାରିକ ଅଦାନୀ କମ୍ପାନୀ ବିରୋଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। କୋଇଡା ଜିଲା ପରିଷଦ ଶୁଶିଳା ମୁଣ୍ଡା, ସଶ୍ୟକଳା ସରପଞ୍ଚ ଏମଲେନ ଭୂୟାଁ, ଆନନ୍ଦ ମାସି ହୋରୋ, ଗୋପୀନାଥ ମାହାନ୍ତ, ଓମନ୍ତ କୁମାର ମାହାନ୍ତ, ଚୋରଧାରା ସରପଞ୍ଚ ରାସନ୍ତି ଟୋପ୍ପ, ଜାମୁଡ଼ିହି ସରପଞ୍ଚ ନେଲସନ ମୁଣ୍ଡା, ସଶ୍ୟକଳା ସମିତି ସଭ୍ୟା ଅନିତା ଦୀପ୍ତି ମୁଣ୍ଡା, ଜନ ଡୁଙ୍ଗଡୁଙ୍ଗ, ହଳଧର ଦେହୁରୀ, ଲାଲବାହାଦୁର ମହାନ୍ତ, ସମୀର ନାଏକ ମଞ୍ଚରେ ଉପସ୍ଥିତ ଥିବା ଜଣାପଡ଼ିଛି। ସଭା ଶେଷରେ ସ୍ୱତନ୍ତ୍ର ପ୍ରତିନିଧି ମଣ୍ଡଳୀ ଓଏମସି କାର୍ଯ୍ୟାଳୟକୁ ଯାଇ ମ୍ୟାନେଜରଙ୍କୁ ସାକ୍ଷାତ କରି ଶ୍ରମିକଙ୍କୁ ଠିକ ସମୟରେ ଦରମା ଦେବା, ସ୍ଥାନୀୟ ଶ୍ରମିକ ନିଯୁକ୍ତି କରାଯିବା, ବେଲ୍ଟ ଲାଇନ ବନ୍ଦ କରିବା, ସ୍ଥାନୀୟ ଗାଡି ଦ୍ୱାରା ମାଲ ପରିବହନ ଇତ୍ୟାଦି ଦାବି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ପ୍ରତିବାଦ ସଭାରେ ସିଆଇଟିୟୁର କର୍ମକର୍ତ୍ତା ଓ କର୍ମୀଙ୍କ ସହିତ ଶ୍ରମିକ ଯୋଗ ଦେଇଥିବା ଜଣାପଡ଼ିଛି।



ସମାବେଶରେ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଉଦ୍‌ବୋଧନ ଦେଉଛନ୍ତି।

## ଗାଁ ଶ୍ମଶାନରେ ବୁଲଡୋଜର ଚଳେଇବାରୁ ଉତ୍ତେଜନା

**ଲହୁଣୀପଡା,୨୯।୬(ଡି.ଏନ.ଏ.)**

ଲହୁଣୀପଡା ବ୍ଲକ ସଶ୍ୟକଳା ପଞ୍ଚାୟତର ଦମାଲୁ ଗ୍ରାମରେ ଆଦାନୀ କମ୍ପାନୀ ତରଫରୁ ସାଇଡିଂ କାମ ଚାଲିଥିବା ବେଳେ ଡମାଲୁ ଠାରେ ଆଦିବାସୀ ପିତୃପୁରୁଷଙ୍କ ସମାଧି ଉପରେ ବୋଲଡୋଜର ଚଳାଇ ଶ୍ମସାନକୁ କମ୍ପାନୀ ପକ୍ଷରୁ ନିଶ୍ଚିହ୍ନ କରି ଦିଆ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କମ୍ପାନୀ ଏଠାରେ କାମ ଆରମ୍ଭ କରିବା ପୂର୍ବରୁ ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବା ପାଇଁ ପ୍ରଶାସନ ଉପସ୍ଥିତିରେ ପ୍ରତଶ୍ରୁତି ଦେଇଥିବାବେଳେ ବର୍ତ୍ତମାନ କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କରି ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବାକୁ ଅମଙ୍ଗ ହେବା ସହ ଓଲଟି ନିଯୁକ୍ତି ପାଇଥିବା ଅଳ୍ପ କିଛି ସଂଖ୍ୟକ ଲୋକଙ୍କୁ ଚାକିରୀରୁ ଛଟେଇ କରିବା ଆରମ୍ଭ କରିଛି। ରେଳ ସାଇଡିଂ ପର୍ଯ୍ୟନ୍ତ ମାଲବାହୀ ଗାଡିରେ ମାଲ ପରିବହନକୁ ବନ୍ଦ କରି ବେଲ୍ଟ ଜରିଆରେ ମାଲ ପରିବହନ କରିବା ପାଇଁ କମ୍ପାନୀ ମସୁଧା ଚଳାଇଥିବା ବେଳେ ଏହା ଦ୍ୱାରା ବରସୁଆଁ ରେଳ ସାଇଡିଂରେ କାମ କରି ନିଜର ଗୁଜୁରାଣ ମେଣ୍ଟାଉ ଥିବା ଶ୍ରମିକ ତଥା ସ୍ଥାନୀୟ ଗାଡ଼ି ମାଲିକ ଓ ଡ୍ରାଇଭରମାନେ ରୋଜଗାର ନ ପାଇ ଆଗକୁ ବହୁତ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କର ପ୍ରତିନିଧି ମଣ୍ଡଳୀ ଦମାଲୁ ଡ଼ି୨ ସାଇଡ଼ିଂକୁ ଯାଇ ଶ୍ମଶାନ ଭଙ୍ଗା କାର୍ଯ୍ୟରୁ କମ୍ପାନୀ ନିବୃତ୍ତ ରହୁ ବୋଲି ଚେତାବନୀ ଦେଇଛନ୍ତି। ଏଥିରୁ କିଛି ସୁଫଳ ନ ମିଳିଲେ ଭବିଷ୍ୟତରେ ଜନଆନ୍ଦୋଳନ ସହ ଘଟଣାକୁ ଜାତୀୟ ଜନଜାତି କମିଶନ ସଦସ୍ୟଙ୍କ ଦୃଷ୍ଟି ଆକର୍ଷଣ କରି ଆଦିବାସୀଙ୍କୁ ନ୍ୟାୟ ପ୍ରଦାନ କରିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ବିନମ୍ର ନିବେଦନ କରାଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଦମାଲୁଠାରେ କମ୍ପାନୀର କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀଙ୍କ ସହ ଯୁବନେତା ବାଗୁନ ଗାଗ ରାଇ, ଅନିତା କୁମ୍ଭାର, ଗିଲାଏନ ମୁଣ୍ଡା, ରମେଶ ଦେହୁରୀ, ପାଚ କୁମ୍ଭାର, ରାମସିଙ୍ଗ କୁମ୍ଭାର, ଇନ୍ଦ୍ର ଦେହୁରୀ, ରିନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ପରିଷଦ ଅଧ୍ୟକ୍ଷାଙ୍କ ସମୀକ୍ଷା ବୈଠକ

କୁତ୍ରା, ୨୯।୬(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ କାର୍ଯ୍ୟାଳୟରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବୈଠକରେ କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ତହସିଲଦାର ରବୀନ୍ଦ୍ର କୁମାର ସେଠୀ, ଏବିଡ଼ିଓ ପ୍ରଶାନ୍ତ କୁମାର ଜେନାଙ୍କ ସହିତ କୃଷି ବିଭାଗ, ପାନୀୟ ଜଳବିଭାଗ, ଭେଟେନାରୀ ବିଭାଗ, ଯୋଗାଣ ସହାୟକ, ମହିଳା ଏବଂ ଶିଶୁ ବିଭାଗ, ଶିକ୍ଷା ବିଭାଗ, ମିଶନ ଶକ୍ତି ପ୍ରମୁଖ ଅଧିକାରୀ ଏବଂ ବ୍ଲକ କର୍ମଚାରୀ ସାମିଲ ହୋଇଥିଲେ। ସମସ୍ତ ବିଭାଗର ଅଧିକାରୀମାନେ ବିଭିନ୍ନ କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଦିଆଯାଉଥିବା ସୁବିଧା ସୁଯୋଗ ଗୁଡିକ ଲୋକେ ଠିକ ଭାବରେ ପାଇ ପାରୁଛନ୍ତି କି ନାହିଁ ସେ ବିଷୟରେ ପଚାରି ବୁଝିଥିଲେ


ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ।

ଜିଲା ପରିଷଦ ଅଧ୍ୟକ୍ଷା। ପରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ଡାହିଜିରା କନ୍ୟା ଆଶ୍ରମ, କୁତ୍ରା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟ ରୂପରେଖ ଦେଖି ଖୁସି ବ୍ୟକ୍ତ କରିବା ସହିତ ପ୍ରଶଂସା କରିଥିଲେ। ତା ସହିତ କୁତ୍ରା ପଞ୍ଚାୟତ ପରିଦର୍ଶନ କରିବା ସମୟରେ ପଞ୍ଚାୟତସ୍ଥିତ କଲ୍ୟାଣ ପିଣ୍ଡପ ଦେଖି ଲୋକଙ୍କ ସୁବିଧା ପାଇଁ ଏଠାରେ ୪ଟି ଏସି ଲଗାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପରେ ପରେ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ଏହି ବୈଠକରେ କୁତ୍ରା ‘କ’ ଜିଲା ପରିଷଦ ସଦସ୍ୟା ପିଙ୍କି ସୁନାନୀ, ଖ ଜିଲା ପରିଷଦ ସଦସ୍ୟ ଗଙ୍ଗାରାମ ମିଞ୍ଜ ଏବଂ ବିଭନ୍ନ ପଞ୍ଚାୟତର ସମିତି ସଭ୍ୟ ସଭ୍ୟା,ସରପଞ୍ଚ ଉପସ୍ଥିତ ଥିଲେ।

# ‘ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବା ପରେ ଫେରିବି’

**ରାଉରକେଲା ଅଫିସ,୨୯।୬**

ଦିଲ୍ଲୀର ରାଷ୍ଟ୍ରପତିଭବନ ସମ୍ମୁଖରେ ଆତ୍ମଦାହ କରୁଥିବା ରାଉରକେଲାର ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳଙ୍କୁ ସୋମବାର ଦିଲ୍ଲୀ ପୋଲିସ ଗିରଫ କରିଥିଲା। ମୁକ୍ତିକାନ୍ତଙ୍କୁ ଦିଲ୍ଲୀ ପୋଲିସ ପାଲାମେଣ୍ଟଷ୍ଟ୍ରିଟ୍ ଥାନାରେ ଅଟକ ରଖି କୋର୍ଟରେ ହାଜର କରିଥିଲା। ଏହି ଘଟଣାକୁ ନେଇ କୋର୍ଟ ମୁକ୍ତିକାନ୍ତଙ୍କୁ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୭ଟାରେ ସର୍ତ୍ତମୂଳକ ଜାମନ ପ୍ରଦାନ କରିଛି। ଆସନ୍ତା ଶୁଣାଣି ଜୁଲାଇ ୪ ତାରିଖରେ ହେବ ବୋଲି ମୁକ୍ତିକାନ୍ତ ଫୋନଯୋଗେ ଅବଗତ କରିଛି। ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ମୁକ୍ତିକାନ୍ତ ଦିଲ୍ଲୀ ପୋଲିସ ପାଲାମେଣ୍ଟଷ୍ଟ୍ରିଟ୍ ଥାନାରେ ପ୍ରତିଦିନ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଯେଉଁ ପର୍ଯ୍ୟନ୍ତ ଉକ୍ତ ଘଟଣାର ଶୁଣାଣି ହୋଇନାହିଁ ସେ ପର୍ଯ୍ୟନ୍ତ ମୁକ୍ତିକାନ୍ତ ରାଷ୍ଟ୍ରପତିଭବନ

**ଆତ୍ମଦାହବେଳେ ମୁକ୍ତିକାନ୍ତ ଗିରଫ ଘଟଣା**

**■ ସର୍ତ୍ତମୂଳକ ଜାମିନ**

ପରିସର ଅଞ୍ଚଳକୁ ଯାଇ ପାରିବେ ନାହିଁ ବୋଲି ନୋଟିସ କରାଯାଇଛି। ଏହି ଘଟଣାକୁ ନେଇ ମୁକ୍ତିକାନ୍ତଙ୍କ ସହ ଫୋନ ନଂ–୯୫୧୧୦୦୨୯୫୨ଯୋଗେ ଯୋଗାଯୋଗ କରିବା ପରେ ସେ କହିଥିଲେ, ସୁନ୍ଦରଗଡ଼ ଜିଲା ହେଉଛି ଏକ ଆଦିବାସୀ ଅଧୁଷିତ ଅଞ୍ଚଳ । ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇଁ କୌଣସି ଉନ୍ନତ ଡାକ୍ତରଖାନା ନଥିବାବେଳେ କେନ୍ଦ୍ର ସରକାର ଏକ ଉଚିତ ପଦକ୍ଷେପ ନେଇ ରାଉରକେଲାରେ ସୁପର ସ୍ପେସିଆଲିଟି ହସ୍ପିଟାଲ ନିର୍ମାଣ କରିଥିଲେ। ଏହି ହସ୍ପିଟାଲ ନିର୍ମାଣ ହେବା ପରେ ଜିଲା ତଥା ସହରବାସୀଙ୍କ ପାଇଁ ଯେଉଁଭଳି ସ୍ୱାସ୍ଥ୍ୟବ୍ୟବସ୍ଥା ମିଳିବା କଥା ତାହା ହୋଇପାରିଲା ନାହିଁ। ଅନେକ ବିଭାଗରେ ଏକାଧିକ ଡାକ୍ତର ନଥିବାବେଳେ ସାଧାରଣ ରୋଗୀ ଜିଲା ବାହାରକୁ ରେଫର ହେଉଥିବା ସମୟରେ ବାଟରେ ମୃତ୍ୟୁବରଣ କରୁଛନ୍ତି। ତେଣୁ ଉକ୍ତ ଡାକ୍ତରଖାନାକୁ କୌଣସି ଘରୋଇ କରଣ ନ କରି ଜିଲା ତଥା ସହରବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ମୁକ୍ତିକାନ୍ତ ଏପ୍ରିଲ ୧ ତାରିଖରେ ଦିଲ୍ଲୀ ପଦଯାତ୍ରା କରିଥିଲେ। ଏହି ପଦଯାତ୍ରା ପାଇଁ ମୁକ୍ତିକାନ୍ତଙ୍କୁ ରାଉରକେଲାରୁ ଦିଲ୍ଲୀ ପର୍ଯ୍ୟନ୍ତ ୧୪୫୦ କିଲୋ ମିଟର ୭୫ ଦିନ ଲାଗିଥିଲା। ସେଠାରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ୨୦ ତାରିଖରେ ପିଏମ୍‌ଙ୍କ କାର୍ଯ୍ୟାଳୟରେ ଏକ ଚିଠି ଦେଇଥିଲେ। ଚିଠି ଦେବାର ୭ ଦିନ ଭିତରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏନେଇ କୌଣସି ଉତ୍ତର ମିଳି ନ ଥିଲା। ମୁକ୍ତିକାନ୍ତ ବାରମ୍ବାର ପିଏମ୍‌ଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ ନ କରି ନିରାଶ ହୋଇ ଫେରୁଥିଲେ। ମୁକ୍ତିକାନ୍ତ ଦିଲ୍ଲୀରେ କେତେବେଳେ କୌଣସି ମନ୍ଦିର ନଚେତ ଗୁରୁଦ୍ୱାରରେ ରହି ହତାସ ହେବାପରେ ସୋମବାର ରାଷ୍ଟ୍ରପତି ଭବନ ସମ୍ମୁଖରେ ହାତରେ ଡିଜେଲ ଧରି ଢ଼ାଳି ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ଦିଲ୍ଲୀ ପୋଲିସ ତାଙ୍କୁ ଗିରଫ କରି ନେଇଥିଲା। ତେବେ ଯେଉଁ ପର୍ଯ୍ୟନ୍ତ ପ୍ରଧାମନ୍ତ୍ରୀଙ୍କୁ ସାକ୍ଷାତ ନ କରିଛି ସେ ପର୍ଯ୍ୟନ୍ତ ଦିଲ୍ଲୀରୁ କୁଆଡେ ଯିବିନାହିଁ ବୋଲି ମୁକ୍ତିକାନ୍ତ କହିଛନ୍ତି। ଏଥିସହ ଆଗାମୀ ଦିନରେ ସ୍ଥାନୀୟ ପୋଲିସ ପ୍ରଶାସନର ସହାୟତା ନେଇ ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବେ ନଚେତ ଦିଲ୍ଲୀରେ ଉକ୍ତ ଦାବିକୁ ନେଇ ସମସ୍ତ ମନ୍ତ୍ରୀଙ୍କୁ ଘର ଘର ବୁଲି ପୁଣି ପଦଯାତ୍ରା କରିବି ବୋଲି ସେ ଚେତାବନୀ ଦେଇଛନ୍ତି।

## ଖସିଲା ପୁଞ୍ଜିବଜାର

**ମୁମ୍ବାଇ:** ସପ୍ତାହର ପ୍ରଥମ ଦୁଇ କାରବାର ଦିବସରେ ଭାରତୀୟ ପୁଞ୍ଜିବଜାରରେ ଲାଭ ପରେ ବୁଧବାର ହ୍ରାସ ଘଟିଛି। ସେନ୍‌ସେକ୍ସରେ ୧୫୦ (୦.୨୮%) ଏବଂ ନିଫ୍ଟିରେ ୫୧ (୦.୩୨%) ପଏଣ୍ଟ ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୩,୦୨୬ ଏବଂ ନିଫ୍ଟି ୧୫,୭୯୯ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟ୍ରେଡିଂ ସେସନରେ ୧୫୨୨ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୭୬୮ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ମଙ୍ଗଳବାରର ଟପ୍ ଗେନର୍ସ ତାଲିକାରେ ଓଏନ୍‌ଜିସି, ରିଲାଏନ୍ସ, କୋଲ୍ ଇଣ୍ଡିଆ, ବିଓଏସ୍‌ସିଏଚ୍ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଏଚ୍‌ୟୁଏଲ୍ , ଆକ୍ସିସ୍ ବ୍ୟାଙ୍କ୍, ଏଚ୍‌ଡିଏଫ୍‌ସି ଲାଇଫ୍, ୱିପ୍ରୋ ରହିଛନ୍ତି।

## ସଂକ୍ଷେପରେ

### ବୀମା ପୈଠ ପାଇଁ ମିଳିବ ଋଣ

**ଭୁବନେଶ୍ୱର,୨୯।୬:** ବର୍ତ୍ତମାନ ସମୟରେ ଲୋକେ ସବୁଥିରେ ବୀମା କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାଫଳରେ ସେମାନେ ସବୁ ସ୍ତରରେ ସୁରକ୍ଷିତ ହୋଇପାରିବ, ହେଲେ ବେଳେ ବେଳେ ଏପରି ପରିସ୍ଥିତି ଆସେ ବୀମାର କିସ୍ତି ଜମା ଲାଗି ପଇସା ଯୋଗାଡ ହୋଇପାରେନି। ଏପରି ପରିସ୍ଥିତିରେ ଉପଭୋକ୍ତାଙ୍କ ବୀମା ରଦ୍ଦ ହୋଇପାରେ। ବର୍ତ୍ତମାନ ବୀମା କିସ୍ତି ପୈଠ ପାଇଁ ମଧ ଋଣ ସୁବିଧା ମିଳୁଛି। ଉକ୍ତ ଋଣ ନେଇ ଗ୍ରାହକ ଜଣକ ବୀମା କିସ୍ତି ପୈଠ କରିପାରିବେ। ଭାରତୀୟ ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆରଡିଏ) ଇନସ୍ୟୁରାନ୍ସ କରିଥିବା ଗ୍ରାହକଙ୍କ ଲାଗି ଖୁବ୍‌ଶୀଘ୍ର ଏଭଳି କିଛି ଖୁସିଖବର ଦେବାକୁ ଯାଉଛନ୍ତି। ଏଥିରେ ରିଟେଲ ଓ କର୍ପୋରେଟ ଉଭୟ ବୀମା ଗ୍ରାହକଙ୍କ ଲାଗି ପ୍ରିମିୟମ ଫାଇନାନ୍ସ ପ୍ରୋପଜାଲ ଆଣିବେ। ଲୋକେ ବୀମା ପ୍ରିମିୟମ ଥରକରେ ପୈଠ କରିଦିଅନ୍ତୁ ଓ ଏ ବାବଦ ଦେୟ କିସ୍ତିରେ ପୈଠ କରନ୍ତୁ ଏହା ଆଇଆରଡିଏଙ୍କ ଯୋଜନା ରହିଛି।

### ପୁଣି ବଢ଼ିପାରେ ଷ୍ଟିଲ୍ ଦର

**ନୂଆଦିଲ୍ଲୀ,୨୯।୬:** କଞ୍ଚାମାଲ୍ ଦରବୃଦ୍ଧି ଚାଲୁ ରହିଥିବା କାରଣରୁ ଜୁଲାଇ ୧ ସୁଦ୍ଧା ଷ୍ଟିଲ୍ ଦର ପୁଣି ଥରେ ବୃଦ୍ଧି ହୋଇପାରେ। ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର୍ ଲିମିଟେଡ୍ (ଜେଏସ୍‌ପିଏଲ୍)ର ମ୍ୟାନେଜିଂ ଡାଇରେକ୍ଟର ବିଆର୍ ଶର୍ମା, ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଆୟୋଜିତ ଏକ ବୈଠକରେ ଯୋଗ ଦେଇ କହିଛନ୍ତି ଏଠାରେ କୋଇଲା ଟନ୍ ପିଛା ୧୭,୦୦୦ ଟଙ୍କା ଥିବା ବେଳେ ପ୍ରମୁଖ ସପ୍ଲାୟର ଓଡ଼ିଶା ଖଣିଜ ନିଗମର ଷ୍ଟିଲ୍ ଦର ବର୍ତ୍ତମାନ ଅଧିକ ରହିଛି। ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି ଏବଂ କୋଇଲା ଉପଲବ୍ଧତାରେ ହ୍ରାସ କାରଣରୁ ଦର ବୃଦ୍ଧି ଦେଖା ଦେବ ବୋଲି ସେ କହିଛନ୍ତି। ଏହାଛଡ଼ା ସେକେଣ୍ଡ୍ କ୍ଲାସ୍ ଷ୍ଟିଲ୍ ଉତ୍ପାଦନକାରୀମାନେ ଗତ ୪ ଦିନ ତଳେ ଟନ୍ ପିଛା ୨୦୦୦ ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ବର୍ଦ୍ଧିତ ଦର ଟନ୍ ପିଛା ୫୫,୦୦୦ ଟଙ୍କାରେ ପହଞ୍ଚିଥିବା ଶର୍ମା ସୂଚନା ଦେଇଛନ୍ତି।

# ପାକ୍ସ କମ୍ପ୍ୟୁଟରୀକରଣକୁ ୨,୫୧୬ କୋଟି

ନୂଆଦିଲ୍ଲୀ,୨୯।୬



ପ୍ରାଥମିକ କୃଷି ଋଣ ସମିତି (ପିଏସିଏସ୍ ବା ପାକ୍ସ)ଗୁଡ଼ିକର କମ୍ପ୍ୟୁଟରୀକରଣ କାର୍ଯ୍ୟ ପାଇଁ କେନ୍ଦ୍ର ସରକାର ୨,୫୧୬ କୋଟି ଟଙ୍କାର ଖର୍ଚ୍ଚକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ମନ୍ତ୍ରିମଣ୍ଡଳର ଆର୍ଥିକ ମାମଲା ସମିତି (ସିସିଇଏ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି କମ୍ପ୍ୟୁଟରୀକରଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପିଏସିଏସ୍‌ର ଦକ୍ଷତାକୁ ବଢାଇବା ସହିତ ସେଗୁଡ଼ିକର ସଞ୍ଚାଳନରେ ପାରଦର୍ଶିତା ଏବଂ ଦାୟିତ୍ୱହୀନତା ଆଣିବା। ଏହାସହିତ ପିଏସିଏସ୍‌କୁ ନିଜ ବ୍ୟବସାୟରେ ବିବିଧତା ଆଣିବା ତଥା ବିଭିନ୍ନ ସେବା ଆରମ୍ଭ କରିବା ପାଇଁ ସୁବିଧା ମଧ୍ୟ ପ୍ରଦାନ କରାଯିବା ନେଇ କେନ୍ଦ୍ରୀୟ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳ ବୈଠକ ପରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଆଗାମୀ ୫ବର୍ଷ ମଧ୍ୟରେ ୨,୫୧୬ କୋଟି ଟଙ୍କା ବିନିମୟରେ ୬୩,୦୦୦ କାର୍ଯ୍ୟରତ ପିଏସିଏସ୍‌ର କମ୍ପ୍ୟୁଟରୀକରଣ ହେବାର ଯୋଜନା ରହିଛି। ଏଥିମଧ୍ୟରୁ କେନ୍ଦ୍ର ସରକାର ୧୫୨୮ କୋଟି ଟଙ୍କାର ବୋଝ ବହନ କରିବେ। ମନ୍ତ୍ରୀଙ୍କ ସୂଚନା ଅନୁସାରେ ସରକାରଙ୍କର ଏହି ନିଷ୍ପତ୍ତି ଦ୍ୱାରା ୧୩ କୋଟି କ୍ଷୁଦ୍ର ଏବଂ ସୀମାନ୍ତ ଚାଷୀ ଏହାଦ୍ୱାରା ଲାଭବାନ ହୋଇପାରିବେ। ଏହି ପରିଯୋଜନାରେ ସାଇବର ସୁରକ୍ଷା ଏବଂ ଡାଟା ଭଣ୍ଡାର ସହିତ କ୍ଲାଉଡ୍ ଆଧାରିତ ସାମାନ୍ୟ ସଫ୍ଟୱେର୍‌ର ବିକାଶ ଏବଂ ପିଏସିଏସ୍ ହାର୍ଡୱେର୍ ସମ୍ବନ୍ଧିତ ସହାୟତା ପ୍ରଦାନ କରିବା ସାମିଲ୍ ଅଛି। ସୂଚନାଯୋଗ୍ୟ,

**୫ବର୍ଷ ମଧ୍ୟରେ ୬୩,୦୦୦ କାର୍ଯ୍ୟରତ ପାକ୍ସର କମ୍ପ୍ୟୁଟରୀକରଣ ହେବ**

ପିଏସିଏସ୍ ସ୍ୱଳ୍ପକାଳୀନ ସହକାରୀ ଋଣ (ଏସ୍‌ଟିସିସି)କୁ ତ୍ରିସ୍ତରୀୟ ବ୍ୟବସ୍ଥାର ସର୍ବନିମ୍ନ ସ୍ତରରେ ଭୂମିକା ଗ୍ରହଣ କରିଥାଏ। ପ୍ରାୟ ୧୩ କୋଟି ଚାଷୀ ପିଏସିଏସ୍‌ର ସଦସ୍ୟ ହୋଇଥିବା ବେଳେ ଗ୍ରାମୀଣ ଅର୍ଥବ୍ୟବସ୍ଥାରେ ବୃଦ୍ଧି ପାଇଁ ଏହା ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଦେଶର ସମସ୍ତ ସଂସ୍ଥାଗୁଡ଼ିକ ତରଫରୁ ଦିଆଯାଇଥିବା କେସିସି ଋଣରେ ପିଏସିଏସ୍‌ର ଅଂଶ ୪୦% ଅଟେ। ସରକାରଙ୍କ ଏହି ଯୋଜନା ଗ୍ରାମୀଣ କ୍ଷେତ୍ରଗୁଡ଼ିକର ଡିଜିଟାଲକରଣରୁ ଉତ୍କୃଷ୍ଟ କରିବା ସହିତ ବ୍ୟାଙ୍କିଙ୍ଗ ଏବଂ ଅଣବ୍ୟାଙ୍କିଙ୍ଗ୍ ଗତିବିଧିକୁ ଉତ୍ତମ ଭାବେ ଗଢିବାରେ ସହଯୋଗ କରିବ।

# ରଥଯାତ୍ରାର ସିଧାପ୍ରସାରଣ କରିବ ଜୀ ସାର୍ଥକ

ଭୁବନେଶ୍ୱର,୨୯।୬




ରାଜ୍ୟର ପ୍ରମୁଖ ଓଡିଆ ମନୋରଞ୍ଜନଧର୍ମୀ ଘରୋଇ ଚ୍ୟାନେଲ 'ଜୀ ସାର୍ଥକ'ରେ ଜୁଲାଇ ୧ ତାରିଖରେ ଚଳିତ ବର୍ଷ ରଥଯାତ୍ରାର ସିଧାପ୍ରସାରଣ ହେବ। ଏହି ପ୍ରସାରଣ ସକାଳ ୬ଘଟିକାରୁ ଆରମ୍ଭ ହୋଇ ସଂଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଚାଲିବ। କୋଭିଡ କଟକଣା ଯୋଗୁ ଯେଉଁମାନେ ଘରେ ରହି ବଡ ଠାକୁରଙ୍କ ଦର୍ଶନ ଓ ରଥର ପୂରା ବିବରଣୀ ଜାଣିବାକୁ ଇଚ୍ଛୁକ ସେମାନେ ଜୀ ସାର୍ଥକର ସିଧାପ୍ରସାରଣ ମାଧ୍ୟମରେ ଚଳିତ ରଥଯାତ୍ରାର ପ୍ରତିଟି ମୁହୂର୍ତ୍ତକୁ ଭଲ ଭାବେ ଦର୍ଶନ ସାଙ୍ଗକୁ ଉପଭୋଗ କରିପାରିବେ। ଏହି ପରିପ୍ରେକ୍ଷୀରେ ମଧ ଓଡିଶାର ପ୍ରଖ୍ୟାତ ପ୍ରବଚକମାନେ ଜୀ ସାର୍ଥକ ଟିଭି ପରଦାରେ ରଥଯାତ୍ରାର ସମ୍ପୂର୍ଣ୍ଣ ଧାରାବିବରଣୀ ପ୍ରଦାନ କରିବା ସହ ଭକ୍ତି ଅର୍ଘ୍ୟ ପ୍ରଦାନ କରିବେ। ବିଶେଷକରି ବିଶିଷ୍ଟ ପ୍ରବଚକ ତଥା ଉଦଘୋଷକ ପଣ୍ଡିତ ସୂର୍ଯ୍ୟକାନ୍ତ ରଥଶର୍ମା, ପଣ୍ଡିତ ଭଜରାମ ଶତପଥୀ, ଚରଣ ପାର୍ଥସାରଥୀ, ପଣ୍ଡିତ ମୃତ୍ୟୁଞ୍ଜୟ ଶତପଥୀ, ଶାଶ୍ୱତୀ ସୌମ୍ୟା ମିଶ୍ର, ଅଧାପକ ଡ. ରବି ନାରାୟଣ ପ୍ରମୁଖ ପବିତ୍ର ଘୋଷଯାତ୍ରା ଅବସରରେ ଦର୍ଶକଙ୍କୁ ଭକ୍ତି ରସାମୃତ ସୂଚନା ପ୍ରଦାନ କରିବେ। ସେହିଭଳି ଜୀ ସାର୍ଥକରେ ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରାର ସିଧାପ୍ରସାରଣ ସମୟରେ ରାଜ୍ୟର ପ୍ରମୁଖ ଗାୟକ ଓ ଗାୟିକାମାନେ ଭାବ ଓ ଭକ୍ତିର ଧାରା ପ୍ରବାହିତ କରିବେ। ଏପରିକି ପ୍ରସିଦ୍ଧ ଓଡିଆ କଣ୍ଠଶିଳ୍ପୀ ମନ୍ମଥ ମିଶ୍ର, ସୁବାସ ଦାସ, ଶରତ ନାୟକ, ଶ୍ରୀଚରଣ, ଦିପ୍ତୀରେଖା, ଲିପ୍ସା ମହାପାତ୍ର ପ୍ରମୁଖ ଭଜନ ପରିବେଷଣ କରିବେ ବୋଲି ଜଣାପଡିଛି।

# ନିୟନ୍ତ୍ରଣ ମୁକ୍ତ ହେବ ତୈଳ ବିକ୍ରି କଟକଣା

ନୂଆଦିଲ୍ଲୀ,୨୯।୬

ସରକାର ଅଶୋଧିତ ତୈଳର ଘରୋଇ ଉତ୍ପାଦନକୁ ନିୟନ୍ତ୍ରଣ ମୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ଆସନ୍ତା ଅକ୍ଟୋବର ପହିଲାରୁ ଏହି ନିୟମ ଲାଗୁ ହେବ। ଦେଶରେ ଏକ୍ସପ୍ଲୋରେସନ୍ ଏବଂ ପ୍ରଡ଼କ୍ସନ ବୃଦ୍ଧି କରିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଥିବା ଠାକୁର ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ଓଏନ୍‌ଜିସି ଏବଂ ଅଏଲ୍ ଇଣ୍ଡିଆ ଭଳି କମ୍ପାନୀଗୁଡ଼ିକ ନିଜ ଇଚ୍ଛା ଅନୁସାରେ ଅଶୋଧିତ ତୈଳ ବିକ୍ରି କରିପାରୁନାହାନ୍ତି। ସେମାନଙ୍କୁ ସରକାରୀ ଅଏଲ୍ କମ୍ପାନୀକୁ ତୈଳ ବିକ୍ରି କରିବାକୁ ପଡୁଛି। ତେବେ ସରକାରଙ୍କ ଏହି ନିଷ୍ପତ୍ତି ପରେ ଦେଶରେ ଅଶୋଧିତ ତୈଳ ଉତ୍ପାଦକ କମ୍ପାନୀମାନେ ସ୍ୱଇଚ୍ଛାରେ ତୈଳ ବିକ୍ରି କରିପାରିବେ।

# ବେଦାନ୍ତ ଲାଞ୍ଜିଗଡ଼କୁ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର-୨୦୨୧



ଭୁବନେଶ୍ୱର,୨୯।୬

ଭାରତର ପ୍ରମୁଖ ମେଟାଲର୍ଜିକାଲ୍ ଗ୍ରେଡ୍ ନିର୍ମାତା ବେଦାନ୍ତ ଆଲୁମିନିୟମ ପରିବେଶ ସ୍ଥିରତା ଉପରେ ଅବଦାନ ଓ କାର୍ଯ୍ୟ ପାଇଁ ସମ୍ମାନଜନକ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର-୨୦୨୧ ଲାଭ କରିଛି। ବିଶେଷ କରି ପରିବେଶ ସ୍ଥିରତା ଉପରେ ଜିରୋ ହର୍ମ, ଜିରୋ ଆବର୍ଜନା ଓ ଜିରୋ ଡିସଚାର୍ଜ ଆଭିମୁଖ୍ୟକୁ ନେଇ ସଂସ୍ଥା ପରିଚାଳିତ,ଯାହା ବହୁମୁଖୀ ଅଙ୍ଗାରକାମ୍ଳ ହ୍ରାସ, ଶକ୍ତି ପରିଚାଳନା, ଜଳ ସଂରକ୍ଷଣ, ବର୍ଜ୍ୟରୁ ସଂପଦ ସୃଷ୍ଟି, ଜୈବ ବିବିଧତାର ସଂରକ୍ଷଣ ଆଦି ଉପରେ କାର୍ଯ୍ୟ କରି ଆସୁଛି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ (ଲାଞ୍ଜିଗଡ଼)ର ସିଇଓ ଜି.ଜି.ପାଲ କହିଛନ୍ତି, ଆମେ ଆମର କାର୍ଯ୍ୟକଳାପରେ ଏକ ଦୃଢ଼ ସ୍ଥିରତା ପ୍ରଣାଳୀର ବ୍ୟବସ୍ଥା କରିଛୁ। ଏହି ପୁରସ୍କାର ବର୍ତ୍ତମାନ ପର୍ଯ୍ୟନ୍ତ ଆମ ଯାତ୍ରାର ଏକ ଦୃଢ ସମର୍ଥନ ସାଙ୍ଗକୁ ବ୍ୟବସାୟ ଅଭିବୃଦ୍ଧି ଓ ନିରନ୍ତର ବିକାଶ ପ୍ରତି ଆମକୁ ପ୍ରେରଣା ପ୍ରଦାନ କରିବ। ବେଦାନ୍ତ ଆଲୁମିନିୟମ ବ୍ୟବସାୟ ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ, ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା। ବେଦାନ୍ତ ଆଲୁମିନିୟମର ର୍ୟାଙ୍କ ଡାଓ ଜୋନସ ସଷ୍ଟେନବିଲିଟି ଇଣ୍ଡେକ୍ସ ୨୦୨୧ରେ ୪ର୍ଥ ର୍ୟାଙ୍କଧାରୀ ଓ ସ୍ଥାୟୀ ବିକାଶ ଅବଲମ୍ବନକାରୀ ସଂସ୍ଥା।

# ଜିଓ-ଡିଜିବକ୍ସ ମଧ୍ୟରେ ସହଯୋଗିତା ସ୍ଥାପନ

ଭୁବନେଶ୍ୱର,୨୯।୬

ଜିଓ ପ୍ଲାଟଫର୍ମସ୍ ଲିମିଟେଡ୍ ଏବଂ ଫାଇଲ୍ ଷ୍ଟୋରେଜ୍ ଓ ଶେୟାରିଂ ସଂସ୍ଥା ଡିଜିବକ୍ସ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ସ୍ଥାପନ ହୋଇଥିବା ବିଷୟରେ ଘୋଷଣା କରାଯାଇଛି। ଏହାର ଲକ୍ଷ୍ୟ ହେଉଛି ଜିଓର ପୁରୁଣା ଓ ଭବିଷ୍ୟତର ଗ୍ରାହକମାନଙ୍କ କ୍ଲାଉଡ୍ ଆବଶ୍ୟକତାକୁ ପୂରଣ କରିବା ଲାଗି ଅଭିନବ ଷ୍ଟୋରେଜ୍ ସମାଧାନ ପ୍ରଦାନ କରିବା। ଏହି ସହଯୋଗିତା ଯୋଗୁଁ ଜିଓ ଫଟୋ ଆପ୍ ଅଧୀନରେ ସାଇନ୍ ଅପ୍ କରୁଥିବା ଗ୍ରାହକମାନେ ବର୍ତ୍ତମାନ ମିଳୁଥିବା ୨୦ ଜିବି ଷ୍ଟୋରେଜ୍ ବ୍ୟତୀତ ଆଉ ୧୦ଜିବି ଅତିରିକ୍ତ ଷ୍ଟୋରେଜ୍ ପାଇପାରିବେ। ଏ ସମ୍ପର୍କରେ ଡିଜିବକ୍ସର ସିଇଓ ଅର୍ନବ ମିତ୍ର କହିଛନ୍ତି, ଜିଓ ପ୍ଲାଟଫର୍ମସ୍ ସହିତ ହୋଇଥିବା ଏହି ସହଯୋଗିତାକୁ ନେଇ ମୁଁ ବହୁତ ଖୁସି ଅଛି। ଏହା ଆମର ପ୍ରଯୁକ୍ତିକୁ ଏକ ନୂଆ ବର୍ଗର ଡିଜିଟାଲ୍ ସକ୍ରିୟ ଗ୍ରାହକମାନଙ୍କ ନିକଟରେ ପହଞ୍ଚାଇବାରେ ସହାୟକ ହେବ। ଆମର ବିଶ୍ୱାସ ରହିଛି ଯେ ଆମ ପାଖରେ ଏକ ବୈପ୍ଲବିକ ପ୍ଲାଟଫର୍ମ ରହିଛି। ସେହିଭଳି ଜିଓ ପ୍ଲାଟଫର୍ମସ୍ ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କିରନ୍ ଥୋମାସ କହିଛନ୍ତି, ସୁରକ୍ଷିତ, ଦ୍ରୁତ ଓ ବିଶ୍ୱସ୍ତରୀୟ ସେବା ପ୍ରଦାନ କରିବା ଉପରେ ଆମେ ବିଶ୍ୱାସ କରୁଥିବାରୁ ଆମ ଯାତ୍ରା ସହ ମେଡ୍ ଇନ ଇଣ୍ଡିଆ ଷ୍ଟୋରେଜ୍ ସଂସ୍ଥା ଡିଜିବକ୍ସ ସହ ଯୋଡ଼ି ହୋଇଥିବାରୁ ଆମେ ବହୁତ ଖୁସି।

## ରାଜ୍ୟ ଖବର

### ୫ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ଡାହାଣୀ ସନ୍ଦେହରେ ହତ୍ୟା ମାମଲା**

**ବାରିପଦା ଅଫିସ,୨୯।୬:** ବାରିପଦାସ୍ଥିତ ଅତିରିକ୍ତ ଜିଲା ଓ ଦୌରାଜଜ(୧) କୋର୍ଟରେ ବୁଧବାର ଡାହାଣୀ ସନ୍ଦେହରେ ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ ପ୍ରବୀର କୁମାର ଚୌଧୁରୀ ଏହାର ବିଚାର କରି ୫ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ପ୍ରତ୍ୟେକଙ୍କୁ ୫ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ପ୍ରତ୍ୟେକଙ୍କୁ ଅଧିକ ୫ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଅଭିଯୁକ୍ତମାନେ ହେଲେ କୁଳିଅଣା ଥାନା ଅଧୀନ ଡୁମୁରଡିହା ଅଞ୍ଚଳର ରାମେ ମୁର୍ମୁ, ସ୍ତ୍ରୀ ମାହି ମୁର୍ମୁ, ପୁଅ ନରସିଂହ ଓ ସୁକୁଲ ଏବଂ ସୁକୁଲଙ୍କ ସ୍ତ୍ରୀ ଚିତା ମୁର୍ମୁ। ସୂଚନା ଅନୁଯାୟୀ, ୨୦୧୮ ଏପ୍ରିଲ ୨୪ରେ ଭାଗେ ମୁର୍ମୁ ନାମ୍ନୀ ଜଣେ ମହିଳାଙ୍କ ଶରୀର ଅସୁସ୍ଥ ଥିବାରୁ ସେ ତାଙ୍କ ବାପ ଘରକୁ ଯାଇଥିଲେ। ସେଠାରେ ତାଙ୍କ ଭାଇ ରାମେ ମୁର୍ମୁ ଝଡ଼ାଫୁଙ୍କା ଆରମ୍ଭ କରିଥିଲେ। ଏହି ସମୟରେ ଭାଗେଙ୍କ ଝିଅ ସୋମବାରୀ ମାଆଙ୍କ ଶରୀର ଅବସ୍ଥା ସମ୍ପର୍କରେ ବୁଝିବାକୁ ମାମୁ ଘରକୁ ଯାଇଥିଲେ। ତେବେ ରାମେ ଭାଣିଜୀ ସୋମବାରୀଙ୍କୁ ସେଠାରେ ଡାହାଣୀ ଆଖ୍ୟା ଦେଇଥିଲେ। ଡାହାଣୀ ଛଡ଼ାଇବା ପାଇଁ ରାମେଙ୍କ ସ୍ତ୍ରୀ ମାହି, ଦୁଇ ପୁଅ ନରସିଂହ ଓ ସୁକୁଲ ଏବଂ ସୁକୁଲଙ୍କ ସ୍ତ୍ରୀ ଚିତା ମିଳିତ ଭାବେ ସୋମବାରୀଙ୍କୁ ଶାବଳ,ଗଇଁତି ଓ ତ୍ରୀଶୂଳ ମାଧମରେ ଆକ୍ରମଣ କରିଥିଲେ। ଏହି ସମୟରେ ପଡ଼ୋଶୀ ସୀତା ମୁର୍ମୁ ପହଞ୍ଚି ସୋମବାରୀଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବା ବେଳେ ନିଆଁରେ ପୋଡ଼ି ଗୁରୁତର ହୋଇଥିଲେ। ପରେ ସୋମବାରୀଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ମୃତ ସୋମବାରୀଙ୍କ ଭାଇ ରାମ କୁଳିଅଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୫/୧୮) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ମାମଲାକୁ ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରୁଥିଲେ।

# ଫ୍ୟୁଜନ କରି ପ୍ରସିଦ୍ଧ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର,୨୯।୬

- ଶିବ ଭଜନକୁ ପାଶ୍ଚାତ୍ୟଶୈଳୀରେ ଗାଇଲେ
- ଭାଇରାଲ୍ ପରେ ପ୍ରଶଂସା ସାଉଁଟୁଛନ୍ତି ଜିତୁ,ଅଭିଲିପ୍ସା

ବର୍ତ୍ତମାନ ଡିଜିଟାଲ ଯୁଗରେ ସୋସିଆଲ ମିଡିଆର ଗୁରୁତ୍ୱ ବଢ଼ିଯାଇଛି। ଏଥିରେ ଦେଶବିଦେଶର ତଥା ବିଭିନ୍ନ ପ୍ରକାରର ଖବର, ସୂଚନା ମିଳିବା ସହ ଏହା ଅନେକଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି। ୟୁଟ୍ୟୁବରେ କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳର ଜିତୁ ଶର୍ମା ନାମକ ଜଣେ ଯୁବକଙ୍କ ଏକ ଧାର୍ମିକ ସଙ୍ଗୀତ ଭିଡିଓ ଧମାକା କରିଛି। ଏହା ଶିବଙ୍କ ସ୍ତୋତ୍ରକୁ ନେଇ ପ୍ରସ୍ତୁତ ହୋଇଛି। ଗତ ପ୍ରାୟ ଦୁଇ ମାସରେ ଏହାର ଦର୍ଶକ ସଂଖ୍ୟା ୩୨ ମିଲିୟନ ଟପିଯାଇଥିବା ବେଳେ ସଂଖ୍ୟା ବଢ଼ିବାରେ ଲାଗିଛି। ଉକ୍ତ ଭିଡିଓର ନାମ ହର ହର ଶମ୍ଭୁ ଶିବ ମହାଦେବ ...। ଏଥିରେ ସେ ଏବଂ ତାଙ୍କ ସହିତ ଗାଇଥିବା ବଡ଼ବିଲ ନିକଟ କଳିଙ୍ଗ ଅଞ୍ଚଳର ଅଭିଲିପ୍ସା ପଣ୍ଡା ରାତାରାତି ପ୍ରସିଦ୍ଧ ହୋଇଛନ୍ତି। ଏଥିରେ ଜିତୁ ନିଜେ ଗୀତ ଲେଖିବା ସହ ଗାଇଛନ୍ତି।

ଜଣେ ସାଧାରଣ ପରିବାରରେ ଜନ୍ମିତ ଜିତୁଙ୍କ ଏକ ଜେରକ୍ସ ଦୋକାନ ରହିଛି। ଭିଡିଓ ଗୀତ ଗାଇ ସୋସିଆଲ ମିଡିଆରେ ଅପଲୋଡ୍ କରିବା ତାଙ୍କର ନିଶା। ଏଥିପାଇଁ ଧାର କରଜ ମଧ କରିଥାନ୍ତି। ବାପା ପରିବା ବିକି ପରିବାର ଚଳାନ୍ତି ଏବଂ ମା ଗୃହିଣୀ। ତାଙ୍କ ସାନ ଭାଇ ଇଞ୍ଜିନିୟରିଂ ପଢୁଛନ୍ତି। ଏହି ନିଶା ବହୁ ଆଗରୁ ରହିଥିଲେ ହେଁ ଏଥିପାଇଁ ବହୁ ଖର୍ଚ୍ଚ କରିଥିଲେ ହେଁ ସଫଳ ହୋଇପାରି ନ ଥିଲେ ଜିତୁ। ପୂର୍ବରୁ ହିନ୍ଦୀ ଓ ନାଗପୁର ଆଦି ଗୀତ ଗାଇ ଅପଲୋଡ୍ କରୁଥିଲେ। ତେବେ କୋଭିଡ୍ ସମୟରେ ତାଙ୍କ ଉପରେ ସତେ ଯେପରି ପ୍ରଭୁ ଶିବଙ୍କ ଆଶୀର୍ବାଦ ଝରିପଡିଲା।



ଜିତୁ ଶର୍ମା।

ସେ ୨୦୨୧ରେ ଆରମ୍ଭ କଲେ ଶିବଙ୍କ ଉପରେ ଆଧାରିତ ଭଜନ ଓ ସଙ୍ଗୀତ। 'ଭୋଲେନାଥ ତେରା ସାଥ୍' ଭିଡିଓ ଭଜନ କଲେ। ଉକ୍ତ ଭିଡିଓକୁ ଗୋଟିଏ ମାସରେ ୧୦ ଲକ୍ଷ ଦର୍ଶକ ଦେଖିଲେ। ସେ କୁହନ୍ତି ଯେ, ଭାବିଲି ଶିବ ହିଁ ଏହା ଚାହୁଁଛନ୍ତି ସେଥିଲାଗି ତାଙ୍କ ଭଜନ ଗାଉଛି। ତା ପରେ ମେରି ପାଗଲି କୋ ଯାନା କେଦାରନାଥ ଭିଡିଓ ପ୍ରସ୍ତୁତ କଲି। ତାହା ମଧ ସଫଳ ହେଲା। ବିଶେଷ ଭାବେ ଅଧିକ ପ୍ରସାର ପାଇଁ ଇନଷ୍ଟାଗ୍ରାମର ସହାୟତା ନେଲି। ତାପରେ ଚଳିତ ବର୍ଷ ଏପ୍ରିଲ ୨୭ରେ 'ହର ହର ଶମ୍ଭୁ ଶିବ ମହାଦେବ' ଏବଂ 'ମଞ୍ଜିଲେ କେଦାର ନାଥ' ଭିଡିଓ ପ୍ରସ୍ତୁତ କରିଲି। ଏଣୁ ସେ ଶିବ ମହାଦେବଙ୍କ ସ୍ତୋତ୍ରକୁ ଭଜନ ଆକାରରେ ଲେଖି ଗୀତ ପ୍ରସ୍ତୁତ କଲେ। ଏଥିରେ ପାଶ୍ଚାତ୍ୟ ସଭ୍ୟତା ଷ୍ଟାଇଲ ଦେବା ପାଇଁ ଉଦ୍ୟମ କରିଲେ। ଏଣୁ ତାଙ୍କ ସହିତ ଗୀତ ଗାଇବା ପାଇଁ ଗାୟିକା ଖୋଜିଲେ। ତେବେ ବଡବିଲ ଅଞ୍ଚଳରେ ରାଜ୍ୟପାଳ ଟ୍ରଫି ପାଇଥିବା ଅଭିଲିପ୍ସା ପଣ୍ଡାଙ୍କ ସନ୍ଧାନ ପାଇ ସାମିଲ କଲେ। ସେ ଓଡ଼ିଶା ସୁପର ସିଙ୍ଗରରେ ଟପ୍ ୧୫ରେ ଥିବାସହ ବିଭିନ୍ନ ରିୟଲିଟି ଶୋରେ ପ୍ରଦର୍ଶନ କରି ନାଁ କମାଇଛନ୍ତି। ଗୀତକୁ ନୂଆ ରୂପ ଦେଇ ପ୍ରସ୍ତୁତ କରି ୟୁ ଟ୍ୟୁବରେ ଅପଲୋଡ୍ କରାଯାଇଥିଲା ବୋଲି ଜିତୁ କୁହନ୍ତି । ଏହି ଗୀତ ରାତାରାତି ଭାଇରାଲ ହୋଇଗଲା । ଏବେ ବିଭିନ୍ନ ସ୍ଥାନରୁ ମିଳୁଛି କାର୍ଯ୍ୟକ୍ରମ ଆୟୋଜନର ଡାକରା। ଏହି



ଅଭିଲିପ୍ସା ପଣ୍ଡା

ଗୀତରେ ଶ୍ଳୋକକୁ ପାଶ୍ଚାତ୍ୟ ଶୈଳୀରେ ଗାନ କରାଯାଇଥିବାରୁ ଅନେକ ଏହାକୁ ପ୍ରଂଶସା କରିଛନ୍ତି। ବିଲୁପ୍ତ ହୋଇଯାଉଥିବା ବିଭିନ୍ନ ଦେବଦେବୀଙ୍କ ସ୍ତୋତ୍ରକୁ ନୂଆ ରୂପରେ ଲୋକଙ୍କ ପାଖରେ ବିଶେଷ କରି ଯୁବପିଢ଼ିଙ୍କ ପାଖରେ ପହଞ୍ଚାଇବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିତୁ କୁହନ୍ତି। ଗୀତ ଗାଇଲେ ଘର ଚଳାଇବାକୁ ଦୁଇ ପଇସା ମିଳିବ। ଏହାଦ୍ୱାରା ଭାରତୀୟ ସଂସ୍କୃତି ଓ ପରମ୍ପରା ରକ୍ଷା କରାଯିବା ସହ ସଙ୍ଗୀତ କାଳ କାଳକୁ ଅମର ହୋଇ ରହିବ ବୋଲି ଜିତୁ କହିଛନ୍ତି। ଅଭିଲିପ୍ସା ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଦେଇ ଫଳାଫଳ ଅପେକ୍ଷାରେ ଅଛନ୍ତି। ତାଙ୍କ ବାପା ଅଶୋକ ପଣ୍ଡା ଏକ ଖଣି କମ୍ପାନୀରେ ସୁରକ୍ଷା ଅଧିକାରୀ ଭାବେ କାମ କରୁଥିବା ବେଳେ ମା' ପୁଷ୍ପଶ୍ରୀ ପତି ଜଣେ ଶିକ୍ଷୟିତ୍ରୀ।

# ଭିଜିଲାନ୍ସ ଜାଲରେ ସହକାରୀ ବାଣିଜ୍ୟକର ଅଧିକାରୀ

ପାରାଦୀପ/ବାଙ୍କୀ,୨୯।୬(ସ୍ୱ.ପ୍ର.)

- ୨ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡିଲେ
- ଡମପଡ଼ା ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବାସଭବନରେ ଚଢ଼ାଉ

ପାରାଦୀପସ୍ଥିତ ବାଣିଜ୍ୟକର ଏନଫୋର୍ସମେଣ୍ଟ ଟିମ୍‌ର ସହକାରୀ ବାଣିଜ୍ୟକର ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁ ବୁଧବାର କଟକ ଭିଜିଲାନ୍ସ ବିଭାଗ ହାତରେ ଧରାପଡିଛନ୍ତି। କେନ୍ଦ୍ରାପଡା ଜିଲା ଓଲାଭର ଅଞ୍ଚଳର ଜଣେ ଫର୍ନିଚର ଦୋକାନୀଙ୍କଠାରୁ ୨ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ତାଙ୍କୁ ଗିରଫ କରାଯାଇଛି। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ମାମଲା (ନଂ. ୩୮/୨୨) ରୁଜୁ କରାଯାଇଛି। ଗତ ମେ'ରେ ଉକ୍ତ ଫର୍ନିଚର ଦୋକାନ ଉପରେ ଚଢ଼ାଉ କରିବା ପାଇଁ ଏନଫୋର୍ସମେଣ୍ଟ ଟିମ୍ ଯାଇଥିଲା। ସମ୍ପୃକ୍ତ ଦୋକାନୀକୁ ଉକ୍ତ ମାମଲାରୁ ମୁକୁଳାଇବା ପାଇଁ ସାହୁ ୨ ଲକ୍ଷ ଟଙ୍କା ମାଗିଥିଲେ। ଏନେଇ ସମ୍ପୃକ୍ତ ଦୋକାନୀ ଭିଜିଲାନ୍ସ ବିଭାଗରେ ଯୋଗାଯୋଗ କରିଥିଲେ। ବୁଧବାର ପୂର୍ବ ଯୋଜନା ମୁତାବକ ସାହୁଙ୍କୁ ସମ୍ପୃକ୍ତ ଦୋକାନୀ ଟଙ୍କା ଦେଉଥିବା ବେଳେ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। ଗିରଫ ପରେ ତାଙ୍କୁ ଅଧିକ ପଚାରାଉଚୁରା ନିମନ୍ତେ କଟକ ନିଆଯାଇଛି। ଏଥିସହ ସାହୁଙ୍କ ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କରେ ଖୋଳତାଡ କରାଯାଉଛି। ସେହିପରି କଟକ ଜିଲା ଡମପଡ଼ା ବ୍ଲକ ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ରାଉତଙ୍କ ଡମପଡ଼ାସ୍ଥିତ ବ୍ଲକ କାର୍ଯ୍ୟାଳୟ ଓ ବାସଭବନରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ରାଉତଙ୍କ ବାରଙ୍ଗ ବ୍ଲକ ଅନ୍ତର୍ଗତ କୁନ୍ହେଇପଡାସ୍ଥିତ ବାସଗୃହ, କେନ୍ଦ୍ରାପଡ଼ା ତନେଇପଡ଼ାସ୍ଥିତ ପୈତୃକ ଗୃହ ଏବଂ ଚୌଦ୍ୱାର ହାଉସିଙ୍ଗ ବୋର୍ଡ କଲୋନୀରେ ଥିବା ତାଙ୍କ ଭାଇଙ୍କ ବାସଗୃହ ଉପରେ ୪ଟି ଭିଜିଲାନ୍ସ ଟିମ୍ ଏକସଙ୍ଗେ ଚଢ଼ାଉ କରିଛି। ଏଥିରେ ୪ଜଣ ଭିଜିଲାନ୍ସ ଏସପି, ୧୦ ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀମାନେ ନିୟୋଜିତ ହୋଇଥିଲେ। ଡମପଡ଼ା ବ୍ଲକରେ ଭିଜିଲାନ୍ସ ଅଧିକାରୀ ପି.କେ.ସେଠୀଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ାଉ ହୋଇଥିଲା। ରାଉତଙ୍କୁ ଅଧିକ ପଚାରାଉଚୁରା ନିମନ୍ତେ ସାଙ୍ଗରେ ନିଆଯାଇଥିବା ସୂଚନା ମିଳିଛି।

# ଭିମ୍‌ସାରରେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ

ସମ୍ବଲପୁର,୨୯।୬(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲାର ଭିମ୍‌ସାରରେ ସୁରକ୍ଷା କର୍ମୀ ଏବେ ଅସୁରକ୍ଷିତ ହୋଇପଡିଛନ୍ତି। କାର୍ଯ୍ୟରତ ଦୁଇ ସୁରକ୍ଷା କର୍ମୀଙ୍କୁ ଦୁର୍ବୃତ୍ତମାନେ ଗୋଡାଇ ଗୋଡାଇ ମାଡ଼ ମାରିଛନ୍ତି। ବୁଧବାର ସକାଳେ ଏ ନେଇ ଅଭିଯୋଗ ପରେ ବୁର୍ଲା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହାକୁ ନେଇ ଭିମ୍‌ସାରରେ ଚାପା ଉତ୍ତେଜନା ଲାଗିରହିଛି। ଯେତେବେଳେ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ କରାଯାଉଛି ସେତେବେଳେ ରୋଗୀ ଓ ସମ୍ପର୍କୀୟ କିଭଳି ସୁରକ୍ଷିତ ରହିବେ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଅଭିଯୋଗ କ୍ରମେ ଇଏସ୍‌ଏସ୍ କମ୍ପାନୀର ସୁରକ୍ଷା କର୍ମୀ ନିରଞ୍ଜନ ସୁନା, ଶରତ ସୁନା ମେଡିସିନ ବିଭାଗରେ ଡ୍ୟୁଟି କରୁଥିଲେ। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ସ୍ଥାନୀୟ ଜଣେ ଆମ୍ବୁଲାନ୍ସ ଡ୍ରାଇଭର ଭିତରକୁ ପଶିବାକୁ ଉଦ୍ୟମ କରିଥିଲେ। ହେଲେ ନିରଞ୍ଜନ ଓ ଶରତ ତାଙ୍କୁ ମନା କରିଥିଲେ। ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଭିତରକୁ ପ୍ରବେଶ କରିବାକୁ ମନା କରାଯାଇଛି, ତେଣୁ ଫେରିଯିବାକୁ କହିଥିଲେ। ହେଲେ ଡ୍ରାଇଭର ଜଣଙ୍କ ରାଗିଯାଇ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ପରେ ଡ୍ରାଇଭର ଜଣକ ସହଯୋଗୀମାନଙ୍କୁ ଡାକି ଦୁଇ ସୁରକ୍ଷା କର୍ମୀଙ୍କ ମୁହଁକୁ ମୁଥ ମାରିଥିଲେ। ଏପରି କି ହକିଷ୍ଟିକ ଓ ଫାଇବରରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପୂର୍ବରୁ ଅନେକ ଥର ବାହାରୁ ଦୁର୍ବୃତ୍ତମାନେ ଆସି ମାରପିଟ କରି ଚାଲିଯାଉଛନ୍ତି। ଏହି ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ହୀରାକୁଦ ଏସ୍‌ଡିପିଓ ଏସ୍. ଦାସ କହିଛନ୍ତି, ବୁଧବାର ପ୍ରତ୍ୟୁଷରେ କାର୍ଯ୍ୟରତ ସୁରକ୍ଷା କର୍ମୀମାନଙ୍କୁ ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି କହିଥିଲେ।

# ଯୁବକଙ୍କୁ ଦଳିଦେଲା ହାତୀ

ଲହୁଣୀପଡ଼ା/ବଣାଇ, ୨୯।୬ (ଡି.ଏନ୍.ଏ./ସ୍ୱ.ପ୍ର. )

ଓଡ଼ିଶା- ଝାଡ଼ଖଣ୍ଡ ସୀମା ସଂଲଗ୍ନ ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଟୋପାଡ଼ିହି ଅଞ୍ଚଳର ଜଣେ ଯୁବକଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ଝାଡ଼ଖଣ୍ଡ ଅଞ୍ଚଳର ଏକ ସାପ୍ତାହିକ ବଜାରକୁ ଯାଇ ବାଇକ୍ ଯୋଗେ ମଙ୍ଗଳବାର ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ଓଡ଼ିଶା ସୀମାରୁ ଏକ କିଲୋମିଟର ଦୂରରେ ହାତୀ ଆକ୍ରମଣ କରିଥିଲା। ଶୁଣ୍ଢରେ ଟାଣିନେଇ ଯୁବକଙ୍କୁ ଦଳି ଦେଇଥିଲା। ମୃତକ ହେଲେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ସ୍ୱୟଂବା ପଞ୍ଚାୟତ ଟୋପାଡ଼ିହି ଗ୍ରାମର ବିମଳ ଜାକ୍ରିଆସ ବାର୍ଲା (୪୦)। ଖବର ପ୍ରଚାରିତ ହେବା ପରେ କୋଇଡ଼ା ବନାଞ୍ଚଳ ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କଲା ପରେ ସମ୍ପୃକ୍ତ ଅଞ୍ଚଳ ଝାଡ଼ଖଣ୍ଡ ରାଜ୍ୟର ଜାଣିବା ପରେ ବଣାଇ ଡିଏଫ୍‌ଓଙ୍କୁ ଜଣାଇଥିଲେ। ବଣାଇ ଡିଏଫ୍‌ଓ ସନଥ କୁମାର ଏନ ଏଥିନେଇ ଯୋଗାଯୋଗ କରିବାରୁ ଝାଡ଼ଖଣ୍ଡ କିରିବୁରୁ ପୋଲିସ ମୃତଦେହ ଜବତ କରିଥିଲା।

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଵରାମଚନ୍ଦ୍ର ମହାରଣା
(କଲେଜ ଛକ, ରାଜଦାଣ୍ଡ, ପାରଳାଖେମୁଣ୍ଡି, ଗଜପତି)
ଆବିର୍ଭାବ- ୦୫।୦୪।୧୯୪୩
ତିରୋଧାନ- ୨୧।୦୬।୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପତ୍ନୀ- ସୁଶୀଳା, ପୁତ୍ର- ଅଶୋକ, ଆଲୋକ, ଦୀପକ, ରୂପକ, ସୁଶାନ୍ତ, ଭ୍ରାତା- କୃଷ୍ଣ, ବନମାଳୀ, ସୀମାଞ୍ଚଳ, ସୁରେଶ ଓ ସମସ୍ତ ପୁତ୍ରବଧୂଗଣ, ପୁତୁରା, ଝିଆରୀ, ନାତି, ନାତୁଣୀ ଓ ଅନ୍ୟ ସମସ୍ତ ପରିବାରବର୍ଗ ଏବଂ ବନ୍ଧୁବର୍ଗ ।
ଧ-୮୫୪

# ୟାମିଙ୍କ ବଦାନ୍ୟତା



ୟାମି ନିକଟରେ ଏକ ନୂଆ ନିଷ୍ପତ୍ତି ନେଇଛନ୍ତି। ପ୍ରତିଟି ଫିଲ୍ମ ପାଇଁ ସେ ପାଉଥିବା ପାରିଶ୍ରମିକର କିଛି ଅଂଶ ସମାଜସେବାରେ ନିୟୋଜିତ କରିବେ। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ ମଧ୍ୟ କରିସାରିଲେଣି। କେବଳ ସେତିକି ନୁହେଁ, ନିଜର ନୂଆ ଯୋଜନାକୁ ରୂପରେଖ ଦେବା ପାଇଁ ସେ ଏକ ସଂସ୍ଥା ଗଠନ କରିଛନ୍ତି। ଏଥିରେ ତାଙ୍କ ବ୍ୟତୀତ ତାଙ୍କର କେତେ ଜଣ ସାଙ୍ଗ ମଧ୍ୟ କାମ କରିବେ। ଏପରି ନିଷ୍ପତ୍ତି ସମ୍ପର୍କରେ ୟାମି କହନ୍ତି, ''ନିକଟରେ ମୋର ଜଣେ ସାଙ୍ଗଙ୍କ ସହ ଏ ବିଷୟରେ ଆଲୋଚନା କରୁଥିଲି। ସେତେବେଳେ ସେ ମୋତେ ଏଭଳି ସଜେସନ ଦେଇଥିଲେ। ଏ ନେଇ ପ୍ରାୟ ଗୋଟିଏ ସପ୍ତାହ ମୁଁ ଭଲ ଭାବରେ ଚିନ୍ତା କରିବା ପରେ ଏ କ୍ଷେତ୍ରରେ ପାଦ ଦେଇଛି। ମୁଁ ପ୍ରତିଟି ଫିଲ୍ମରୁ ପାଉଥିବା ପାରିଶ୍ରମିକରୁ କିଛି ଅଂଶ ସମାଜସେବା ପାଇଁ ଖର୍ଚ୍ଚ କରିବି। ତା' ସହ ଆଜିର ସମାଜରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ପେଟପୂରା ଖାଇବାକୁ ପାଉନାହାନ୍ତି। ସେଭଳି ଲୋକଙ୍କୁ ପ୍ରାଥମିକତା ଦିଆଯିବ।'' ନିକଟରେ ଶୁଟିଂ ଶେଷ ହୋଇଥିବା ହିନ୍ଦୀ ସିନେମା 'ଲଷ୍ଟ'ରେ ତାଙ୍କୁ ମିଳିଥିବା ଭୂମିକାଟି ହେଲା ଶିଖା ଶର୍ମା। ଅନ୍ୟପକ୍ଷରେ ନୂଆ ସିନେମା 'ଓ ମାଇଁ ଗଡ୍-୨'ରେ ମଧ୍ୟ ୟାମିଙ୍କୁ ଦେଖିବାକୁ ମିଳିବ।

ପରଦାରେ...

# ବିଦ୍ୟାରାଣି



'ବିଦ୍ୟାରାଣି' ଚଳଚ୍ଚିତ୍ରରେ ବାବୁସାନ

ଚଳିତବର୍ଷ ରଥଯାତ୍ରାରେ ପରଦା ଉପରକୁ ଆସୁଛି ନୂଆ ଓଡ଼ିଆ ସିନେମା 'ବିଦ୍ୟାରାଣି'। ଏହି ବିଗ୍ ବଜେଟ ମୁଭିର ନାୟକ ସାଜିଛନ୍ତି ବାବୁସାନ୍। ପ୍ରଥମ ଥର ପାଇଁ ଦର୍ଶକ ତାଙ୍କୁ ଆକ୍ସନ ଅବତାରରେ ଦେଖିବାକୁ ପାଇବେ। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ତାଙ୍କର ବଡି ସେପ୍‌କୁ ସିକ୍ସ ପ୍ୟାକ୍ କରିବାକୁ ପଡ଼ିଥିଲା। ଉକ୍ତ ସିନେମାରେ ତାଙ୍କର ନାୟିକା ସାଜିଛନ୍ତି ଶିବାନୀ। ତଥ୍ୟ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ନବାଗତ ନିରଞ୍ଜନ ନାୟକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି 'ଗୁଡ୍ ବୟ' ଫେମ୍ ନିର୍ଦ୍ଦେଶକ ଜ୍ୟୋତି ଦାସ। ବାପୁ ଗୋସ୍ୱାମୀ ସଂଳାପ ରଚନା କରିଥିବା ବେଳେ ସଙ୍ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ। ଏ ସମ୍ପର୍କରେ ପ୍ରଯୋଜକ ନିରଞ୍ଜନ କହନ୍ତି, ''ଏହି ଫିଲ୍ମରୁ ଦର୍ଶକ ଶତ ପ୍ରତିଶତ ଏଣ୍ଟରଟେନ୍‌ମେଣ୍ଟ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଫିଲ୍ମଟିର ଶୁଟିଂ ସମୟରେ କୌଣସି ଜିନିଷରେ କମ୍ପ୍ରୋମାଇଜ୍ କରାଯାଇନାହିଁ। ଏହାର ସଂଳାପ, ଗୀତ, ଉପସ୍ଥାପନା ଏବଂ ବାବୁସାନ୍‌ଙ୍କ ନିଆରା ରୋଲ୍ ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି ଆଶା ରଖିଛି।'' ଉତ୍ତମ ମହାନ୍ତି, ସୁଜିତ ପାଇକରାୟ, ପୁପୁଲ ଭୂୟାଁ, ସାହେବ ସିଂ, ପ୍ରିୟଙ୍କା, ପୀୟୂଷ, ବିଭୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।

## ଅତୀତରୁ...

▶ଓଡ଼ିଆ ଚଳଚ୍ଚିତ୍ର 'ମହାସତୀ ସାବିତ୍ରୀ'ର ପ୍ରଯୋଜନା କରିଥିଲେ ଇନ୍ଦୁରେଖା ମହାନ୍ତି ଏବଂ ବିଭିନ୍ନ ଭୂମିକାରେ ତପତି, ରବି ତ୍ରିପାଠୀ, ଝରଣା ଦାସ, ସାମୁଏଲ ସାହୁ (ବାବି) ପ୍ରମୁଖ କଳାକାର ଅଭିନୟ କରିଥିଲେ।

▶କେ. ନାରାୟଣ ରାଓଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଓଡ଼ିଆ ସିନେମା 'ରାମ ବଳରାମ'ର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ଉତ୍ତମ ମହାନ୍ତି, ଅନୀତା ଦାସ, ଦୀପା ସାହୁ ଏବଂ ବୀରେନ ରାଉତରାୟ ପ୍ରମୁଖ କଳାକାର।

▶ସାଧୁ ମେହେରଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଅପରିଚିତା'ର ପ୍ରଯୋଜନା କରିଥିଲେ ଆରତୀ ଦାସ। ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ, ଅନୀତା ଦାସଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିଥିଲା।

# ପିଜାପ୍ରିୟ ଆଲିୟା

ଆଲିୟା ଭଟ୍ଟ ନିଜ ଫିଟ୍‌ନେସ୍‌କୁ ନେଇ ବେଶ୍ ସଚେତନ। ହେଲେ ଏପରି ଏକ ଖାଦ୍ୟ ଅଛି, ଯାହାକୁ ସେ ଖାଇବାକୁ ଭାରି ପସନ୍ଦ କରନ୍ତି। ପ୍ରତିଦିନ ଏହାକୁ ନ ଖାଇଲେ ତାଙ୍କୁ ଯେମିତି କିଛି ହଜାଇ ଦେଲା ଭଳି ଲାଗେ। ହେଲେ ସେ ଖାଦ୍ୟଟି କ'ଣ ଜାଣିବେନି? ପିଜା। ହଁ, ନିକଟରେ ରଣବୀର କପୁରଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଏହି ମହେଶ ତନୟାଙ୍କ ପିଲାଟି ଦିନରୁ ପିଜା ଖାଇବା ପ୍ରତି ଆଗ୍ରହ ରହିଥିଲା। ନିଜର ଏଭଳି ଅଭ୍ୟାସ ବିଷୟରେ ସେ କହନ୍ତି, ''ପିଜା ଏକ ଫାଷ୍ଟଫୁଡ୍ ମୁଁ ଜାଣିଛି। ତଥାପି ଏହାକୁ ପ୍ରତିଦିନ ନ ଖାଇଲେ ମୋ ମନକୁ ଶାନ୍ତି ଆସି ନ ଥାଏ। ବେଳେବେଳେ ନିଜେ ପିଜା ପ୍ରସ୍ତୁତ କରି ଖାଇଥାଏ। ନିକଟରେ ମୋ ସାଙ୍ଗମାନଙ୍କୁ ଏକ ଟି' ପାର୍ଟି ପାଇଁ ଆମନ୍ତ୍ରଣ କରିଥିଲି। ଏହି ସମୟରେ ସେମାନଙ୍କୁ ମୁଁ ନିଜ ଦ୍ୱାରା ପ୍ରସ୍ତୁତ ପିଜା ଖୁଆଇଥିଲି। ସେମାନେ ମଧ୍ୟ ଏହି ପିଜାକୁ ଖାଇ ମୋତେ ବେଶ୍ ପ୍ରଶଂସା କରିଥିଲେ।'' ସୂଚନାଯୋଗ୍ୟ, ଆଲିୟାଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ଯେତେବେଳେ ତାଙ୍କୁ ହୋଇଥିଲା ମାତ୍ର ଛଅ ବର୍ଷ। 'ସଂଘର୍ଷ' ଫିଲ୍ମରେ ସେ ପ୍ରୀତି ଜିଣ୍ଟାଙ୍କ ପିଲାଦିନ ଭୂମିକାରେ ଅଭିନୟ କରିଥିଲେ। ନାୟିକା ଭାବରେ ତାଙ୍କର ଡେବ୍ୟୁ ଫିଲ୍ମଟି ଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର'। ଅନ୍ୟପକ୍ଷରେ କରନ୍ ଜୋହରଙ୍କ ପ୍ରଯୋଜିତ ଏବଂ ଆର୍ଯ୍ୟନ୍ ମୁଖାର୍ଜୀଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ବ୍ରହ୍ମାସ୍ତ୍ର' ଚଳିତ ବର୍ଷ ସେପ୍ଟେମ୍ବର ୯ରେ ରିଲିଜ୍ ହେବ। ଏହି ଫିଲ୍ମରେ ତାଙ୍କର ନାୟକ ସାଜିଛନ୍ତି ରଣବୀର କପୁର।



ଆଲିୟା

## ସେହି ଅଢ଼େଇ ମାସ...

ସତରେ ଗୋଟିଏ ସିନେମା ସାଇନ୍ କରିବା ପୂର୍ବରୁ କେତେକ କଳାକାରଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥାଏ। ଏପରି କି ବାରମ୍ବାର ଅଡିଶନ ଦେବାକୁ ହୋଇଥାଏ। ସେହିପରି ଏକ ଘଟଣାକୁ ଏ ପର୍ଯ୍ୟନ୍ତ ମନେରଖିଛନ୍ତି ଭୂମି ପେଡେନ୍‌କର। କଥା କ'ଣ କି 'ଦମ୍ ଲଗାକେ ହୈସା'ର ଅଡିଶନ୍‌ରେ ଉତ୍ତୀର୍ଣ୍ଣ ହେବା ପାଇଁ ଭୂମିଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏହି ଫିଲ୍ମ ଲାଗି ସେ ପାଖାପାଖି ଅଢ଼େଇ ମାସ ଅଡିଶନ୍ ଦେଇଥିଲେ। ଏଥିରେ ଅତିକମ୍‌ରେ ୧୦୦ ଜଣ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ନିର୍ଦ୍ଦେଶକ ଶରତ କଟାରିୟାଙ୍କୁ ତାଙ୍କ ମନ ପସନ୍ଦର ଅଭିନେତ୍ରୀ ମିଳିଯାଇଥିଲେ। ସେ କିଏ ଥିଲେ ଜାଣନ୍ତି? ଭୂମି ପେଡେନ୍‌କର। ଏ ନେଇ ସେ କହନ୍ତି, ''ଏହି ଫିଲ୍ମର ସନ୍ଧ୍ୟା ଭୂମିକାରେ ମୁଁ ଅଭିନୟ କରିଥିଲି। ହେଲେ ଏଥିପାଇଁ ମୋତେ ପ୍ରାୟ ଅଢ଼େଇ ମାସ ଅଡିଶନ ଦେବାକୁ ପଡ଼ିଥିଲା। ଯେତେବେଳେ ମୁଁ ସିଲେକ୍ଟ ହୋଇଛି ବୋଲି ନିର୍ଦ୍ଦେଶକ ମୋତେ ଫୋନ୍ ମାଧ୍ୟମରେ ସୂଚନା ଦେଲେ, ସେତେବେଳେ ସେହି କଥାକୁ ମୁଁ ସହଜରେ ଗ୍ରହଣ କରିପାରି ନ ଥିଲି। ଏହି ଫିଲ୍ମ ପାଇଁ ମୋ ଓଜନକୁ ୯୦ କିଗ୍ରାରୁ ୭୦ କିଗ୍ରାକୁ କମାଇବାରେ ସକ୍ଷମ ହୋଇଥିଲି।''



ଭୂମି

# ଦୋଷ ଦେବେ କାହାକୁ

ବାଣୀ କପୁରଙ୍କ ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୩ରୁ। ପ୍ରଥମ ସିନେମା ଥିଲା 'ଶୁଦ୍ଧ ଦେଶୀ ରୋମାନ୍ସ'। ଇତିମଧ୍ୟରେ ସେ ତାଙ୍କ ବଡ଼ ପରଦା କ୍ୟାରିୟରର ନବମ ବର୍ଷ ପୂରଣ କରିଛନ୍ତି। ହେଲେ ୟା' ଭିତରେ ସେ କେତୋଟି ସିନେମାରେ ଅଭିନୟ କରିଛନ୍ତି ଜାଣନ୍ତି? ମାତ୍ର ୭ଟି। ପୁଣି ସପ୍ତମ ଫିଲ୍ମ 'ସମସେରା' ଜୁଲାଇ ୨୨ରେ ରିଲିଜ୍ ହେବ। ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ, ସେତେବେଳେ ଆଖିରେ ଆଖିଏ ସ୍ୱପ୍ନ। କିନ୍ତୁ ସେ ଯାହା ଆଶା କରୁଥିଲେ, ତାହା ତ ପୂରଣ ହେଲା ନାହିଁ। ତେଣୁ 'କାନ୍ଧୁଥା' ଯାହା ପାଉଛୁ ବାନ୍ଧୁଥା' ନୀତିରେ ଯେଉଁ ଅଫରଟିଏ ମିଳିଲା, ତାହାକୁ ହାତଛଡ଼ା କରି ନ ଥିଲେ। ନିଜର କ୍ୟାରିୟର ସମ୍ପର୍କରେ ବାଣୀ କହନ୍ତି, ''ନଅ ବର୍ଷ ଭିତରେ ମୁଁ ମାତ୍ର ସାତୋଟି ସିନେମାରେ ଅଭିନୟ କରିଛି। ଅବଶ୍ୟ ମନ ଦୁଃଖ ଲାଗୁଛି। ହେଲେ ଫିଲ୍ମଟିଏ ମିଳିବା ତ ମୋ ହାତର କଥା ନୁହେଁ। ଯେତେବେଳେ ପ୍ରଯୋଜକ ଚାହିଁବେ, ମୋତେ ଚାନ୍ସ ଦେବେ। ତେଣୁ ସବୁକିଛି ମୋ ଭାଗ୍ୟର ଦୋଷ। ହେଲେ ଏତିକି କହିବି, ଏ ପର୍ଯ୍ୟନ୍ତ ମୋତେ ଯେଉଁ ଭୂମିକାଗୁଡିକ ମିଳିଛି ତାହା ମୋତେ ଶତ ପ୍ରତିଶତ ଆତ୍ମତୃପ୍ତି ଦେଇଛି।'' ବାଣୀ ଏ ପର୍ଯ୍ୟନ୍ତ ଅଭିନୟ କରିଥିବା ସିନେମାଗୁଡ଼ିକ ହେଲା 'ଶୁଦ୍ଧ ଦେଶୀ ରୋମାନ୍ସ', 'ଆହା କଲ୍ୟାନମ୍' (ତେଲୁଗୁ), 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ୍', 'ଚଣ୍ଡିଗଡ଼ କରେ ଆସିକ' ଏବଂ ରିଲିଜ୍ ଅପେକ୍ଷାରେ ଥିବା 'ସମସେରା'।



ବାଣୀ କପୁର

ଅପେରା ହାଲ୍‌ଚାଲ୍

# ଭୁଲିଯା' ଯାହା ଭୁଲ୍ ହୋଇଛି

ଏକ ନିଆରା କାହାଣୀକୁ ନେଇ ରଚିତ ହୋଇଛି ନାଟକ 'ଭୁଲିଯା' ଯାହା ଭୁଲ୍ ହୋଇଛି'। ବିଶିଷ୍ଟ ନାଟ୍ୟକାର ଇଂ କିଶୋର ମହାପାତ୍ର ଏହାକୁ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି କ୍ରିଷ୍ଣା ସ୍ୱାଇଁ। ଯାତ୍ରା ଜଗତର ଅନ୍ୟତମ ହାଇବଜେଟ୍ ଅପେରା ଅନୁଷ୍ଠାନ 'ଅପେରା ସୂର୍ଯ୍ୟମନ୍ଦିର'ରେ ଆସନ୍ତା ଯାତ୍ରା ସିଜନ ପାଇଁ ଏହି ନାଟକର ରିହରସାଲ ଚାଲୁ ରହିଛି। ଅନ୍ୟପକ୍ଷରେ ଆସନ୍ତା ସିଜନ ପାଇଁ ଇଂ. ପ୍ରମୋଦ କୁମାର ସ୍ୱାଇଁଙ୍କ ପ୍ରଯୋଜନାରେ ଏହି ପାର୍ଟି ପାଞ୍ଚଟି ନାଟକ ପାଇଁ ପ୍ରସ୍ତୁତ ହେଉଛି। 'ବର୍ତ୍ତମାନ ଦୁଇଟି ନାଟକ ('ଭୁଲିଯା' ଯାହା ଭୁଲ୍ ହୋଇଛି' ଏବଂ ମହେଶ ହାଜରାଙ୍କ ନିର୍ଦ୍ଦେଶନାରେ 'ତୋ ପ୍ରେମରେ ବନ୍ଧା ମୋ ରଜନୀଗନ୍ଧା')ର ରିହରସାଲ ହେବ ବୋଲି ସୂଚନା ଦେଇଛନ୍ତି ଉକ୍ତ ପାର୍ଟିର ମ୍ୟାନେଜର ଲୁଲୁ ବାବୁ।' ଏଥର ଅପେରା ସୂର୍ଯ୍ୟମନ୍ଦିରରେ ଜଲିଉଡ୍‌ର ଆକ୍ସନ ଷ୍ଟାର ସୁବାସ ବେହେରା, ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ ଟିଙ୍କିନା, ବ୍ୟାଡ୍‌ମ୍ୟାନ୍ ଶୁଭେନ୍ଦୁ, କମେଡି ଯୋଡ଼ି ବାପି-ଟୁକୁଙ୍କ ବ୍ୟତୀତ ଦୀପକ ବୋଷ, ସୁଧାଂଶୁ, ତାରିଣୀ, ସତ୍ୟ, ମଞ୍ଜୁ, ଚାନ୍ଦିନୀ, ବେବିନା, ଭରତ, ଉପସ୍ଥାପକ ଅଭିକୁମାର ଏବଂ ମେଲୋଡି କୁଇନ୍ ରୁନା ପଣ୍ଡାଙ୍କୁ ଦେଖିବାକୁ ମିଳିବ।



ସୁବାସ

ସ୍ମୃତିରେ ରାଇମୋହନ...

# ସରିନଥିଲା ସ୍ୱପ୍ନ



ଓଡ଼ିଆ ମଞ୍ଚ, ଯାତ୍ରା ହେଉକି ଚଳଚ୍ଚିତ୍ର- ଏସବୁ କ୍ଷେତ୍ରରେ ଜଣେ ସଫଳ ଅଭିନେତା ଭାବରେ ପରିଗଣିତ ହୁଅନ୍ତି ରାଇମୋହନ ପରିଡ଼ା। ବର୍ତ୍ତମାନ ସେଭଳି ଜଣେ ଅଭିଜ୍ଞ କଳାକାରଙ୍କର ଆକସ୍ମିକ ବିୟୋଗ ଚାରିଆଡ଼େ ଆଲୋଚନାର ବିଷୟ ପାଲଟିଛି। ଓଡ଼ିଆ ଯାତ୍ରାମଞ୍ଚ ଏବଂ ସିନେମାର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ପରଲୋକ ଗମନ କରିବା କଥାକୁ ଅନେକେ ସହଜରେ ହଜମ କରିପାରୁନାହାନ୍ତି। ଭୁବନେଶ୍ୱରସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପାଠ ପଢ଼ିବା ବେଳେ ଅନେକ ନାଟକରେ ସେ ଅଭିନୟ କରି ସୃଷ୍ଟି କରିଥିଲେ ନିଆରା ପରିଚୟ। ୧୯୮୯ରେ ସେ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ପାଇଥିଲେ। ପ୍ରାୟ ୮୦ଟି ଓଡ଼ିଆ ସିନେମାରେ ଅଭିନୟ କରି ନିଜକୁ ଜଣେ ସଫଳ ଅଭିନେତା ଭାବରେ ପ୍ରତିଷ୍ଠା କରିପାରିଥିଲେ। ବିଶେଷ ଭାବରେ ଖଳନାୟକ ଚରିତ୍ରରେ ଅବତୀର୍ଣ୍ଣ ହେଉଥିଲେ ସେ। ହେଲେ ରାଜୁ ମିଶ୍ରଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ସତ ମିଛ' ଚଳଚ୍ଚିତ୍ରରେ ସେ ଜଣେ ଚରିତ୍ର ଅଭିନେତା ଭାବରେ ଅଭିନୟ କରି ସେଥିପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ। ୨୦୦୧ରେ ଓଡ଼ିଶା ସିନେକ୍ରିଟିକ ଆସୋସିଏଶନ ଦ୍ୱାରା ଆୟୋଜିତ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ସେ ବଲିଉଡ୍‌ର ବିଶିଷ୍ଟ ଅଭିନେତା ଅକ୍ଷୟ କୁମାରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

ଓଡ଼ିଆ ଯାତ୍ରା ଜଗତରେ ସେ କେବଳ ଜଣେ ଅଭିନେତା ନ ଥିଲେ, ଜଣେ ନିର୍ଦ୍ଦେଶକ ଭାବରେ ମଧ୍ୟ ତାଙ୍କର ସୁଖ୍ୟାତି ଥିଲା। ପଢ଼ିବା ବେଳେ ଅନେକ ପରିଶ୍ରମ କରି ଅଭିନୟକୁ କିପରି ପେସା କରିହେବ ସେଥିପାଇଁ ନିଜକୁ ସମର୍ପିତ କରିଥିଲେ। ୧୯୯୨ରେ ରଞ୍ଜିତାଙ୍କୁ ରାଇମୋହନ ଆମଫୋଇ ସଂସ୍ଥାରେ ବିବାହ କରିଥିଲେ। ନିଜର ଦୁଇ ଝିଅ ତଥା ପରିବାରକୁ ସେ ନିଜ ଜୀବନଠାରୁ ଅଧିକ ଭଲ ପାଉଥିଲେ। ମଣିଷ ଅନେକ କଥା ଚିନ୍ତା କରେ, ହେଲେ ସବୁ କଥା ପୂରଣ ହୁଏନା। ସେମିତି ଅଧା ବାଟରେ ତାଙ୍କର ଅନେକ ସ୍ୱପ୍ନ ଅଧୁରା ରହିଗଲା। ରାଇମୋହନଙ୍କର ଗୋଟିଏ ଖାସ୍ ଗୁଣ ଥିଲା, ସେ କଦାପି ନିଜ ଘର କଥାକୁ ବାହାରେ ପ୍ରକାଶ କରନ୍ତି ନାହିଁ।

ରାଇମୋହନ ଖଳ ଚରିତ୍ରରେ ଅବତୀର୍ଣ୍ଣ ହେଉଥିଲେ ମଧ୍ୟ ସେ ଜଣେ ସଫଳ ବ୍ୟକ୍ତିତ୍ୱ। ସେ ସବୁବେଳେ ହସଖୁସି ମଧ୍ୟରେ ନିଜକୁ ହଜାଇ ରଖୁଥିଲେ। ହେଲେ ନୀରବତା ମଧ୍ୟରେ ସବୁକୁ ନେଇ ସେ ଆଗେଇ ଚାଲିଥିଲେ। କାହା ସହ ଦେଖାହେଲେ ହସ ହସ ମୁହଁରେ 'କେମିତି ଅଛ' ବୋଲି ପଚାରନ୍ତି। ଆଉ ଯାହାକୁ ଦେଖିଲେ ତାଙ୍କୁ ଆପ୍ୟାୟିତ ନ କରି ଛାଡ଼ନ୍ତି ନାହିଁ। ଚଳିତମାସ ୨୪ ତାରିଖ ଶୁକ୍ରବାର ମଧ୍ୟାହ୍ନରେ ରାଇମୋହନଙ୍କ ଆତ୍ମହତ୍ୟା ଖବର ବିଜୁଳି ବେଗରେ ସାରା ରାଜ୍ୟରେ ପ୍ରଚାରିତ ହୋଇଯାଇଥିଲା। କେବଳ ତାଙ୍କର ଅଗଣିତ ପ୍ରଶଂସକ ନୁହନ୍ତି, ସମଗ୍ର ଓଡ଼ିଶାବାସୀଙ୍କୁ ଏହି ଦୁଃଖଦ ଖବର ମର୍ମାହତ କରିଥିଲା। ତାଙ୍କର ମୃତ୍ୟୁକୁ ନେଇ ଏବେ ବି ସନ୍ଦେହର କୁହେଳିକା କୁହୁଳୁଛି। ପୋଷ୍ଟମର୍ଟମ ରିପୋର୍ଟରେ ଶ୍ୱାସରୁଦ୍ଧ ଯୋଗୁ ରାଇମୋହନଙ୍କ ମୃତ୍ୟୁ ହୋଇଛି ବୋଲି ଉଲ୍ଲେଖ କରାଯାଇଛି। ହେଲେ ତାଙ୍କର ମୃତ୍ୟୁ ପଛରେ କି କାରଣ ରହିଛି ତାହା ଏବେ ବି ସନ୍ଦେହ ଘେରରେ।

ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ଜଣେ ପ୍ରସିଦ୍ଧ କଳାକାରଙ୍କ ଆତ୍ମହତ୍ୟା କଥା ଖରାପ ପରମ୍ପରା ସୃଷ୍ଟି କଲା। ମୃତ୍ୟୁ ପୂର୍ବରୁ ସେ ନିଜ ଚକ୍ଷୁଦାନ କରିବାକୁ କହି ଯାଇଥିଲେ, ଯାହା ମଧ୍ୟ ସମ୍ପାଦିତ ହୋଇଛି। ଓଡ଼ିଆ ସିନେମା ହେଉ କି ମଞ୍ଚ ଅବା ଅପେରା ଦୁନିଆରେ ରାଇମୋହନଙ୍କ ସ୍ଥାନ ଅପୂରଣ ରହିଛି। ତାଙ୍କର ଆତ୍ମା ଶାନ୍ତିରେ ରହୁ-ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।

- ଦିଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଜୁନ୍ ୩୦/୨୦୨୨ Sambalpur, Thursday, June 30/ 2022

## ପ୍ରଥମ ରାଉଣ୍ଡରୁ ସେରେନା ବିଦା



**ଲଣ୍ଡନ, ୨୯।୬:** ସାତଥର ଚାମ୍ପିୟନ ସେରେନା ୱିଲିୟମ୍ସ ଚଳିତ ୱିମ୍ବେଲଡନ ଓପନ୍‌ର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। କ୍ରମାଗତ ଦ୍ୱିତୀୟଥର ପାଇଁ ସେ ଏହି ଗ୍ରାସ୍‌କୋର୍ଟ ଗ୍ରାଣ୍ଡସ୍ଲାମର ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ସେଣ୍ଟର କୋର୍ଟ ଏପିକ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ତାଙ୍କୁ ୫-୭, ୬-୧, ୬-୭(୯/୭) ସେଟ୍‌ରେ ବିଶ୍ୱର ୧୧୫ତମ ର୍‍ୟାଙ୍କଧାରୀ ଫ୍ରାନ୍ସର ହାରମୋନି ଟାନ ହରାଇ ଦେଇଛନ୍ତି। ପ୍ରଥମ ସେଟ୍ ହାରିବା ପରେ ଦ୍ୱିତୀୟ ସେଟ୍‌କୁ ଏକତରଫା ଭାବେ ଜିତି ନେଇଥିଲେ ସେରେନା। ନିର୍ଣ୍ଣାୟକ ତୃତୀୟ ସେଟ୍‌ର ଫଳାଫଳ ପାଇଁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ୪୦ ବର୍ଷୀୟ ଆମେରିକୀୟ କିମ୍ବଦନ୍ତୀ ୪-୦ର ଅଗ୍ରଣୀ ହାସଲ କରିଥିଲେ। କିନ୍ତୁ କଦାପି ୱିମ୍ବେଲଡନର ମୁଖ୍ୟ ପର୍ଯ୍ୟାୟରେ ଖେଳି ନ ଥିବା ଟାନ ଟାଇବ୍ରେକରକୁ ୯-୭ ବ୍ୟବଧାନରେ ଜିତି ନେଇଥିଲେ।

# ରୋହିତ ଓହରିଲେ, ବୁମ୍‌ରା ଅଧିନାୟକ

**ନୂଆଦିଲ୍ଲୀ, ୨୯।୬ (ପି.ଟି.)**

କୋଭିଡ୍-୧୯ରୁ ସୁସ୍ଥ ହୋଇ ନ ଥିବାରୁ ଟିମ୍ ଇଣ୍ଡିଆର ନିୟମିତ ଅଧିନାୟକ ରୋହିତ ଶର୍ମା ବର୍ମିଂହାମ୍‌ରେ ହେବାକୁଥିବା ଇଂଲଣ୍ଡ ବିପକ୍ଷ ୫ମ କ୍ରିକେଟ ଟେଷ୍ଟରୁ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରାଙ୍କୁ ଅଧିନାୟକଭାର ପ୍ରଦାନ କରାଯାଇଛି। ଭାରତୀୟ କ୍ରିକେଟ ଇତିହାସରେ ଦୀର୍ଘ ୩୫ ବର୍ଷ ବ୍ୟବଧାନରେ ଜଣେ ଦ୍ରୁତ ବୋଲର ଟେଷ୍ଟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଶେଷ ଦ୍ରୁତ ବୋଲରଭାବେ କପିଳ ଦେବ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଥିଲେ। ୧୯୮୭ରେ ତାଙ୍କୁ ଅଧିନାୟକ ପଦରୁ ଅବ୍ୟାହତି ଦିଆଯାଇଥିଲା। ସେବେଠାରୁ ଆଉ କୌଣସି ଦ୍ରୁତ ବୋଲର ଭାରତୀୟ ଦଳର ନେତୃତ୍ୱଭାର ପାଇ ନ ଥିଲେ। ‘‘ଜୁଲାଇ ୧ରୁ ଆରମ୍ଭ ହେବାକୁ ଯାଉଥିବା ଟେଷ୍ଟ ମ୍ୟାଚରୁ ରୋହିତ ଓହରି ଯାଇଛନ୍ତି। ବୁଧବାର ଦ୍ୱିତୀୟ ଥର ପାଇଁ ଅନୁଷ୍ଠିତ ଆରଟି-ପିସିଆର୍ ଟେଷ୍ଟ ପଜିଟିଭ୍ ଆସିଛି। ସେ ଏବେ ମଧ୍ୟ ଆଇସୋଲେଶନରେ ଅଛନ୍ତି। ଲୋକେଶ ରାହୁଲଙ୍କ ଅନୁପସ୍ଥିତିରେ ଦଳର ଉପ-ଅଧିନାୟକ ମନୋନୀତ ହୋଇଥିବା ବୁମ୍‌ରା ଏବେ ଅଧିନାୟକ ଦାୟିତ୍ୱ ତୁଲାଇବେ’’ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।





ଏଜବାଷ୍ଟନ ଗ୍ରାଉଣ୍ଡରେ ବୁଧବାର ଅଭ୍ୟାସ ଅବସରରେ ଯଶପ୍ରୀତ୍ ବୁମ୍‌ରା ଓ ଚେତେଶ୍ୱର ପୂଜାରା।

**ବର୍ମିଂହାମ୍ ଟେଷ୍ଟ**

**ଦେଶର ୩୬ତମ କ୍ରିକେଟର**

୧୯୩୨ ମସିହାରୁ ଭାରତ ଟେଷ୍ଟ କ୍ରିକେଟ ଖେଳି ଆସୁଥିବାବେଳେ ଦେଶର ୩୬ତମ କ୍ରିକେଟରଭାବେ ବୁମ୍‌ରା ଟିମ୍ ଇଣ୍ଡିଆର ନେତୃତ୍ୱ ନେବେ। ୨୯ ଟେଷ୍ଟରୁ ୧୨୩ ଉଇକେଟ ନେଇ ସାରିଥିବା ଏହି ଗୁଜରାଟ ପେସର ସମ୍ପ୍ରତି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫାଷ୍ଟବୋଲରଭାବେ ପରିଚିତ ହେଉଛନ୍ତି। ବୁମ୍‌ରାଙ୍କୁ ଭବିଷ୍ୟତର ଅଧିନାୟକଭାବେ ଦେଖାଯାଉଛି ବୋଲି ଜାତୀୟ ଚୟନ କମିଟି ଅଧ୍ୟକ୍ଷ ଚେତନ ଶର୍ମା ପୂର୍ବରୁ ସୂଚନା ଦେଇ ସାରିଥିଲେ। ପାକିସ୍ତାନ ଭଳି ଭାରତରେ ସାଧାରଣତଃ ଫାଷ୍ଟ ବୋଲରଙ୍କୁ ଅଧିନାୟକ ମନୋନୀତ କରାଯାଇ ନ ଥାଏ। ବିଶ୍ୱର ଅନ୍ୟତମ ସଫଳ ଅଧିନାୟକ ଇମ୍ରାନ ଖାଁ, ଓ୍ୱାସିମ ଆକ୍ରମ ଓ ଓ୍ୱାକର ୟୁନୁସଙ୍କ ଭଳି ଖେଳାଳି ପାକିସ୍ତାନ ଜାତୀୟ ଦଳର ନେତୃତ୍ୱ ନେଇ ପ୍ରତିଷ୍ଠିତ ହୋଇଛନ୍ତି। କର୍ଟନି ଓ୍ୱାଲ୍ସ ଦୀର୍ଘଦିନଧରି ଓ୍ୱେଷ୍ଟଇଣ୍ଡିଜ ଦଳର ଅଧିନାୟକ ରହିଥିବାବେଳେ ବିଶ୍ୱର ନମ୍ବର ଓ୍ୱାନ ପ୍ୟାଟ୍ କମିନ୍ସ ଏବେ ଅଷ୍ଟ୍ରେଲିଆ ଟେଷ୍ଟ ଦଳର ନେତୃତ୍ୱ ନେଉଛନ୍ତି।

**ଓପନ କରିପାରନ୍ତି ପୂଜାରା**

ରୋହିତଙ୍କ ଅନୁପସ୍ଥିତିରେ ଶୁବମନ ଗିଲ୍‌ଙ୍କ ସହ ଚେତେଶ୍ୱର ପୂଜାରା ଇନିଂସ ଓପନ କରିବା ଯଥେଷ୍ଟ ସମ୍ଭାବନା ରହିଛି। ମୟଙ୍କ ଅଗ୍ରୱାଲଙ୍କୁ ଯଦିଓ ଡାକରା ଦିଆଯାଇଛି ତେବେ ବର୍ତ୍ତମାନ ସ୍ଥିତିରେ ସେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ଆଶା କମ୍। ହନୁମା ବିହାରୀଙ୍କ ପାଇଁ ମଧ୍ୟ ସାମାନ୍ୟ ସୁଯୋଗ ରହିଛି। ୨୦୧୮ରେ ଭାରତୀୟ ଦଳର ଅଷ୍ଟ୍ରେଲିଆ ଗସ୍ତରେ ସେ ଏହି ଦାୟିତ୍ୱ ତୁଲାଇଥିଲେ। ତେବେ ଓପନିଂ ସ୍ଥାନ ପାଇଁ ପୂଜାରା ଫେଭରାଇଟ ଅଛନ୍ତି। ପୂଜାରା ଓ ଗିଲ୍‌ଙ୍କ ସମେତ ବିରାଟ କୋହଲି, ଶ୍ରେୟାସ ଆୟାର, ହନୁମା ଓ ରିଷଭ ପନ୍ତଙ୍କୁ ସ୍ପେଶାଲିଷ୍ଟ ବ୍ୟାଟରଭାବେ ବିବେଚନା କରାଯାଉଛି। ଭାରତ ଆଗାମୀ ମ୍ୟାଚରେ ଶାର୍ଦ୍ଦୁଳ ଠାକୁରଙ୍କୁ ୪ର୍ଥ ଫାଷ୍ଟ ବୋଲିଂ ଅଲ୍‌ରାଉଣ୍ଡରଭାବେ ଖେଳାଇବ ନା ରବୀନ୍ଦ୍ର ଜାଡେଜାଙ୍କ ସହିତ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଦ୍ୱିତୀୟ ସ୍ପିନରଭାବେ ଦଳରେ ନେବ ତାହା ଦେଖିବାର ଅଛି। ବୁମ୍‌ରାଙ୍କ ସହ ମହମ୍ମଦ ଶାମି ଓ ମହମ୍ମଦ ସିରାଜ ଦ୍ରୁତ ବୋଲିଂ ବିଭାଗ ଚ୍ୟାଲେଞ୍ଜ ସମ୍ଭାଳିବେ।

**୩ଟି ଲେଖାଏ ଟି୨୦ ଓ ଦିନିକିଆ**

ଟେଷ୍ଟ ମ୍ୟାଚ ପରେ ଭାରତ ଓ ଇଂଲଣ୍ଡ ପରସ୍ପର ସହିତ ୩ଟି ଲେଖାଏ ଟି୨୦ ଓ ଦିନିକିଆ ଖେଳିବେ। ବର୍ମିଂହାମ୍ ଟେଷ୍ଟ ଜୁଲାଇ ୫ରେ ଶେଷ ହେଉଥିବାବେଳେ ପ୍ରଥମ ଟି୨୦ ସାଉଥମ୍ପଟନଠାରେ ଜୁଲାଇ ୭ ତାରିଖରେ ଖେଳାଯିବ। ତେଣୁ ଟେଷ୍ଟ ଖେଳିଥିବା ତାରକା ଖେଳାଳିଙ୍କ ପାଇଁ ୩ ଦିନ ରିକୋଭରି ପିରିୟଡ ରଖିବା ଲାଗି ଚୟନ କମିଟି ନିଷ୍ପତ୍ତି ନେଇଛି। ଏ କ୍ଷେତ୍ରରେ ଆୟର୍ଲାଣ୍ଡ ବିପକ୍ଷରେ ଟି୨୦ ସିରିଜ ଖେଳିଥିବା ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଟି୨୦ ଖେଳିବ। ଦ୍ୱିତୀୟ ଟି୨୦ ବେଳକୁ ଫିଟ୍‌ଥିଲେ ରୋହିତ, କୋହଲି, ବୁମ୍‌ରା, ପନ୍ତ ଓ ଜାଡେଜା ପ୍ରମୁଖ ଉପଲବ୍ଧ ହେବେ। ତେବେ ଆୟର୍ଲାଣ୍ଡ ବିପକ୍ଷରେ ଖେଳିଥିବା ଅଧିକାଂଶ ଖେଳାଳି ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜ ଶେଷ ପର୍ଯ୍ୟନ୍ତ ସେଠାରେ ରହିବେ।

## ସିନ୍ଧୁ, କଶ୍ୟପ ଆଗେଇଲେ



ଶଟ୍ ଖେଳିବା ଅବସରରେ ପି.ଭି. ସିନ୍ଧୁ।

**ମାଲେସିଆ ଓପନ**

**କୁଆଲାଲମ୍ପୁର, ୨୯।୬:** ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନର ଦୁଇ ତାରକା ପି ଭି ସିନ୍ଧୁ ଓ ସାଇନା ନେହ୍ୱାଲଙ୍କୁ ଏଠାରେ ଚାଲିଥିବା ମାଲେସିଆ ଓପନ ସୁପର ୭୫୦ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ବିପରୀତ ଫଳାଫଳ ମିଳିଛି। ସାଇନା ପରାଜୟ ସହ ବିଦାୟ ନେଇଥିବା ବେଳେ ସିନ୍ଧୁ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୂର୍ବତନ ବିଶ୍ୱ ଚାମ୍ପିୟନ ସିନ୍ଧୁ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ବିଶ୍ୱର ୧୦ମ ର୍‍ୟାଙ୍କ ଥାଇଲାଣ୍ଡର ପର୍ନପାୱି ଚୋଚୁଓ୍ୱଙ୍ଗଙ୍କୁ ୨୧-୧୩, ୨୧-୧୭ ଗେମ୍‌ରେ ହରାଇ ଦେଇଛନ୍ତି। କିନ୍ତୁ ଲଣ୍ଡନ ଅଲିମ୍ପିକ୍ ବ୍ରୋଞ୍ଜ ପଦକଧାରୀ ସାଇନା ଆମେରିକାର ଆଇରିସ ଓ୍ୱାଙ୍ଗଙ୍କଠାରୁ ପରାସ୍ତ ହୋଇଛନ୍ତି। ୩୩ତମ ର୍‍ୟାଙ୍କଧାରୀ ଓ୍ୱାଙ୍ଗ ୨୧-୧୧, ୨୧-୧୭ ଗେମ୍‌ରେ ଜିତି ନେଇଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ମାତ୍ର ୩୭ ମିନିଟ୍ ଲାଗିଥିଲା। ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ତଥା ସାଇନାଙ୍କ ସ୍ୱାମୀ ପାରୁପଲି କଶ୍ୟପ ବିଜୟ ସହ କୋର୍ଟକୁ ଫେରିଛନ୍ତି। ସେ ୨୧-୧୨, ୨୧-୧୭ ଗେମ୍‌ରେ କୋରିଆର ହେଓ କ୍ୱାଙ୍ଗ ହିଙ୍କୁ ହରାଇ ଆଗକୁ ବଢ଼ିଛନ୍ତି। ବି ସୁମିଥ ରେଡ୍ଡୀ ଓ ଅଶ୍ୱିନୀ ପୋନାପ୍ପାଙ୍କ ମିକ୍ସଡ୍ ଡବଲ୍ସ ଯୋଡ଼ି ମଧ୍ୟ ପ୍ରଥମ ରାଉଣ୍ଡ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛି। ସପ୍ତମ ସିଡ୍ ସିନ୍ଧୁ ପରବର୍ତ୍ତୀ ମ୍ୟାଚ୍‌ରେ ଥାଇଲାଣ୍ଡର ୨୧ ବର୍ଷୀୟା ଫିଟାୟାପର୍ନ ଚାଇଓ୍ୱାନଙ୍କୁ ଭେଟିବେ। ବିଶ୍ୱ ପୁରୁଷ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ୍‌ର ୩୯ତମ ସ୍ଥାନରେ ଥିବା କଶ୍ୟପ ଥାଇଲାଣ୍ଡର କୁନଲାଭଟ ଭିଟିସର୍ନଙ୍କ ସହ ପରବର୍ତ୍ତୀ ମ୍ୟାଚ୍ ଖେଳିବେ।

## ଭାରତ ସିରିଜ ବିଜୟୀ

**ଡବଲିନ, ୨୯।୬:** ଶତକ ହାସଲକାରୀ ଦୀପକ ହୁଡା ଓ ସଞ୍ଜୁ ସାମସନଙ୍କ ରେକର୍ଡ ପାର୍ଟନରଶିପ୍ ପରେ ଲଢୁଆ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ମଙ୍ଗଳବାର ଅନୁଷ୍ଠିତ ଟି୨୦ କ୍ରିକେଟ ମ୍ୟାଚରେ ଭାରତଠାରୁ ମାତ୍ର ୪ ରନରେ ପରାଜିତ ହୋଇଛି। ଘରୋଇ ଦଳର ସାହସିକ ପ୍ରଦର୍ଶନ ଯୋଗୁ ଟି୨୦ରେ ୨୨୫ ରନ ମଧ୍ୟ ମାମୁଲି ମନେ ହୋଇଥିଲା। ବିଜୟ ପାଇଁ ଶେଷ ବଲ୍‌ରୁ ଏକ ଛକା ଆବଶ୍ୟକ କରୁଥିଲା ଆୟର୍ଲାଣ୍ଡ। ମାତ୍ର ଉମ୍ରାନ ମଲିକ ଘଣ୍ଟାକୁ ୧୪୨ କିଲୋମିଟର ବେଗରେ ବୋଲିଂ କରିଥିବା ବଲ୍‌ରୁ ମାର୍କ ଆଡେର ମାତ୍ର ୧ ରନ କରି ପାରିଥିଲେ। ଫଳରେ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭାରତ ବିଜୟୀ ହେବାରେ ସକ୍ଷମ ହେଲା। ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୨୨୫ ରନ କରିଥିବାବେଳେ ଆୟର୍ଲାଣ୍ଡ ୨୦ ଓଭରରେ ୫ ଉଇକେଟ ହରାଇ ୨୨୧ ରନରେ ପହଞ୍ଚି ଯାଇଥିଲା। ଏଠାରେ ବିଜୟ ସହ ୨ ମ୍ୟାଚ ବିଶିଷ୍ଟ ସିରିଜକୁ ଭାରତ କ୍ଲିନ୍ ସୁଇପ୍ କରିଛି।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୨୫/୭ (ଦୀପକ ହୁଡା-୧୦୪, ସଞ୍ଜୁ ସାମସନ-୭୭, ମାର୍କ ଆଡେର-୩/୪୨, ଜୋଶୁଆ ଲିଟଲ-୨/୩୮, କ୍ରେଗ୍ ୟଙ୍ଗ-୨/୩୫)। ଆୟର୍ଲାଣ୍ଡ ୨୦ ଓଭରରେ ୨୨୧/୫ (ପଲ୍ ଷ୍ଟର୍ଲିଂ-୪୦, ଆଣ୍ଡ୍ରୁ ବଲ୍‌ବିର୍ନି-୬୦, ହ୍ୟାରୀ ଟେକ୍ଟର-୩୯, ଜର୍ଜ ଡକ୍‌ରେଲ-୩୪, ମାର୍କ ଆଡେର-୨୩, ଭୁବନେଶ୍ୱର କୁମାର-୧/୪୬, ହର୍ଷଲ ପଟେଲ-୧/୫୪, ରବି ବିଷ୍ଣୋଇ-୧/୪୧, ଉମ୍ରାନ ମଲିକ-୧/୪୨)।

## ଭାରତୀୟ ମହିଳା ଭଲିବଲ ଦଳକୁ ରୌପ୍ୟ

**ଭୁବନେଶ୍ୱର, ୨୯।୬ (କ୍ରୀଡ଼ା ପ୍ରତିନିଧି):** ଥାଇଲାଣ୍ଡର ନାଖୋନ ପାଥୋମଠାରେ ଅନୁଷ୍ଠିତ ୨୧ତମ ପ୍ରିନ୍ସେସ କପ୍ ଏବଂ ୩ୟ ଏଭିସି ମହିଳା ଚ୍ୟାଲେଞ୍ଜ୍ କପ୍‌ରେ ଭାରତୀୟ ସିନିୟର ଭଲିବଲ ଦଳ ପ୍ରଥମଥର ପାଇଁ ରୌପ୍ୟ ପଦକ ହାସଲ କରିଛି। ରାଉଣ୍ଡ ରବିନ ଭିତ୍ତିରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାରତ ଓ ହଂକଂ ନିର୍ଦ୍ଧାରିତ ସମୟ ମଧ୍ୟରେ ୧୧ ପଏଣ୍ଟ ଲେଖାଏ ପାଇଥିଲେ। ତେବେ ଉନ୍ନତ ପଏଣ୍ଟ ସମୀକରଣ ଭିତ୍ତିରେ ଭାରତ ଫାଇଦାରେ ରହିଥିଲା। ଅନ୍ତିମ ଲଢ଼େଇରେ ଥାଇଲାଣ୍ଡକୁ ଭାରତ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ମାତ୍ର ଟାଇବ୍ରେକରରେ ଥାଇଲାଣ୍ଡ ବିଜୟୀ ହେବା ସହ ପ୍ରିନ୍ସେସ କପ୍ ବିଜୟୀ ହୋଇଥିଲା। ଭାରତୀୟ ଦଳରେ ଓଡ଼ିଶାର ଆଞ୍ଜେଲ ଯୋଶେଫ ସାମିଲ ଥିଲେ। କୋଚ୍ ଥିଲେ ପ୍ରୀତମ୍ ସିଂ ଚୌହାନ। ଟୁର୍ନାମେଣ୍ଟକୁ ଯିବା ପୂର୍ବରୁ ଭାରତୀୟ ଦଳର କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଲଢୁଆ ପ୍ରଦର୍ଶନ ପାଇଁ ଭାରତୀୟ ଦଳକୁ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ଭିଏଫ୍‌ଆଇ ସଭାପତି ଅଚ୍ୟୁତ ସାମନ୍ତଙ୍କ ସହ ରୌପ୍ୟ ବିଜୟୀ ଭାରତୀୟ ସିନିୟର ମହିଳା ଭଲିବଲ ଦଳ।

## ଶ୍ରୀଲଙ୍କା ୨୧୨ ; ଅଷ୍ଟ୍ରେଲିଆ ୯୮/୩

**ଗାଲେ, ୨୯।୬:** ସ୍ଥାନୀୟ ଗାଲେ ଅନ୍ତର୍ଜାତୀୟ ଷ୍ଟାଡିୟମରେ ବୁଧବାରଠାରୁ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଶ୍ରୀଲଙ୍କା ୨୧୨ ରନ୍‌ରେ ସୀମିତ ରହିବା ପରେ ଅଷ୍ଟ୍ରେଲିଆ ପ୍ରଥମ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୩ ଉଇକେଟ ହରାଇ ୯୮ ରନ୍ କରିଛି। ଦଳକୁ ଇନିଂସ ଅଗ୍ରଣୀ ପାଇଁ ୧୧୪ ରନ୍ ଦରକାର ଥିବା ବେଳେ ହାତରେ ୭ ଉଇକେଟ ରହିଛି। ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଘରୋଇ ଶ୍ରୀଲଙ୍କା ଆରମ୍ଭରୁ ହିଁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା।ଅଷ୍ଟ୍ରେଲିଆ ପକ୍ଷରୁ ନାଥନ ଲିଓନ ୫ ଉଇକେଟ ସଫଳତା ହାସଲ କରିଥିଲେ। ମିଚେଲ ସ୍ୱେପସନ ୩ଟି ଉଇକେଟ ନେଇଥିଲେ।

## କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ



ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋରେ ଚାମ୍ପିୟନ କିଟ୍ ବିଶ୍ୱବିଦ୍ୟାଳୟ ଦଳ।

**ଭୁବନେଶ୍ୱର, ୨୯।୬ (କ୍ରୀଡ଼ା ପ୍ରତିନିଧି)**

**ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ**

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନକ୍ରମେ କିଟ୍ ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ ଚାମ୍ପିୟନଶିପ୍ ବୁଧବାର ଶେଷ ହୋଇଛି। ଏଥିରେ ଆୟୋଜକ କିଟ୍ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ଉତ୍ତର ପ୍ରଦେଶ ଜଉନପୁରର ବୀର ବାହାଦୁର ସିଂ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ୩ୟ ଏବଂ ପଶ୍ଚିମବଙ୍ଗର ୟୁନିଭର୍ସିଟି ଅଫ୍ କଲ୍ୟାଣୀ ୪ର୍ଥ ସ୍ଥାନ ଅଧିକାର କରିଛି। କର୍ଣ୍ଣାଟକର ମହୀଶୂର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜୁଲାଇ ୫ରୁ ୭ ପର୍ଯ୍ୟନ୍ତ ହେବାକୁଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଖୋ ଖୋ (ମହିଳା) ଚାମ୍ପିୟନଶିପ୍ ପାଇଁ ଏହି ୪ ଦଳ ଯୋଗ୍ୟତା ଅର୍ଜନ କରିଛନ୍ତି।

## ଅଲ୍‌ଟିମେଟ ଖୋ ଖୋରେ ବାଦ୍‌ଶାହା ଓ ପୁନିତ

**ଭୁବନେଶ୍ୱର, ୨୯।୬(କ୍ରୀଡ଼ା ପ୍ରତିନିଧି)**

ଜଣାଶୁଣା ଚଳଚ୍ଚିତ୍ର ନିର୍ମାତା, ଡେଭେଲପର ତଥା କ୍ରୀଡ଼ାପ୍ରେମୀ ପୁନିତ ବାଲାନଙ୍କ ସହିତ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ରେ ମୁମ୍ବାଇ ଫ୍ରାଞ୍ଚାଇଜ୍‌ରେ ସହ-ମାଲିକ ଭାବେ ଯୋଗଦେଇଛନ୍ତି ବଲିଉଡ୍‌ର ଲୋକପ୍ରିୟ ଗାୟକ ବାଦ୍‌ଶାହା। ଚଳିତ ବର୍ଷ ଶେଷଭାଗରେ ହେବାକୁ ଥିବା ଅଲ୍‌ଟିମେଟ ଖୋ ଖୋର ପ୍ରଥମ ସଂସ୍କରଣ ପାଇଁ ମୁମ୍ବାଇଭିତ୍ତିକ ଦଳ ଏହାର ଟିମ୍ ଲାଇନ୍ ଅପ୍ ଶେଷ କରିଛି। ରାପର ବାଦ୍‌ଶାହା ତାଙ୍କ ପ୍ରଥମ ସ୍ପୋର୍ଟ୍ସ ଭେଞ୍ଚର ସମ୍ପର୍କରେ କହିଛନ୍ତି ଯେ, ମୋ ମା’ କଲେଜ ସମୟରେ ଖୋ ଖୋ ଖେଳୁଥିଲେ। ତେଣୁ ଏହି ଖେଳ ତାଙ୍କ ହୃଦୟର ଖୁବ୍ ନିକଟତର। ପୂର୍ବ ମଧୁର ସ୍ମୃତି ଏବଂ ବ୍ୟକ୍ତିଗତ ସଂଯୋଗ ତାଙ୍କୁ ଅଲଟିମେଟ ଖୋ ଖୋର ଏକ ଅଂଶ ହେବା ପାଇଁ ଉତ୍ସାହିତ କରିଛି। ସେହିପରି ମୁମ୍ବାଇ ଫ୍ରାଞ୍ଚାଇଜ୍‌ର ସହ ମାଲିକ ବାଲାନ କହିଛନ୍ତି ଯେ, ‘‘ଆପଣ ଯେଉଁଥିରେ ବି ଉନ୍ନତି ଚାହୁଁଥାଆନ୍ତୁନା କାହିଁକି ସେଥିପାଇଁ ଠିକ୍ ପ୍ରୟାସ ଆବଶ୍ୟକ। ପୂର୍ବରୁ ସ୍ପୋର୍ଟ୍ସର ବିକାଶ ପାଇଁ ମୁଁ ଲିଗ୍ ସହ ଜଡ଼ିତ ହୋଇଛି ଏବଂ ବର୍ତ୍ତମାନ ଅଲଟିମେଟ ଖୋ ଖୋ ସହିତ ଯୋଡ଼ିହୋଇ ଖୋ ଖୋର ସଫଳ ଯାତ୍ରାରେ ସାମିଲ ହେବାକୁ ଯାଉଛି।’’ ଅଲଟିମେଟ ଖୋ ଖୋର ସିଇଓ ତେଜିଂ ନିୟୋଗି କହିଛନ୍ତି ଯେ, ୬ଷ୍ଠତମ ଫ୍ରାଞ୍ଚାଇଜ୍ ଭାବେ ବାଦ୍‌ଶାହା ଏବଂ ପୁନିତଙ୍କୁ ସହ-ମାଲିକ ରୂପେ ଆମେ ସ୍ୱାଗତ କରୁଛୁ। ବିଭିନ୍ନ କର୍ପୋରେଟ୍ ହାଉସ୍ ସହ ଓଡ଼ିଶା ସରକାରଙ୍କ ସମର୍ଥନ ଏବଂ ଏବେ ମନୋରଞ୍ଜନ କ୍ଷେତ୍ରର ଦୁଇ ଲୋକପ୍ରିୟ ନାମ ଯୋଡ଼ିହେବା ଏହି ଲିଗ୍‌ର ପୋଜିଶନକୁ ସୂଚାଉଛି। ପ୍ରକାଶଯୋଗ୍ୟ, ଏହି ଲିଗ୍‌ରେ ପୂର୍ବରୁ ଓଡ଼ିଶା ସରକାରଙ୍କ ସହିତ ଆର୍ସେଲର ମିତ୍ତଲ, ନିପନ ଷ୍ଟିଲ, ଆଦାନୀ ଗ୍ରୁପ୍, ଜିଏମ୍‌ଆର ଗ୍ରୁପ୍, କାପ୍ରି ଗ୍ଲୋବାଲ ଏବଂ କେଏଲଓ ସ୍ପୋର୍ଟ ପ୍ରମୁଖ ସାମିଲ ହୋଇଛନ୍ତି।

## ଟେଷ୍ଟରେ ଡେର୍ଲି, ବ୍ଲୁଣ୍ଡେଲଙ୍କୁ ଶ୍ରେଷ୍ଠ ମାନ୍ୟତା

**ଦୁବାଇ, ୨୯।୬(ପି.ଟି.)**

ଆଇସିସି ପକ୍ଷରୁ ବୁଧବାର ଟେଷ୍ଟ ଖେଳାଳିଙ୍କ ର୍‍ୟାଙ୍କିଙ୍ଗ୍ସ ପ୍ରକାଶ ପାଇଛି। ବ୍ୟାଟରଙ୍କ ଟପ୍-୧୦ ତାଲିକାରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ବେଳେ ନ୍ୟୁଜିଲାଣ୍ଡର ଡେର୍ଲି ମିଚେଲ ଓ ଟମ୍ ବ୍ଲୁଣ୍ଡେଲ କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା ହାସଲ କରିଛନ୍ତି। ଇଂଲଣ୍ଡ ବିପକ୍ଷ ଅନ୍ତିମ ତଥା ତୃତୀୟ ଟେଷ୍ଟରେ ମିଚେଲ ଉଭୟ ଇନିଂସରେ ଯଥାକ୍ରମେ ୧୦୯ ଓ ୫୬ ରନ୍ କରିଥିଲ, ଯାହାଫଳରେ ସେ ପୂର୍ବାପେକ୍ଷା ୪ ସ୍ଥାନ ଉପରକୁ ଉଠି ୧୨ତମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ୫୫ ଓ ଅପରାଜିତ ୮୮ ରନ୍ କରିଥିବା ବ୍ଲୁଣ୍ଡେଲ ୧୧ ସୋପାନ ଉପରକୁ ଉଠି ୨୦ତମ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ବ୍ୟାଟର ଜନି ବେଆରଷ୍ଟୋ ୪୧ରୁ ୨୧ତମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ସେ ଅନ୍ତିମ ଟେଷ୍ଟରେ ୧୬୨ ଓ ଅପରାଜିତ ୭୧ ରନ୍ କରିଥିଲେ। ବୋଲରଙ୍କ ମଧ୍ୟରେ ନ୍ୟୁଜିଲାଣ୍ଡର ନିଲ ଓ୍ୱାଗ୍‌ନର ନବମରୁ ୧୦ମ ସ୍ଥାନକୁ ଖସିଥିବାବେଳେ ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍ (୧୪ରୁ ୧୩) ଓ ଜ୍ୟାକ୍ ଲିଚ୍ (୩୮ରୁ ୨୫)ଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉଲ୍ଲେଖନୀୟ ଉନ୍ନତି ଆସିଛି। ଅଲ୍‌ରାଉଣ୍ଡରଙ୍କ ମଧ୍ୟରେ ବାଂଲାଦେଶ ଅଧିନାୟକ ଶାକିବ ଅଲ ହାସନ ଗୋଟିଏ ସ୍ଥାନ ତଳକୁ ଖସି ୩ୟରେ ପହଞ୍ଚିଥିବା ବେଳେ ଭେଟେରାନ ରବିଚନ୍ଦ୍ରନ ଅଶ୍ୱିନ ତାଙ୍କ ସ୍ଥାନ ନେଇଛନ୍ତି।

## ଜାତୀୟ ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୯।୬ (କ୍ରୀଡ଼ା ପ୍ରତିନିଧି)**

ଜାତୀୟ ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍‌ର ୩୦ତମ ସଂସ୍କରଣ ବୁଧବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଏଥିରେ ପୋଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ମୁଖ୍ୟ ଅତିଥି, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା ସ୍ୱତନ୍ତ୍ର ଅତିଥି ଏବଂ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ଫେନ୍‌ସିଂ ଆସୋସିଏଶନ ଅଫ୍ ଇଣ୍ଡିଆର କୋଷାଧ୍ୟକ୍ଷ ବସେର ଅହମଦ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଶା ଫେନ୍‌ସିଂ ଆସୋସିଏଶନ ସମ୍ପାଦକ ଦବିନ୍ଦର କୁମାର ସାହୁ, ଟୁର୍ନାମେଣ୍ଟର ଯୁଗ୍ମ ନିର୍ଦ୍ଦେଶକ ଅଶୋକ ଧୁଧାରେ, ପୂର୍ବତନ କ୍ରୀଡ଼ାମନ୍ତ୍ରୀ ତଥା ଓଡ଼ିଶା ଫେନ୍‌ସିଂ ଆସୋସିଏଶନ ସଭାପତି ଅନଙ୍ଗ ଉଦୟ ସିଂଦେଓ ଏବଂ ଆୟୋଜକ କମିଟି ଅଧ୍ୟକ୍ଷ ହରି ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।






ଜାତୀୟ ଜୁନିୟର ଫେନ୍‌ସିଂ ଚାମ୍ପିୟନଶିପ୍ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ଉପସ୍ଥିତିରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ସମ୍ମାନିତ କରାଯାଉଛି। ଅଂଶଗ୍ରହଣକାରୀ ପ୍ରତିଯୋଗୀଙ୍କ ଶପଥ ଗ୍ରହଣ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ସାପ କାମୁଡ଼ାରେ ଯୁବକ ମୃତ

**କୋକସରା,(ଡି.ଏନ.ଏ.):** କଳାହାଣ୍ଡି ଜିଲା ଆମପାଣି ଥାନା କେନ୍ଦୁଡଙ୍ଗରୀ ଗ୍ରାମରେ ସାପ କାମୁଡ଼ାରେ ଲୋକନାଥ ପୂଝାରୀ (୩୦)ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ମଙ୍ଗଳବାର ଲୋକନାଥ ଘର ବାରଣ୍ଡାରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ଏହା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆମପାଣି ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩/୨୨) ରୁଜୁ ହୋଇଛି।

## ସଂକ୍ଷେପରେ

### ବ୍ଲକ ଛକରେ ଏଟିଏମ୍ ସ୍ଥାପନ ଦାବି

**ଲୋଇସିଂହା,୨୯।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛକ ଅଞ୍ଚଳରେ ଏକ ଏଟିଏମ ସ୍ଥାପନ ନେଇ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ବିଧାୟକ ମୁକେଶ ମହାଲିଙ୍ଗଙ୍କ ନିକଟରେ ଦାବି କରିଛନ୍ତି। ବ୍ଲକ ଛକ ଲୋଇସିଂହାର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ । ଉକ୍ତଛକ ଦେଇ ବଲାଙ୍ଗୀ-ବରଗଡ ୨୬ ନଂ ଜାତୀୟ ରାଜପଥ ଯାଇଛି । ଉକ୍ତ ଛକ ନିକଟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ରେଳଷ୍ଟେଶନ ରହିଛି । ଆନୁସଙ୍ଗିକ ସୁବିଧା ଥିବାରୁ ଲୋଇସିଂହା ରେଳଷ୍ଟେଶନ ଉପରେ ଲୋଇସିଂହା, ଆଗଲପୁର ବ୍ଲକ ସମେତ ପଡୋଶୀ ବରଗଡ ଜିଲା ଗାଇସିଲେଟ, ପଦ୍ମପୁର ଏବଂ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ଅଧିବାସୀ ନିର୍ଭର କରିଥାନ୍ତି। ହେଲେ ଉକ୍ତ ଛକରେ ଏଟିଏମ ନ ଥିବାରୁ ଯାତ୍ରୀଙ୍କ ସମେତ ଡାକ୍ତରଖାନାକୁ ଆସୁଥିବା ରୋଗୀ ପରିଜନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାତ୍ରୀ, ରୋଗୀ ଏବଂ ସାଧାରଣ ଜନତାଙ୍କ ସୁବିଧା ଦୃଷ୍ଟିରୁ ବ୍ଲକ ଛକରେ ଏଟିଏମ ସହିତ ଟଙ୍କା ଜମା ମେଶିନ ବସାଇବାକୁ ନିରଞ୍ଜନ ନାଗ, ଯଶୋବନ୍ତ ବାଦି, ରାଜ ଶିକ୍କା, ଲଳିତ ସୁନା, ପ୍ରମୋଦ ନାଗ, ପ୍ରେମରଞ୍ଜନ ମନହୀରା, ବୁଲୁ ବାଦି ପ୍ରମୁଖ ବିଧାୟକଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି।

### ଯାଦବ ସମାଜ ପକ୍ଷରୁ ଚାରାରୋପଣ

**ବଲାଙ୍ଗୀର ଅଫିସ,୨୯।୬:** ଯାଦବ ସମାଜ ପକ୍ଷରୁ ବଲାଙ୍ଗୀର ଯାଦବ ଭବନଠାରେ ଚାରାରୋପଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଛି। ପୌରାଞ୍ଚଳ ସଭାପତି ପଙ୍କଜ ସେଲମାଙ୍କ ନେତୃତ୍ୱରେ ଏକ ସଚେତନତା ସଭା କରାଯିବା ପରେ ଚାରାରୋପଣ କରାଯାଇଥିଲା। ସଭାରେ ଦୀର୍ଘ ୧୩ ବର୍ଷ ହେଲାଣି ଏହି କାର୍ଯ୍ୟକ୍ରମ କରାଯାଉଥିବା ସୂଚନା ଦିଆଯାଇଥିଲା। ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମରେ ଉପହାର ବାବଦରେ ଚାରା ପ୍ରଦାନ କରାଯିବ। ବିଭିନ୍ନ ସଭା ସମିତିରେ ମଧ ଚାରା ପ୍ରଦାନ କରାଯିବ ବୋଲି ପ୍ରସ୍ତାବ ଆଗତ ହୋଇଥିଲା । ଜୁଲାଇ ପ୍ରଥମ ସପ୍ତାହରେ ଜିଲାବ୍ୟାପୀ ଯାଦବ ସମାଜ ଆନୁକୂଲ୍ୟରେ ଚାରାରୋପଣ ଅନୁଷ୍ଠିତ ହେବ ବୋଲି କୁହାଯାଇଛି। ବୁଢ଼ା ଡଙ୍ଗର କଲେଜ ଅଧକ୍ଷ ଛବିଳ ବରର୍ତ୍ତି, ପ୍ରଧାପକ ଦିବାକର ପୋଡ, କାଉନସିଲର ହରିଶଙ୍କର ଛତ୍ରିଆ, ପୌରାଞ୍ଚଳ ସହସମ୍ପାଦକ ଅଷ୍ଟମୀ ବରର୍ତ୍ତି, ପୌରାଞ୍ଚଳ ମୁଖ୍ୟ ଉପଦେଷ୍ଟା ଦୃତିବାହନ ଚନ୍ଦନ ଓ ଘାସିରାମ ଦୀପ, ଆକୁଳ ବରର୍ତ୍ତି, ପ୍ରଶାନ୍ତ ମହାକୁର, ଜୟଦେବ ଜାଲ ଉପସ୍ଥିତ ଥିଲେ । ଜଙ୍ଗଲ ବିଭାଗର ଅର୍ଜୁନ ସାହୁ ସହଯୋଗ କରିଥିଲେ।

### ଭୂମି ପୂଜନ କାର୍ଯ୍ୟକ୍ରମ

**ନୂଆପଡ଼ା ଅଫିସ,୨୯।୬:** ନୂଆପଡା ଏନ୍‌ଏସିରେ ମୁକ୍ତା ଯୋଜନା ଦ୍ୱାରା ରୁପାନ୍ତରୀକରଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏନ୍‌ଏସି ଚ୍ୟାରମେନ ମହମ୍ମଦ ଆଦାମ ଯୋଗଦେଇ ଭୂମି ପୂଜନ କରିଥିବା ବେଳେ ଯୁବନେତା ହରିଚନ୍ଦ୍ର ପଣ୍ଡା, ମଳୟ ରଞ୍ଜନ ମଣ୍ଡଳ ଓ ଧନଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଦଳର ମହିଳାମାନେ ଉପସ୍ଥିତ ଥିଲେ। ସରକାରଙ୍କ ମୁକ୍ତା ଯୋଜନା ମାଧ୍ୟମରେ ଏନ୍‌ଏସିର ସମସ୍ତ ୱାର୍ଡରେ ପାର୍କ, ଛୋଟ ପିଲାଙ୍କ ପାଇଁ ପ୍ଲେ ଷ୍ଟେଶନ, ୱାକିଂ ପଥ, ଓପନ ଜିମ, ଭେଣ୍ଡିଂ ଜୋନ ଇତ୍ୟାଦି ନିର୍ମାଣ ହେବ।

### ମଦ ବ୍ୟବସାୟୀ ଦୋଷୀ ସାବ୍ୟସ୍ତ ପରେ ଛାଡିଦେଲେ

**ଖଡ଼ିଆଳ,୨୯।୬(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୁଲିଆସିକୁଆ ଗ୍ରାମର ଜଣେ ବ୍ୟକ୍ତି ବେଆଇନ ମଦ ବିକ୍ରୟ କରୁଥିବା ଅଭିଯୋଗ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡ ପାଇବା ଜିଲାର ପ୍ରଥମ ଘଟଣା ବୋଲି ଜଣାପଡ଼ିଛି। ମୁଦାଲା ଜଣେ ୭୦ ବର୍ଷିଆ ବ୍ୟକ୍ତି ହୋଇଥିବାରୁ ତାଙ୍କୁ (ପିଓ) ପ୍ରବେନଶବ ଅଫ ଅଫେଣ୍ଡର ଆଇନ ଅନୁଯାୟୀ ଛାଡି ଦିଆଯାଇଛି। ଜେଏମଏଫସି କୋର୍ଟ ଖଡ଼ିଆଳ ସୂତ୍ରରୁ ପ୍ରକାଶ ଯେ, ଗତ ୨୭।୯।୨୦୧୫ରେ ଭୁଲିଆସିକୁଆ ଗ୍ରାମର ଚୂଡାମଣି ଶବର (୭୦) ରାସ୍ତା ପାର୍ଶ୍ୱରେ ମଦ ବିକ୍ରୟ କରୁଥିଲେ। ପୋଲିସ ଚଢ଼ାଉ କରି ତାଙ୍କଠାରୁ ୫୦୦ ଗୋଟି ମଦ ପାଉଚ (ଏକ ଶହ ଲିଟର) ମଦ ଜବତ କରିଥିଲା। ଅବକାରୀ ଆଇନ ବିହାର ଓ ଓଡ଼ିଶା ଅନୁଯାୟୀ ମାମଲା (ନଂ.୩୫୬/୧୫) ରୁଜୁ କରିଥିଲା। ୧୨ଜଣ ସାକ୍ଷୀଙ୍କ ବୟାନ ଭିତ୍ତିକରି ଜେଏମ୍‌ଏଫ୍‌ସି କୋର୍ଟ ବିଚାରପତି ରୀତି ତ୍ରିପାଠୀ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ଅବକାରୀ ମାମଲାକୁ କେତର ଏପିପି ଅକମଲ ସାରିଫ ପରିଚାଳନା କରିବା ବେଳେ ମଦ ବିକ୍ରି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜିଲାର ପ୍ରଥମ ଘଟଣା ବୋଲି କୋର୍ଟ ସୂତ୍ରରୁ ପ୍ରକାଶ।

# ବାଇପାସ୍ ରାସ୍ତା ନିର୍ମାଣ ଦାବି ତେଜିଲା

**ଲାଠୋର, ୨୯।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ଼ ରେଳ ଫାଟକ ନିକଟରେ ବାଇପାସ୍ ରାସ୍ତା ନିର୍ମାଣ ଦାବିକୁ ଜୋରଦାର କରାଯାଇଛି। ବୁଧବାର ସାବାସ ସଂଗଠନ ସଭାପତି କପିଳ ସୁନାଙ୍କ ନେତୃତ୍ୱରେ ରେଳ ଫାଟକ ନିକଟରେ ଧାରଣା ଦିଆଯାଇଥିଲା । ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲ, ପୂର୍ବତନ ସରପଞ୍ଚ ପ୍ରବୀଣ ଅଗ୍ରୱାଲ ଦାବିପତ୍ର ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲେ ।

ଆନ୍ଦୋଳନକାରୀ କହିଛନ୍ତି, ୧୯୩୦ ମସିହାରୁ ଏହି ରାସ୍ତାଦେଇ ରେଳ ଚଳାଚଳ କରୁଛି । ବର୍ତ୍ତମାନ ଲାଇନ ଦୋହରୀକରଣ ହୋଇଥିବାରୁ ରେଳ ଯାତାୟତ ଅଧିକ ବଢିଛି । ଏଥିଯୋଗୁଁ ପ୍ରାୟ ସମୟ ଫାଟକ ପଡ଼ି ରହୁଛି। ଲୋକ ଯିବା ଆସିବା ପାଇଁ କୌଣସି ବାଇପାସ୍ ରାସ୍ତାର ବ୍ୟବସ୍ଥା ଏଠାରେ ନାହିଁ। ଫଳରେ ସେହି ରାସ୍ତା ଦେଇ ଯିବା ଆସିବା କରୁଥିବା ସରକାରୀ ଚାକରିଆ, ସ୍କୁଲ, କଲେଜ ଛାତ୍ରୀଛାତ୍ର ଏବଂ ସାଧାରଣ ଲୋକ ଫାଟକ ନିକଟରେ ଦୀର୍ଘ ସମୟ ଅପେକ୍ଷା କରୁଛନ୍ତି। ବିଶେଷ କରି ରୋଗୀମାନେ ଚିକିତ୍ସା ପାଇଁ ଯିବା ଆସିବା ବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସପ୍ତାହର ରବିବାର ଓ ବୁଧବାର ହାଟପାଳି ଦିନ ଏଠାରେ ପରିସ୍ଥିତି ସଙ୍ଗୀନ ହୋଇ ଯାଉଛି। ଦୀର୍ଘବର୍ଷରୁ ଏଠାରେ ଏକ ବାଇପାସ୍ ରାସ୍ତା ନିର୍ମାଣ ଦାବି ହୋଇ ଆସୁଥିଲେ ମଧ ରେଳ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାଁ। ଏହାର ପ୍ରତିବାଦରେ


ରେଳ ଫାଟକ ନିକଟରେ ଦିଆଯାଇଥିବା ଧାରଣା ।

### ରେଳ ଫାଟକ ନିକଟରେ ୩ଘଣ୍ଟା ଧାରଣା

ସାବାସ ସଂଗଠନ ନେତୃତ୍ୱରେ ବୁଧବାର ସକାଳ ୯ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ରେଳ ଫାଟକ ନିକଟରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା । ପରେ ଏକ ୬ ଜଣିଆ ପ୍ରତିନିଧି ମଣଳୀ ସମ୍ବଲପୁର ରେଳ ଡ଼ିଭିଜନ ମହାପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ହରିଶଙ୍କର ରୋଡ଼ ଷ୍ଟେଶନ ମାଷ୍ଟର ପଙ୍କଜ କୁମାରଙ୍କୁ ପ୍ରଦାନ କରିଥିଲେ । ଏକ ମାସ ମଧ୍ୟରେ ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ରେଳରୋକୋ କରାଯିବ ବୋଲି ଦାବିପତ୍ରରେ କୁହାଯାଇଛି। ଅନୁଷ୍ଠାନର ଉପଦେଷ୍ଟା ଭୁବନେଶ୍ୱର ବାରିକ କାର୍ଯ୍ୟକ୍ରମ ପରିଚାଳନା, ସମ୍ପାଦକ ସିକନ୍ଦର ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଶତାଧିକ ଜବ୍‌କାର୍ଡ ରଦ୍ଦ: ହିତାଧିକାରୀ ବିଡିଓଙ୍କ ଦ୍ୱାରସ୍ଥ

**କୋକସରା,୨୯।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବଡପୋଡାଗୁଡା ପଞ୍ଚାୟତ ବାବେକୋହରା ଓ କଛାରପଡା ଗ୍ରାମର ଶତାଧିକ ଜବ୍‌କାର୍ଡ ହିତାଧିକାରୀଙ୍କ ଅଜାଣତରେ ରଦ୍ଦ କରାଯାଇଛି। ଏହା ଜଣାପଡ଼ିବା ପରେ ବୁଧବାର ୨ ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ପଞ୍ଚାୟତ ଓ ବ୍ଲକ କର୍ମଚାରୀମାନେ ହିତାଧିକାରୀଙ୍କୁ ନ ଜଣାଇ ଶତାଧିକ ଲୋକଙ୍କ ଜବ୍‌କାର୍ଡ ଡିଲିଟ କରିଦେଇଛନ୍ତି। ଫଳରେ ସରକାରଙ୍କ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଏହି ଶ୍ରମିକମାନେ କାମ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପଟେ ସରକାରୀ କର୍ମଚାରୀଙ୍କ ନାଁରେ ଜବକାର୍ଡ ରହିଥିବା ମଧ ଅଭିଯୋଗ କରିଛନ୍ତି। ଯେଉଁମାନେ ପ୍ରକୃତ ଶ୍ରମିକ ବର୍ଷ ତମାମ୍ କାମ କରି ପରିବାର ପ୍ରତିପୋଷଣ କରନ୍ତି, ସେମାନଙ୍କ ଜବ୍‌କାର୍ଡ ଜାଣିସୁଣି ଡିଲିଟ କରାଯାଇଛି। ଏହାର ଉଚିତ ତଦନ୍ତ କରି ଗରୀବ ଶ୍ରେଣୀର ଲୋକଙ୍କ ଜବ୍‌କାର୍ଡ ପୁନଃହ ଚାଲୁ କରିବା ସହ କାମ ନ କରିବା ଲୋକଙ୍କ ନାମରେ ଥିବା ଜବକାର୍ଡକୁ ରଦ୍ଦ କରିବାକୁ ସେମାନେ ଦାବି କରିଛନ୍ତି। ୱାର୍ଡସଭ୍ୟ କୃଷ୍ଣ ଚନ୍ଦ୍ର ରାଉତ, କୌଶଲ୍ୟା ନାଏକ, ଯୁବରାଜ ନାଏକ ପ୍ରମୁଖଙ୍କ ସହ ମିନିକେତନ ମାଝି, କ୍ଷୀର ମାଝି, ବଳସିଂ ପୂଝାରୀ, କୈଳାସ ନାଏକ, ଅଭି ରାଉତ, ମକରନ୍ଦ ମାଝି, ହରିପାଳ ଗଉଡ, ହେମରାଜ ନାଏକ, ବସନ୍ତ କୁମାର ନାଏକ ଦୁଇ ଗ୍ରାମର ଶତାଧିକ ହିତାଧିକାରୀଙ୍କ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ର ବିଡିଓ ମନୀଷା ଦାସଙ୍କୁ ପ୍ରଦାନ କରିଛନ୍ତି। ବିଡିଓ ଦାସ ରଦ୍ଦ ହୋଇଥିବା ସମସ୍ତ ଜବ୍‌କାର୍ଡର ନକଲ କପି ଦେବାକୁ କହିବା ସହ ଘଟଣାର ତଦନ୍ତ କରାଯିବ ବୋଲି କହିଥିବା ଜଣାପଡିଛି।


ବିଡିଓଙ୍କ ଦ୍ୱାରସ୍ଥ ହୋଇଥିବା ୨ ଗ୍ରାମର ହିତାଧିକାରୀମାନେ ।

### ଡିକି ଭାଙ୍ଗି ୬ ଲକ୍ଷ ଲୁଟି ନେଲେ ଦୁର୍ବୃତ୍ତ

**କୋକସରା,୨୯।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଥାନା ମୋଟେର ଛକ ନିକଟରେ ବାଇକ୍ ଡିକି ଭାଙ୍ଗି ୬ ଲକ୍ଷ ଲୁଟ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ଜୟପାଟଣାର ନାରାୟଣ ପଣ୍ଡା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। କୋକସରା ପୋଲିସ ଅଧିକାରୀ ପ୍ରସନ୍ନ ବେହେରାଙ୍କ ସହ ଏକ ଟିମ ପହଞ୍ଚି ମୋଟେର ଛକର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ଜୟପାଟଣାର ନାରାୟଣ ପଣ୍ଡା (୭୬) ଓ ତାଙ୍କ ପୁଅ ଗୋପୀନାଥ କୋକସରା ଷ୍ଟେଟବ୍ୟାଙ୍କରୁ ୬ ଲକ୍ଷ ଟଙ୍କା ଉଠାଇ ଏକ ବ୍ୟାଗରେ ଭର୍ତ୍ତି କରି ବାଇକ୍ ଡିକିରେ ରଖି ଯାଉଥିଲେ। ମୋଟେର ଛକରେ ଏକ ଦୋକାନରେ ଜଳଖିଆ କରୁଥିବା ବେଳେ ପୂର୍ବରୁ ପିଛା କରୁଥିବା ଦୁର୍ବୃତ୍ତମାନେ ବାଇକ୍ ଡିକି ଭାଙ୍ଗି ଆଖି ପିଛୁଳାକେ ୬ ଲକ୍ଷ ଲୁଟ କରି ଫେରାର ହୋଇଥିଲେ। ଏ ନେଇ ଥାନାରେ ଏକ ମାମଲା (୧୫୨/୨୨) ରୁଜୁ ହୋଇଛି।

# ଟ୍ରାଫିକ, ଡ୍ରେନେଜ୍ ସମସ୍ୟା ନେଇ ଆଲୋଚନା

**ଲାଞ୍ଜିଗଡ,୨୯।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ କମ୍ପାନୀ ଗଢି ଉଠିଥିବାବେଳେ ହଜାର ହଜାର ଶ୍ରମିକ ଓ କର୍ମଚାରୀଙ୍କ ସମାଗମ ହେଉଛି। ଦିନକୁଦିନ ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସହରରେ ଟ୍ରାଫିକ ସମସ୍ୟା ମଧ ଦେଖାଦେଇଛି। ଏହି ସମସ୍ୟା କିଭଳି ଦୂର ହେବ ଏହାକୁ ନେଇ ଲାଞ୍ଜିଗଡ ସରପଞ୍ଚ ସରସ୍ୱତୀ ମୁଣ୍ଡାଙ୍କ ଅଧକ୍ଷତାରେ ଲାଞ୍ଜିଗଡ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଲାଞ୍ଜିଗଡ ସହର ଏକ ଜନବହୁଳ ସହର ହୋଇଥିବାବେଳେ ରାସ୍ତାର ଦୁଇପାର୍ଶରେ ପନିପରିବା ଦୋକାନ, ମାଛ ମାଂସ ଦୋକାନ ଓ ଅନେକ ଠେଲା ରହୁଥିବା ଫଳରେ ରାସ୍ତା ସଂକୀର୍ଣ୍ଣ ହେଉଛି। ଫଳରେ ଗାଡିମୋଟର ମଧ ଯାତାୟାତ କରିପାରୁନାହିଁ। ଲାଞ୍ଜିଗଡ ମଧଭାଗରେ ଡ୍ରେନେଜ ବ୍ୟବସ୍ଥା ଠିକ ରହୁନାହିଁ। ଫଳରେ ଡ୍ରେନ ପାଣି ରାସ୍ତା ଉପରେ ବୋହୁଛି। ଏହିସବୁ ସମସ୍ୟା ସମାଧାନ ପାଇଁ ଲାଞ୍ଜିଗଡ ସରପଞ୍ଚ ମୁଣ୍ଡା ସହରବାସୀଙ୍କ ସହିତ ଆଲୋଚନା କରିଥିଲେ । ସହରରେ ଥିବା ଉଠାଦୋକାନୀ, ମାଛ ମାଂସ ଦୋକାନୀମାନଙ୍କୁ ସାପ୍ତାହିକ ବଜାରରେ ଦୋକାନ ଖୋଲିବାକୁ ଅନୁରୋଧ କରାଯାଇଥିଲା। ଧୀରେ ଧୀରେ ସେମାନଙ୍କୁ ଅନ୍ୟ ଜାଗାରେ ଥଇଥାନ କରିବାକୁ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସହର ସମସ୍ତ ଦୋକାନୀ ମାଲିକ ଉପସ୍ଥିତ ଥିବାବେଳେ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ଯୁବକ ସଂଘ ସଭାପତି ହିମାଦ୍ରୀ ପେସନିଆ, ଶ୍ରୀମୁଖ ଅଗସ୍ତି, ସୁବାଷ ମହାପାତ୍ର, ପରମାନନ୍ଦ ନାଏକ ପ୍ରମୁଖ ନିଜର ମତ ରଖିଥିଲେ।


ବୈଠକରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଉଛି ।

### ଅଧକ୍ଷ, କିରାଣିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**କୋକସରା,୨୯।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଗୋବର୍ଦ୍ଧନ ବାଗ ଓ ମୁଖ୍ୟ କିରାଣି ଯୁଗଳ କିଶୋର ହଂସଙ୍କୁ ବୁଧବାର ମାଧମିକ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ଅଧକ୍ଷ ଉପେନ୍ଦ୍ର ସାହୁଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ବ୍ୟୋମକେଶ ପଣ୍ଡା, ଡିଗ୍ରୀ କଲେଜ ଅଧକ୍ଷ ଗୁଣାକାର ପଣ୍ଡା, ଜବାହର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଧୀର ପଣ୍ଡା, ଅଧାପକ ଅଶ୍ୱିନୀ କୁମାର ପଟ୍ଟନାୟକ, ଅଇରି ନାସନ ଚିନ୍ଦା, ଅଧାପିକା କନକ ମଞ୍ଜରୀ ବେହେରା, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀଙ୍କ ସମେତ ଅଧାପକ, ଅଧାପିକା, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଖପ୍ରାଖୋଲ ସିଏଚ୍‌ସି ପରିଦର୍ଶନ କଲେ ଜିଲାପାଳ

**ଖପ୍ରାଖୋଲ,୨୯।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ବୁଧବାର ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ପରିଦର୍ଶନ କରିଥିଲେ। ଅର୍ନ୍ତବିଭାଗ, ବର୍ହିବିଭାଗ, ନିର୍ମାଣାଧୀନ କୋଠା ବୁଲି ଦେଖିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡ଼ାକ୍ତର ସୁରଜ କୁମାର ଦୀପଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକ କୋଠା, କ୍ୟାଣ୍ଟିନ, ବର୍ଷାପାଣି ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ଉପରେ ଆଲୋଚନା ହୋଇଥିଲା। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଶେଷଜ୍ଞ ଡ଼ାକ୍ତର ପଦବୀ ପୂରଣ ସହ ଅବସ୍ଥାପିତ ମେଡିସିନ ବିଶେଷଜ୍ଞ ଡାକ୍ତରଙ୍କ ଦେପୁଟେଶନ ସମ୍ପର୍କରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ସମସ୍ୟା ସମାଧାନ ପାଇଁ ବ୍ୟବସ୍ଥା କରିବେ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ପରେ ବ୍ଲକର ବିଭିନ୍ନ ଉନ୍ନୟମୂଳକ କାମ ବୁଲି ଦେଖିଥିଲେ। ଏହି ଅବସରରେ ପାଟଣାଗଡ଼ ଉପ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ଖପ୍ରାଖୋଲ ବିଡ଼ିଓ ଭୀମସେନ କହଁର, ସହକାରୀ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିଆ, ଜିପିଓ ସୁଶାନ୍ତ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, କିଛିଦିନ ତଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡ଼ାକ୍ତର ପଦବୀ ଖାଲି ସମ୍ପର୍କିତ ଖବର ଗଣମାଧମରେ ପ୍ରକାଶିତ ହୋଇଥିଲା। ଏହାପରେ ଅନେକ ସ୍ୱେଚ୍ଛାସେବୀ ଏହି ଖବରକୁ ମୁଖ୍ୟମନ୍ତ୍ରୀଙ୍କୁ ଟ୍ୟାଗ କରି ଟୁଇଟ କରିଥିଲେ।

# ଖଣ୍ଡୁଆମାଳିର ସୁରକ୍ଷା, ଆମ ଭବିଷ୍ୟତ ଆଲୋଚନାଚକ୍ର

**ଜୁନାଗଡ଼,୨୯।୬(ଡି.ଏନ.ଏ.)**

କଳାହାଣ୍ଡି ଜନବାଦୀ ଲୋକମଞ୍ଚ ସଙ୍ଗଠନ ପକ୍ଷରୁ 'ଖଣ୍ଡୁଆମାଳିର ସୁରକ୍ଷା ଓ ଆମ ଭବିଷ୍ୟତ' ସମ୍ପର୍କିତ ଏକ ଆଲୋଚନାଚକ୍ର ଜୁନାଗଡ଼ ସଂସ୍କୃତି ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଯଦି ରାଜ୍ୟ ଚଳାଇବା ପାଇଁ ଖଣି ନଷ୍ଟ କରାଯାଉଛି, ତେବେ ଜୀବନ ବଞ୍ଚାଇବା ପାଇଁ କ'ଣ କରିବେ ସରକାର ବୋଲି ଉପସ୍ଥିତ ଅତିଥିମାନେ ଆଲୋଚନାଚକ୍ରରେ ପ୍ରଶ୍ନ କରିଛନ୍ତି। ହିଂସା ନୁହଁ ଅହିଂସା ନୀତିରେ ଆନ୍ଦୋଳନ କରାଯିବା ନେଇ ପରାମର୍ଶ ଦେଇଛନ୍ତି। କଳାହାଣ୍ଡି ଜନବାଦୀ ଲୋକମଞ୍ଚ ଆବାହକ ଦାମୋଦର ବେହେରାଙ୍କ ଅଧକ୍ଷତାରେ ଆଲୋଚନାଚକ୍ରରେ ଅନେକ ସଙ୍ଗଠନ କର୍ମକର୍ତ୍ତା ସାମିଲ ହୋଇଥିଲେ। କଳାହାଣ୍ଡି ଜିଲା କର୍ଲାପାଟ ଖଣ୍ଡୁଆଲମାଳିକୁ ସରକାର ଏକ କମ୍ପାନୀକୁ ଖଣି ଲିଜ ଦେଇଥିବା ନେଇ ମସୁଧା କରୁଥିବାରୁ ଲିଜ ବାତିଲ ପାଇଁ ସ୍ୱର ଉତ୍ତୋଳନ କରିଛି କର୍ଲାପାଟ ଖଣ୍ଡୁଆଳ ମାଳି ସୁରକ୍ଷା ସମିତି। କର୍ଲାପାଟ ଅଭୟାରଣ୍ୟର ପରିବେଷ୍ଟିତ ମଧ୍ୟରେ ଥିବା ଖଣ୍ଡୁଆଳ ମାଳିର ସୁରକ୍ଷା ଓ ଲିଜ ବାତିଲ ପାଇଁ ସରକାରଙ୍କୁ ଚେତେଇ ଦେବା ପାଇଁ ଜନବାଦୀ ଲୋକମଞ୍ଚ ସଙ୍ଗଠନ ପକ୍ଷରୁ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଜିଲାପାଳଙ୍କୁ ଜୀବିକା ମିଶନ ପକ୍ଷରୁ ଦାବିପତ୍ର


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଏମ୍‌ବିକେ ଓ ସିଆର୍‌ପି ସଦସ୍ୟାମାନେ ।

**ଖଡ଼ିଆଳ,୨୯।୬(ଡି.ଏନ.ଏ.)**

ନୂଆପଡ଼ା ଜିଲାପାଳ ହେମାକାନ୍ତ ସାଏ ବୁଧବାର ଖଡ଼ିଆଳ ବ୍ଲକ ଗସ୍ତ କରିଥିଲେ । ଏହି ଅବସରରେ ବୋଡ଼େନ ବ୍ଲକ ଅନ୍ତର୍ଗତ ରୋକାଲ ପଞ୍ଚାୟତସ୍ତରୀୟ ଜୀବିକା ମିଶନ ମହାସଂଘସ୍ତରୀୟ ଏମବିକେ ଓ ସିଆରପିମାନଙ୍କ ସମସ୍ୟା ନେଇ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏମ୍‌ବିକେ ଓ ସିଆର୍‌ପି ଭାବେ କାର୍ଯ୍ୟ ନିର୍ବାହ କରିଥିବା ସଦସ୍ୟାମାନେ ଓଡ଼ିଶା ଜୀବିକା ମିଶନ ମହାସଂଘର ଦ୍ୱାରା ଯେଉଁ କାର୍ଯ୍ୟ କରିବାକୁ ଦିଆଯାଇଛି ସେହି କାର୍ଯ୍ୟଗୁଡିକୁ ଠିକ ଭାବେ ସମ୍ପାଦନ କରୁଛନ୍ତି। ସମାଜରେ ନାରୀ ଶକ୍ତିର ଦୃଢତାର ବିକାଶ ଓ ଆର୍ଥିକ ସ୍ୱଚ୍ଛତା ତଥା ସ୍ୱାବଲମ୍ବୀ ହେବ ଦିଗରେ କାର୍ଯ୍ୟ କରୁଛନ୍ତି। କିନ୍ତୁ ଏହି କର୍ମୀମାନଙ୍କୁ ସରକାରୀସ୍ତରରେ ଅଣଦେଖା କରୁଥିବାରୁ ପରିବାର ପ୍ରତିପୋଷଣ କରିବାରେ ଅସୁବିଧାର ସାମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। କର୍ମୀମାନଙ୍କ ସମସ୍ୟା ସମାଧାନ ପାଇଁ ଏକ ବର୍ଷ ମଧ୍ୟରେ ୩ ଥର ବ୍ଲକସ୍ତରରୁ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ସମସ୍ୟା ସମାଧାନ ହୋଇ ପାରିନାହିଁ। ଯଦି ସମସ୍ୟା ସମାଧାନ ନ ହେଲେ ଆସନ୍ତା ଜୁଲାଇ ୧୫ ତାରିଖଠାରୁ ବୋଡ଼େନ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ନନ୍ଦିନୀ ରାଉତ, ରିନି ପଣ୍ଡା, ରୂପକାନ୍ତି ସଲମା, ବବି ସୁନାରୀ, ଜ୍ୟୋତିମୟୀ ଶବର, ରଶ୍ମିତା ନାଏକ, ଦିବ୍ୟ ଶବର, କ୍ରିଷ୍ଣା ବଛା, ମିନତୀ ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ଏହି ସମସ୍ୟା କେବଳ ଗୋଟିଏ ବ୍ଲକର ସମସ୍ୟା ନୁହେଁ, ଜିଲାର ପ୍ରତ୍ୟେକ ବ୍ଲକରେ ଏମ୍‌ବିକେ ଓ ସିଆର୍‌ପିଙ୍କ ସମସ୍ୟା ରହିଥିବା ଜଣାପଡିଛି।

# ଲୋଇସିଂହାର ବିଭିନ୍ନ ସ୍ଥାନରେ ନେତ୍ରୋତ୍ସବ ପାଳିତ

**ଲୋଇସିଂହା,୨୯।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଲୋଇସିଂହା, ଯୋଗୀସର୍ଡା, ବୁର୍ଡା, ଭାଲିଆମୁଣ୍ଡା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ନେତ୍ରୋତ୍ସବ ରୀତିନୀତିରେ ବୁଧବାର ପାଳିତ ହୋଇଯାଇଛି। ବ୍ଲକର ଭାଲିଆମୁଣ୍ଡା ବଳଦେବ ଜୀଉଙ୍କ ପୀଠରେ ପୂଜକ ଗୁଣନିଧି ମିଶ୍ର, ଦୟାନିଧି ମିଶ୍ର ଓ ପୁରୋହିତ ଜୟନାରାୟଣ ମିଶ୍ର ସକାଳେ ମନ୍ଦିର ଦ୍ୱାର ଫିଟା, ସୂର୍ଯ୍ୟପୂଜା, ମଙ୍ଗଳ ଆଳତୀ, ମଙ୍ଗଳା ରୋପଣ ଓ ମହାପ୍ରଭୁଙ୍କୁ ମହାସ୍ନାନ କରାଯାଇଥିଲା। ମହାପ୍ରଭୁଙ୍କୁ ଯଜ୍ଞପବିତ୍ର ଧାରଣ, ଷୋଡ ଉପଚାର ପରେ ମହାପ୍ରସାଦ ଲାଗି କରାଯାଇଥିଲା। ଏହାପରେ ମହାଆଳତି ଅର୍ପଣ ପରେ ଶ୍ରୀ ମନ୍ଦିର ଓ ବିଜୟ ରଥରେ ଗଉନ୍ତିଆ ପ୍ରଭୁଦତ୍ତ ମିଶ୍ର ଧ୍ୱଜା ଲଗାଇଥିଲେ। ସେହିପରି ଯୋଗୀସର୍ଡା ଜଗନ୍ନାଥ ମନ୍ଦିର ପୂଜକ ନବୀନ ପଣ୍ଡା, ବୁର୍ଡା ମନ୍ଦିର ପୂଜକ ମୋହନ ଦାଶ ଏବଂ ଲୋଇସିଂହା ମନ୍ଦିର ପୂଜକ ଟିକୁ ପାଣ୍ଡିଆ, ଗ୍ରାମ୍ୟ କମିଟି ସଦସ୍ୟ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ନେତ୍ରୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୧ ରେ ମହାପ୍ରଭୁଙ୍କ ଘୋଷ ଯାତ୍ରା ଅନୁଷ୍ଠିତ ବୋଲି ଏସମସ୍ତ ସ୍ଥାନର ଗ୍ରାମ୍ଯ କମିଟି ସୂତ୍ରରୁ ପ୍ରକାଶ।


ଭାଲିଆମୁଣ୍ଡା ବଳଦେବ ଜୀଉଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

# କ୍ଷେତ୍ର ପରିଦର୍ଶନ କଲେ ଅତିରିକ୍ତ ତହସିଲଦାର

**ଲୋଇସିଂହା,୨୯.୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅନ୍ତର୍ଗତ ରୁଗୁଡିଖାଲ ରାମମନ୍ଦିର ନିକଟରେ ଦୁଇଜଣ ବ୍ୟକ୍ତି ଜବରଦଖଲ କରିଥିବା ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅତିରିକ୍ତ ତହସିଲଦାର ସମ୍ପୂର୍ଣ୍ଣାନନ୍ଦ ବେଜ ଓ ରାଜସ୍ୱ କର୍ମଚାରୀ ବୁଧବାର କ୍ଷେତ୍ର ପରିଦର୍ଶନ କରିଥିଲେ। ଉଭୟ ପକ୍ଷଙ୍କ ଉପସ୍ଥିତିରେ ବିବାଦୀୟ ଜମି ମାପଚୁପ କରାଯାଇଥିଲା। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥରୁ ମନ୍ଦିରକୁ ଯାଇଥିବା କଂକ୍ରିଟ ରାସ୍ତା ସମ୍ପୃକ୍ତ ବ୍ୟକ୍ତିଙ୍କ ବାହାରିଥିବାବେଳେ ମନ୍ଦିର ପଟରେ ୫ ଫୁଟ ଯାଏ ଜବରଦଖଲ କରିଥିବା ଜଣାପଡିଥିଲା । ଜବରଦଖଲ ଜମି ତୁରନ୍ତ ଛାଡିବାକୁ ଅତିରିକ୍ତ ତହସିଲଦାର ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅପରପକ୍ଷେ ମନ୍ଦିର ଏବଂ ସାପ୍ତାହିକ ବଜାରକୁ ଯିବା କଂକ୍ରିଟ ରାସ୍ତା ସମ୍ପୃକ୍ତ ବ୍ୟକ୍ତିଙ୍କ ଅକ୍ତିଆରେ ଥିବା ଜଣାପଡିଥିଲା। ଗ୍ରାମ୍ୟ ପତରା ଜଙ୍ଗଲ କିସମ ଜମିକୁ ପଟ୍ଟା ହାତେଇବା ଘଟଣା ଅଞ୍ଚଳବାସୀଙ୍କୁ ବିସ୍ମିତ କରିଛି ।


ଲୋଇସିଂହା ରାଜସ୍ୱ ନିରୀକ୍ଷକ ଆରର୍ଜୋ ପଟେଲ ବିବାଦୀୟ ଜମି ପରିଦର୍ଶନ କରୁଛନ୍ତି ।

ସୂଚନାଯୋଗ୍ୟ ଯେ, ଦୀର୍ଘବର୍ଷ ଧରି ସର୍ବସାଧାରଣରେ ବ୍ୟବହାର ହେଉଥିବା ସାପ୍ତାହିକ ବଜାର ଓ ମନ୍ଦିର କଂକ୍ରିଟ ରାସ୍ତାକୁ ଦୁଇଜଣ ବ୍ୟକ୍ତି ଜୋରଜବରଦସ୍ତି ତାରବାଡ ଦେଉଥିବା ନେଇ ବୁଢୀପଦର ଗ୍ରାମବାସୀ ଏବଂ ରୁଗୁଡିଖାଲ ମାନସ ଯଜ୍ଞ କମିଟି ସଦସ୍ୟ ମଙ୍ଗଳବାର ତହସିଲଦାରଙ୍କ ନିକଟରେ ଫେରାଦ ହୋଇଥିଲେ। ସେହିପରି ତହସିଲ ଅନ୍ତର୍ଗତ ବୁର୍ଡା ପଞ୍ଚାୟତ ବାଞ୍ଜିପାଲି ଗାଁର ଏକ ଧର୍ମାନୁଷ୍ଠାନ ନିକଟରେ ଥିବା ଏକ ସରକାରୀ ଜମିକୁ ଗୋଟିଏ ପରିବାର ଜବରଦଖଲ କରିଛନ୍ତି। ଏନେଇ ଗ୍ରାମବାସୀ ତହସିଲଠାରୁ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ବୁଧବାର ବିବାଦୀୟ ସମ୍ପୃକ୍ତ ଜମିରେ ସେହି ପରିବାର ହଳ କରିବା

### ରୁଗୁଡିଖାଲ ରାମମନ୍ଦିର ନିକଟରେ ଜମି ଜବରଦଖଲ ଘଟଣା

ଘଟଣାକୁ ନେଇ ପୁଣି ଗାଁରେ ଅସନ୍ତୋଷ ପ୍ରାକଶ ପାଇଥିଲା । ଯୁବଗୋଷ୍ଠୀ ପକ୍ଷରୁ ଲୋଇସିଂହା ରାଜସ୍ୱ ନିରୀକ୍ଷକ ଆରର୍ଜୋ ପଟେଲଙ୍କୁ ଅବଗତ କରାଯାଇଥିଲା। ଖବର ପାଇ ରାଜସ୍ୱ ନିରୀକ୍ଷକ ପଟେଲ କ୍ଷେତ୍ର ପରିଦର୍ଶନ କରିଥିଲେ । ସମ୍ପୃକ୍ତ ପରିବାର ଦୀର୍ଘ ୬୦ବର୍ଷ ହେଲା ଗ୍ରାମର ଦୁଇ ପରିବାର ଦଖଲ କରି ଚାଷ କରୁଥିବା କହିଥିଲେ। ଏନେଇ ଜିଲାପାଳଙ୍କ ଅନୁମତି ରହିଥିବା କହିଥିଲେ। ହେଲା ରାଜସ୍ୱ ନିରୀକ୍ଷକ ଜିଲାପାଳଙ୍କୁ ଅନୁମତି ପତ୍ର ଦେଖାଇବାକୁ କହିବାରୁ ଅଫିସକୁ ଯାଇ ଦେଖାଇବେ ବୋଲି ସେମାନେ କହିଥିଲେ। ଏହାପୂର୍ବରୁ ତହସଲିଦାର କ୍ଷେତ୍ର ପରିଦର୍ଶନ ବେଳେ ସେହି ପରିବାର ପକ୍ଷରୁ ଖେଳପଡିଆ ସଂଲଗ୍ନ ଜମିରେ ଦେଇଥିବା ହିଡକୁ ସମତୁଲ କରିବାକୁ ନିର୍ଦ୍ଦେଶ କରିଥିଲେ। ହେଲେ ସେହି ହିଡ ସେମିତି ପଡି ରହିଥିବାରୁ ରାଜସ୍ୱ ନିରୀକ୍ଷକ ଅସନ୍ତୋଷ ବ୍ୟକ୍ତ କରିଥିଲେ ।

**୧୦୪ ପିଇଓଙ୍କ ବଦଳି**

ବରଗଡ଼ ଅଫିସ୍: ବରଗଡ଼ ଜିଲାରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ ହୋଇଛି । ଜିଲାର ବିଭିନ୍ନ ବ୍ଲକ ଅଧିନ ପଞ୍ଚାୟତ ଗୁଡ଼ିକରେ କାର୍ଯ୍ୟରତ ୧୦୪ ପିଇଓଙ୍କୁ ବଦଳି କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା-୧୨୩୮/ତା୨୮।୬।୨୨ରିଖ କ୍ରମେ ୯୬ଜଣ ଏବଂ ଅନ୍ୟ ଏକ ପତ୍ରସଂଖ୍ୟା ୧୨୪୪/ତା ୨୮।୬।୨୨ରିଖ କ୍ରମେ ୮ଜଣଙ୍କ ମଧ୍ୟରେ ଅଦଳବଦଳ ହୋଇଛି ।

## ସଂକ୍ଷେପରେ

### ତପନ ଅଗ୍ରୱାଲ ଶିବତୁଲା ସମବାୟ ସମିତି ସଭାପତି ନିର୍ବାଚିତ



ତରଭା,୨୯।୬(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ଶିବତୁଲା ପ୍ରାଥମିକ ସେବା ସମବାୟ ସମିତିର ସଭାପତି ଭାବେ ଯୁବ ସମାଜସେବୀ ତପନ ଅଗ୍ରୱାଲ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେ ଛାତ୍ର ଓ ଯୁବ ବିଜୁ ଜନତା ଦଳର ପଶ୍ଚିମ ଓଡିଶା ଜୋନର ବରିଷ୍ଠ କର୍ମକର୍ତ୍ତା ରହି ଆସିଛନ୍ତି। ସମିତିକୁ ଜିଲାର ଅନ୍ୟତମ ଅଗ୍ରଣୀ ସମବାୟ ସଂଗଠନ ଭାବେ ଗଢି ତୋଳିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି ବିଜୟୀ ଘୋଷିତ ହେବା ପରେ କହିଛନ୍ତି।

### ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରୀ ବୈଠକ

ସୋନପୁର,୨୯।୬(ନି.ପ୍ର.): ସୁବର୍ଣ୍ଣପୁର ବରିଷ୍ଠ ନାଗରିକ ସଂଘର ବୈଠକ ସଭାପତି ଜ୍ୟୋତିରଞ୍ଜନ ବହିଦାରଙ୍କ ସଭାପତିତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକମାନଙ୍କର ମୌଳିକ ସୁବିଧା ସୁଯୋଗ ଉପରେ ଆଲୋଚନା ହୋଇଥିଲା। ସଂଘର ଏକ ସ୍ଥାୟୀ ଗୃହ ପାଇଁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ମତପ୍ରକାଶ ପାଇଥିଲା । ଏଥି ସହିତ ନୂତନ ସଭ୍ୟ ସଂଗ୍ରହ, ଡାକ୍ତରଖାନାରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସେବା ଓ ସୁବିଧାର ବ୍ୟବସ୍ଥା କରିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ବୈଠକରେ ଉପଦେଷ୍ଟା ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁଙ୍କ ସହିତ ଉପସଭାପତି ଆର୍ତ୍ତତ୍ରାଣ ବାବୁ, ସହ ସମ୍ପାଦକ ଶ୍ରୀବତ୍ସ ମଲ୍ଲିକ, କୋଷାଧ୍ୟକ୍ଷ ଉମେଶ ଚନ୍ଦ୍ର ପଣ୍ଡାଙ୍କ ସହିତ କାର୍ଯ୍ୟକାରୀ କମିଟିର ସଭ୍ୟ ଡ. ସନ୍ତୋଷ କୁମାର ପାଢୀ, ମନୋରଞ୍ଜନ ବହିଦାର ଓ ହରିହର ଶତପଥୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ସଡକ ଦୁର୍ଘଟଣାରେ ପୂର୍ବତନ ସରପଞ୍ଚଙ୍କ ପରଲୋକ

ପଦ୍ମପୁର,୨୯।୬ (ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଥାନା ଅଧିନ ନରସିଂହପୁର ନିକଟରେ ଏକ ସଡକ ଦୁର୍ଘଟଣାରେ ଖଲିଆପାଲି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗିରିଧାରୀ ସେଟଙ୍କ ମୃତ୍ୟୁ ଘଟିଛି। ପଦ୍ମପୁରଠାରୁ ନିଜ ଗାଁ ତେଣ୍ଡ୍ରାପଦରକୁ ବାଇକରେ ନିଜର ବନ୍ଧୁ ସହ ଯାଉଥିବା ବେଳେ ବିପରୀତ ପଟରୁ ଏକ ବଳଦ ସାମନାକୁ ଆସି ଯାଇଥିଲା। ଫଳରେ ସାଥି ବାଇକ ଚାଳକ ସାମାନ୍ୟ ଆଘାତ ହୋଇଥିବା ବେଳେ ପଛରେ ବସିଥିବା ଗିରିଧାରୀ ଗାଡିରୁ ଛିଟିକି ପଡିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା।



ଗିରିଧାରୀ ସେଟ।

### ବଜ୍ରପାତରେ ଯୁବକ ମୃତ

ବରଗଡ଼ ଅଫିସ୍,୨୯।୬: ବରଗଡ଼ ଜିଲା ସୋହେଲା ଥାନା ସାମକଟା ଗ୍ରାମରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ଶୋଭାଚନ୍ଦ୍ର ସାହୁ(୨୪)। ସେ ନିଜ ଧାନବିଲରେ ଧାନ ବୁଣୁଥିବା ସମୟରେ ବଜ୍ରପାତ ହୋଇଥିଲା। ଫଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ସେଠାରୁ ଉଦ୍ଧାର କରି ତାଙ୍କୁ ବରଗଡ଼ ସହର ଉପକଣ୍ଠ ଖେଦାପାଲିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବୀରମହାରାଜପୁର କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା

ଅମରପାଲି,୨୯।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟର ଜୀବ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ରାଜେଶ୍ୱରୀ କର ଓ ଲାବୋରୋଟରୀ ଆଟେଣ୍ଡାଣ୍ଟ ବିଦ୍ୟାଧର ଦେହୁରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆୟୋଜିତ ସଭାରେ କଲେଜର ଅଧକ୍ଷ ହୃଷୀକେଶ ପଧାନ ମୁଖ୍ୟଅତିଥି , ଅଧାପିକା ନିତାରାନୀ ପ୍ରଧାନ ଓ ଅଧାପକ ସୁନିଲ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭାଗୀୟ ଛାତ୍ରଛାତ୍ରୀ ମଧ ଉପସ୍ଥିତ ଥିଲେ ।

# ଚାଷୀଙ୍କୁ ମିଳିନି ବିକ୍ରି ଧାନ ପ୍ରାପ୍ୟରାଶି

ବରଗଡ଼ ଅଫିସ୍,୨୯।୬

ବରଗଡ଼ ଜିଲାରେ କିଛିଦିନ ପରେ ୨୦୨୧-୨୧ ରବିଧାନ ସଂଗ୍ରହ ପ୍ରକ୍ରିୟା ସରିବ। ହେଲେ ଏପର୍ଯ୍ୟନ୍ତ ଜିଲାର ୭ଜଣ ଚାଷୀଙ୍କୁ ଗତ ୨୦୧୯-୨୦ ରବିଧାନ ସଂଗ୍ରହ ପ୍ରକ୍ରିୟାରେ ବିକିଥିବା ଧାନର ପ୍ରାପ୍ୟରାଶି ମିଳିନାହିଁ। ଏହାକୁ ନେଇ ସମ୍ପୃକ୍ତ ଚାଷୀମାନେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଫେରାଦ ହୋଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ କିଛି ସୁଫଳ ମିଳି ନଥିବା ସେମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ବୁଧବାର ସମ୍ପୃକ୍ତ ଚାଷୀମାନେ ପୁଣି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥି ସୋରେନଙ୍କୁ ଭେଟିଥିଲେ। ସେ ନେଇ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କୁ ଜଣାଇ ଦିଆଯାଇଛି ବୋଲି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୋରେନ ସୂଚନା ଦେଇଥିଲେ।

୨୦୨୯-୨୦ ରବିଧାନ ସଂଗ୍ରହ ପ୍ରକ୍ରିୟା ଚାଲିଥିବାବେଳେ ଅତାବିରା ଓ ଟାମ୍ପରସରା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ସମ୍ପୃକ୍ତ ଅଞ୍ଚଳର ୭ଜଣ ଚାଷୀ ଧାନ ବିକିଥିଲେ। ସେମାନଙ୍କ ମଧ୍ୟରୁ ଜେ. ଲକ୍ଷ୍ମୀ ଅତାବିରା ପାକ୍ସରେ ୧୪୫.୫, ଏମ. ସୂର୍ଯ୍ୟନାରାୟଣ ରେଡ୍ଡି ଅତାବିରା ପାକ୍ସରେ ୯୮.୮୦, ଏସ. ଅଗ୍ରୱାଲ ଅତାବିରା ପାକ୍ସରେ ୧୦୮.୧୪, ଡି. ଭେଙ୍କଟେଶ୍ୱର ରାଓ ଅତାବିରା ପାକ୍ସରେ ୧୨୬.୩୬, ଟି. ଶ୍ରୀନିବାସା



ବିକ୍ରି ଧାନର ପ୍ରାପ୍ୟରାଶି ଦାବିରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଚାଷୀମାନେ ଫେରାଦ ହୋଇଛନ୍ତି।

**୨ବର୍ଷ ବିତିଲା**

ରେଡ୍ଡି ଅତାବିରା ପାକ୍ସରେ ୨୮୦.୨୮, ଏମ. ଆନାନୀଲକ୍ଷ୍ମୀ ଟାମ୍ପରସରା ପ୍ୟାକ୍ସରେ ୮୯.୧୮ ଏବଂ ଏ. ଗାନ୍ଧୀ ଟାମ୍ପରସରା ପାକ୍ସରେ ୪୦୦.୪୦ କୁଇଣ୍ଟାଲ ଧାନ ବିକିଥିଲେ। ଉପରୋକ୍ତ ଚାଷୀମାନେ ରାଜ୍ୟ ବାହାରେ ରହୁଥିଲେ ଏବଂ କୋଭିଡ୍ କଟକଣା ଯୋଗୁ ସେମାନେ ଘରକୁ ଆସିପାରି ନ ଥିବା ଯୋଗୁ ସେମାନଙ୍କ ପ୍ରତିନିଧିଙ୍କ ମାଧ୍ୟମରେ ସମ୍ପୃକ୍ତ ଚାଷୀମାନେ ଧାନ ବିକିଥିଲେ। ମାତ୍ର ଏପର୍ଯ୍ୟନ୍ତ ସମ୍ପୃକ୍ତ ଚାଷୀଙ୍କ ଆକାଉଣ୍ଟରେ ବିକ୍ରିଧାନର ପ୍ରାପ୍ୟରାଶି ଜମା ହୋଇ ନଥିବା ଯୋଗୁ ସେମାନେ ବହୁବିଧ ଅସୁବିଧାର ସମ୍ମୁଖୀନ ହେଉଥିବା କହିଛନ୍ତି। ଉପରୋକ୍ତ ଚାଷୀମାନେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୋରେନଙ୍କୁ ଭେଟି ସମାନଙ୍କୁ ତୁରନ୍ତ ସେମାନଙ୍କ ବିକ୍ରିଧାନର ପ୍ରାପ୍ୟରାଶି ଯୋଗାଇ ଦେବାକୁ ଚାଷୀମାନେ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି।

## ତିନି ଠାକୁରଙ୍କ ନବଯୌବନ ଦର୍ଶନ



ବୌଦ୍ଧ ଜଗନ୍ନାଥଙ୍କ ନବଯୌବନ ବେଶ ।

ବୌଦ୍ଧ,୨୯।୬(ସ୍ୱ.ପ୍ର.)

ବୌଦ୍ଧରେ ଗଡଜାତ ସମୟରୁ ରଥଯାତ୍ରା ପାଳିତ ହୋଇଆସୁଛି। ରଥଯାତ୍ରା ଗଣପର୍ବ ଭାବେ ପାଳନ ହୋଇଆସୁଛି। ଦୁଇବର୍ଷ ହେଲା କରୋନା କଟକଣା ଯୋଗୁ ରଥଯାତ୍ରା ହୋଇପାରି ନ ଥିବା ବେଳେ ଚଳିତବର୍ଷ ରଥଯାତ୍ରା ଧୁମଧାମରେ ପାଳନ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଦେବସ୍ନାନ ପୂର୍ଣ୍ଣିମାରୁ ଦୀର୍ଘ ୧୦ ଦିନର ଅଣସର ସେବା ପରେ ବୁଧବାର ଦିନ ତିନିଠାକୁର ନବଯୌବନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ବୌଦ୍ଧର ଶ୍ରୀଜଗନ୍ନାଥ ମନ୍ଦିରଠାରେ ତିନି ଠାକୁରଙ୍କ ନବଯୌବନ ବେଶ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଛି। ନବଯୌବନ ଦର୍ଶନ ସହିତ ଠାକୁରମାନଙ୍କ ରଥରେ ନେତ ବନ୍ଧା ନୀତି ମଧ ସମ୍ପନ୍ନ ହୋଇଛି। ରଥଖଳାରେ ଗୁଣ୍ଡିଚା ଯାତ୍ରା ପାଇଁ ତିନିଠାକୁରଙ୍କ ନିମନ୍ତେ ରଥକୁ ପ୍ରସ୍ତୁତ କରି ରଖାଯାଇଛି। ମନ୍ଦିରରେ ନୂତନ ଧ୍ୱଜା ଚଢାଯାଇଛି। ଗୁରୁବାର ଗୁଣ୍ଡିଚା ଯାତ ପାଇଁ ଠାକୁରମାନଙ୍କୁ ବିଭିନ୍ନ ଅଳଙ୍କାରରେ ବେଶ ଲାଗି କରାଯିବ। ରଥଯାତ୍ରା ଦିନ ଠିକ୍ ସମୟରେ ପହଣ୍ଡି ବିଜେ ସହିତ ତିନି ଠାକୁରଙ୍କୁ ରଥାରୁଢ କରାଇବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯିବା ସହିତ ଯାତ୍ରାରେ ସଂପୃକ୍ତ ବିଭିନ୍ନ ଅନୁଷ୍ଠାନ ସହିତ ଆଲୋଚନା ଜାରି ରହିଥିବା ଜଣାଯାଇଛି।

## ସୋନପୁର, ତରଭା ବ୍ଲକର ୧୯ ପାକ୍ସ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ସୋନପୁର,୨୯।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକର ମୋଟ ୧୦ଟି ପ୍ୟାକ୍ସରୁ ୯ଟି ପାକ୍ସର ସଭାପତି ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ତରଭା ବ୍ଲକର ମୋଟ ୧୨ଟି ପ୍ୟାକ୍ସରୁ ୧୦ଟି ପ୍ୟାକ୍ସର ସଭାପତି ନିର୍ବାଚନ ଫଳାଫଳ ପ୍ରକାଶିତ ହୋଇଛି। ବଡ କଥା ହେଲା ଦୁଇ ବ୍ଲକର ମୋଟ ୧୯ ଜଣ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୋନପୁର ବ୍ଲକ କଳାପଥର ପାକ୍ସର ସଭାପତି ଭାବେ ଅରବିନ୍ଦ ବାରିକ୍, ବୈଦ୍ୟନାଥ ପାକ୍ସରେ ରାଜ କୁମାର ସୁନା, ଲକର୍ମାରେ ମୋହନ କର୍ମୀ, ବିଶିମୁଣ୍ଡାରେ ବିପିନ କଉଡି, ମହୁଲେରେ ଚମରା ମେହେର, ରେଙ୍ଗାଲିରେ ପ୍ରହ୍ଲାଦ ନାୟକ, ମୟୁରଉଡାନରେ ମନିନ୍ଦ୍ର ମେହେର, ନାରାୟଣପୁରରେ ଆନନ୍ଦ ଶତପଥୀ ଓ ଖାରୀ ପାକ୍ସରେ ପ୍ରଭୁଦତ୍ତ ମିଶ୍ର ନିର୍ବାଚିତ ହୋଇଛନ୍ତି। ଏହି ବ୍ଲକର କେବଳ ଲଛିପୁର ପାକ୍ସରେ ହିଁ ଜୁଲାଇ ୬ ତାରିଖରେ ସଭାପତି ପଦବୀ ପାଇଁ ନିର୍ବାଚନ ହେବ। ରଞ୍ଜିତ କୁମାର ସା ଓ ସଞ୍ଜୀବ କୁମାର ମିଶ୍ର ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ଜିଲାର ତରଭା ବ୍ଲକର ଦେଉଳପଦର ପାକ୍ସରେ ସଭାପତି ଭାବେ ରାଜେନ୍ଦ୍ର କୁମାର ପଣ୍ଡା, ପୁଆରେ ପ୍ରାଣବନ୍ଧୁ ଡାଙ୍ଗ, ଶିବତୁଲାରେ ତପନ କୁମାର ଅଗ୍ରୱାଲା, ତରଭାରେ ସନସିତ କୁମାର ସାହୁ, ସରଗଜରେ ଗୁରୁଦତ୍ତ ମିଶ୍ର, ସିଂହାରୀରେ ମହାଦେବ ସେଠୀ, ମରାଡୁଗୋଛାରେ ସନ୍ତୋଷ ଡାଙ୍ଗ, କମସରାରେ ରାଜୁ ବିଭାର, ବଡଭଇଁରୋରେ ଲୋକନାଥ ଦଳବେହେରା ଓ ଚାରଭଟାରେ କବିରାଜ ଭୋଇ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବ୍ଲକର ମେଣ୍ଡା ଓ ଦୁବୁଲା ପ୍ୟାକ୍ସରେ ସଭାପତି ପଦ ପାଇଁ ନିର୍ବାଚନ ହେଉଛି। ମେଣ୍ଡାରେ ବନବାସ ମେହେର ଓ ଆନନ୍ଦ କିଶୋର ପୂଜାହାରୀ ଏବଂ ଦୁବୁଲାରେ ବିଶେଶ୍ୱର ସାହୁ ଓ ସୁଦାମ ସାହୁ ପ୍ରତିଦ୍ୱନ୍ଦ୍ୱିତାରେ ଅଛନ୍ତି। ସମବାୟ ନିର୍ବାଚନ ପାଇଁ ରାଜନୀତି ସରଗରମ ଥିଲା। କୃଷକଙ୍କ ସମର୍ଥନ ପାଇଁ ପ୍ରଭାବଶାଳୀ ବ୍ୟକ୍ତିମାନେ ଗୋଟିଚାଳନା କରୁଥିଲେ। ତେବେ ନିର୍ବାଚିତ ହୋଇଥିବା ଅଧିକାଂଶ ପାକ୍ସ ସଭାପତି ଶାସକ ଦଳର ବୋଲି ଜଣାପଡିଛି।

**ଜୁଲାଇ ୬ରେ ଲଛିପୁର, ମେଣ୍ଡା ଓ ଦୁବୁଲାରେ ନିର୍ବାଚନ**

## ପୁନଃ ନିଲାମ କରିବାକୁ ପ୍ରଶାସନର ଦ୍ୱାରସ୍ଥ ହେଲେ ମିଶନ ଶକ୍ତି ମହିଳା

**ମାଛ ପୋଖରୀ ନିଲାମକୁ ପ୍ରତିବାଦ**

ଅମରପାଲି,୨୯।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଂଗ୍ରାମପୁର ଗ୍ରାମ ପଞ୍ଚାୟତର ସେରଗେଡା ଗ୍ରାମରେ ମାଛ ପୋଖରୀ ନିଲାମରେ ଚଞ୍ଚକତା କରାଯିବା ଅଭିଯୋଗ କରି ବୁଧବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ସ୍ୱପ୍ନେଶ୍ୱର ବାବା ମିଶନ ଶକ୍ତି ଗୋଷ୍ଠୀ। ଏନେଇ ସେମାନେ ବୀରମହାରାଜପୁର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ପୁନର୍ବାର ନିଲାମ କରିବାକୁ ଦାବି କରିଛନ୍ତି। ଏହାସହିତ ସେମାନେ ବୀରମହାରାଜପୁର ଉପଜିଲାପାଳ ଓ ସୁବର୍ଣ୍ଣପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସେରଗେଡା ଗ୍ରାମର ସ୍ୱପ୍ନେଶ୍ୱର ବାବା ମିଶନ ଶକ୍ତିର ମହିଳାମାନେ ସିଆରପି ପଙ୍କଜିନୀ ଗାଧୁଆଙ୍କ ନେତୃତ୍ୱରେ ପୋଖରୀ ନିଲାମକୁ ନେଇ ଉପୁଜି ଥିବା ବିବାଦର ସମାଧାନ ପାଇଁ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ ଗତ ଜୁନ ୨୨ ତାରିଖରେ ପୋଖରୀ ନିଲାମ ପାଇଁ ନୋଟିସ ହୋଇଥିଲା । ମିଶନ ଶକ୍ତି ମହିଳାମାନେ ପହଞ୍ଚି ଡାକରେ ଭାଗ ନେଇଥିଲେ। ହେଲେ ଚଞ୍ଚକତା କରାଯାଇ ନିଲାମ ପ୍ରକ୍ରିୟାରୁ ବାଦ ଦେଇ ଯେଉଁ ଗ୍ରୁପ ଡିଫଲ୍ଟର ହୋଇଛନ୍ତି ତାଙ୍କୁ ପୋଖରୀର ନିଲାମ ଦିଆଯାଇଛି। ତେଣୁ ସେରଗେଡା ମିଶନ ଶକ୍ତି ମହିଳାମାନେ ଖଜୁରୀକଟା ପୋଖରୀର ନିଲାମକୁ ବାତିଲ କରି ପୁନଃ ନିଲାମ କରାଯିବାକୁ କୁ ଦାବି କରିଛନ୍ତି। ମିଶନ ଶକ୍ତି ଦଳର ବ୍ରଜେଶ୍ୱରୀ ମହାକୁର, ଦେବକୀ କର୍ମୀଙ୍କ ସମେତ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ମହିଳା ଆସି ଦାବିପତ୍ର ପ୍ରଦାନ କରିଛନ୍ତି।

## ବିଜେଡିର ମହିଳା ସମାବେଶ



ତୋରାରେ ବିଜେଡ଼ିର ମହିଳା ସମାବେଶରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ବରଗଡ଼ ଅଫିସ୍,୨୯।୬

ବରଗଡ଼ ବ୍ଲକ ତୋରା ଗ୍ରାମ କଲ୍ୟାଣ ମଣ୍ଡପରେ ବୁଧବାର ମିଶନ ଶକ୍ତି ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ରାଜ୍ୟର ବିକାଶ ପ୍ରକ୍ରିୟାରେ ମହିଳାଙ୍କ ଭୂମିକା ନେଇ ସେ ଉଦ୍‌ବୋଧନ ଦେଇଥିଲେ। ବରିଷ୍ଠ ବିଜେଡ଼ି ନେତା ସୌଭାଗ୍ୟ ରଞ୍ଜନ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ସ୍ଥାନୀୟ ସରପଞ୍ଚ ଦେବରାଜ ସାହୁ, ସମିତିସଭ୍ୟା ଶକୁନ୍ତଳା ସୁନା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ । ବିଜେଡ଼ି ସଦସ୍ୟ ବଳରାମ ସୁନା, ଲେକରୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କାର୍ଯ୍ୟାନୁଷ୍ଠାନ ଦାବିରେ ଆନ୍ଦୋଳନ

ଅତାବିରା/ସରଣ୍ଡା/ଜାମଟିକ୍ରା,୨୯।୬(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ମାର୍କେଟ୍ ୟାର୍ଡ଼ରେ ନିର୍ମିତ ମୁକ୍ତାକାଶ ପ୍ରେକ୍ଷାଳୟ(ଅଡ଼ିଟୋରିୟମ) ଭୁଷୁଡ଼ି ପଡ଼ିଛି। ନିମ୍ନମାନର କାମ ଯୋଗୁ ସେଭଳି ଘଟିଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି ଓଡ଼ିଶା ରାଜ୍ୟ କୃଷକ ସଂଗଠନ ଅତାବିରା ବ୍ଲକ ସଭାପତି ହାରାଧନ ପ୍ରଧାନଙ୍କ ନେତୃତ୍ୱରେ ବୃଷଭାନୁ ସାହୁ, ଲୋକେଶ୍ୱର ପ୍ରଧାନ, ବସନ୍ତ ବାରିକ, ପଲଉ ମାଝି, ଗଣେଶ ମହାକୁଡ଼, ମହାଦେବ ମହାପାତ୍ର, ଜଗନ୍ନାଥ ସାହୁ ପ୍ରମୁଖ ଚାଷୀ ପ୍ରତିନିଧିମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ନିମ୍ନମାନର କାମରେ ସମ୍ପୃକ୍ତ ଠିକାଦାର, ବିଭାଗୀୟ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସେମାନେ ମାର୍କେଟ୍ ୟାର୍ଡ଼ କାର୍ଯ୍ୟାଳୟରେ ତାଲା ପକାଇବା ସହିତ ଧାରଣାରେ ବସିଛନ୍ତି। ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ ଜାରି ରଖିବେ ବୋଲି କୃଷକ ସଂଗଠନର ପ୍ରତିନିଧିବୃନ୍ଦ କହିଛନ୍ତି। ବରଗଡ଼ ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ ଆନ୍ଦୋଳନସ୍ଥଳକୁ ପହଞ୍ଚିବା ସହିତ ଭୁଷୁଡ଼ି ପଡ଼ିଥିବା ଅଡ଼ିଟୋରିୟମ ବୁଲି ଦେଖିଛନ୍ତି । ଉକ୍ତ ଘଟଣାର ତଦନ୍ତ ସହିତ ବିହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲାପାଳ ସାମଲ କହିଛନ୍ତି। ଅନ୍ୟପକ୍ଷେ ଭାଜପାର ଏକ ପ୍ରତିନିଧି ଦଳ ଅଡ଼ିଟୋରିୟମ ପରିଦର୍ଶନ କରିଛନ୍ତି। ଅତାବିରା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ପ୍ରଦୀପ କୁମାର ବେସନଙ୍କୁ ଭେଟି ସେମାନେ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଭାଜପା ନେତା ସୁରେନ୍ଦ୍ର କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସୁରେଶ୍ୱର ଶତପଥି, କୁଶ କୁମ୍ଭାର, ମିଳନ ସେଟ୍ ପ୍ରମୁଖ ଉପସ୍ଥିତ ଥିଲେ।



କୃଷକ ସଂଗଠନ ପ୍ରତିନିଧିବୃନ୍ଦ ବରଗଡ଼ ଉପଜିଲାପାଳଙ୍କୁ ଭୁଷୁଡ଼ିଥିବା ଅଡ଼ିଟୋରିୟମ ଦେଖାଉଛନ୍ତି।

**ମାର୍କେଟ୍ ୟାର୍ଡ ଅଡିଟୋରିୟମ ଭୁଷୁଡ଼ିବା ଘଟଣା**

## ମହିମା ଛତୁ ଉତ୍ପାଦନ ଓ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ସୋନପୁର, ୨୯।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ମୟୁରଉଡାନ ଗ୍ରାମ ପଞ୍ଚାୟତର କୀର୍ତ୍ତିପୁରଠାରେ ଜିଲାପାଳ ଅବୋଲି ସୁନିଲ ନରୱଣେ ମହିମା ଛତୁ ଉତ୍ପାଦନ ଓ ତାଲିମ କେନ୍ଦ୍ରକୁ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏକ୍ସନ ଏଡ଼ ଭୁବନେଶ୍ୱର ଓ ରେଆର ସୁବର୍ଣ୍ଣପୁରର ଆର୍ଥିକ ସହଯୋଗରେ କୀର୍ତ୍ତିପୁର ଗ୍ରାମର ୧୦ ଜଣ ମହିଳାଙ୍କ ପ୍ରଚେଷ୍ଟାରେ ଏହି କେନ୍ଦ୍ର ଆରମ୍ଭ ହୋଇଛି। ଉଦଘାଟନ ଅବସରରେ ଅତିଥି ବୃନ୍ଦ ସମ୍ପୃକ୍ତ ମହିଳାମାନଙ୍କୁ ଉତ୍ସାହିତ କରିବା ସହ ସେମାନେ ଯେପରି ସ୍ୱାବଲମ୍ବୀ ହୋଇ ନିରନ୍ତର କାର୍ଯ୍ୟ କରିବେ ସେଥିପାଇଁ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନିହାର ରଞ୍ଜନ କହଁର, ଜିଲା ସମାଜ କଲ୍ୟାଣ ଅଧିକାରୀ ଗୌରମଣି ହାଁସଦା, ସହ ନିର୍ଦ୍ଦେଶକ ଏକ୍ସନ ଏଡ଼ ଭୁବନେଶ୍ୱର ଦେବବ୍ରତ ପାତ୍ର, ନିର୍ଦ୍ଦେଶକ ଏସବିଆରଏସଇଟିଆଇ ଅଜିନା ଗୁଡୁ, ରେଆର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା, ଏକ୍ସନ ଏଡ଼ର ବି.ଏନ. ଦୁର୍ଗା, ଶୁଭେନ୍ଦୁ ରାଏ, ଘାସିରାମ ପଣ୍ଡା, ରାକେଶ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, କରମ ଚାନ୍ଦ ମହାନ୍ତି, କୀର୍ତ୍ତିପୁର ମହିମା ଛତୁ ଉତ୍ପାଦନ ଓ ତାଲିମ କେନ୍ଦ୍ରର ସଭାନେତ୍ରୀ ସୀତା ଝାଙ୍କର, ସମ୍ପାଦିକା ଗୌରୀ ଝାଙ୍କର, ଓ ସମସ୍ତ ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ସଭାକୁ ରେଆରର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ପରିଚାଳନା କରିଥିଲେ। ଧନୁର୍ଜୟ ନାଏକ, ସୁଦାମ ଗାଏଗାରିଆ, ସୁଶାନ୍ତ ସା, ଅଶୋକ ଝାଙ୍କର, ଝରଣା ପଟ୍ଟନାୟକ ଓ ଗାୟତ୍ରୀ ବହିଦାର ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପାଇକମାଳ ସହରକୁ ଆବର୍ଜନାମୁକ୍ତ କରିବାକୁ ଶପଥ

ପାଇକମାଳ,୨୯।୬(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ସଦର ପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନ ସରପଞ୍ଚ ତୁଳାବତୀ ତାଣ୍ଡିଙ୍କ ନେତୃତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀମାନେ ପାଇକମାଳ ଛକରୁ ନୃସିଂହନାଥ ଧର୍ମଶାଳା ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ପଡିଥିବା ଅଳିଆ ଆବର୍ଜନାକୁ ସଫା କରି ଟ୍ରାକ୍ଟର ଯୋଗେ ଅନ୍ୟତ୍ର ପକାଇଥିଲେ। ପାଇକମାଳ ସହର ରାସ୍ତାପାର୍ଶ୍ୱରେ ଅବର୍ଜନା ଗଦା ହେବା ଯୋଗୁଁ ନୃସିଂହନାଥ ମନ୍ଦିରକୁ ଆସୁଥିବା ଯାତ୍ରୀମାନେ ଅସୁବିଧା ଭୋଗୁଥିଲେ। ଗୋବର୍ଦ୍ଧନ ଅଗ୍ରୱାଲ, ସରୋଜ ସାମଲ, ଧନସିଂ ତାଣ୍ଡି, ସୁଶାନ୍ତ ନାଗ, ଯୋଗେନ୍ଦ୍ର ଭୋଇ, ଇନ୍ଦ୍ରଜିତ ଭୋଇ, ରାଜେନ୍ଦ୍ର ସେଠ, ଦିବାକର ତାଣ୍ଡି, ରୁକ୍ମଣ ସେଠ, ହୁସେନ ଖାଁନ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ପାଇକମାଳ ସହରକୁ ଆବର୍ଜନାମୁକ୍ତ କରିବା ପାଇଁ ସ୍ୱେଚ୍ଛାସେବୀମାନେ ଶପଥ କରିଥିଲେ।

## ନିର୍ଦ୍ୱନ୍ଦ୍ୱରେ ପାକ୍ସ ସଭାପତି ନିର୍ବାଚିତ

ବରଗଡ଼ ଅଫିସ୍/ବରପାଲି,୨୯।୬

ବରଗଡ଼ ବ୍ଲକ ଅଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତିର ସଭାପତିଭାବେ ଅଶ୍ୱିନୀ ତ୍ରିପାଠୀ ନର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ତାଙ୍କ ସମର୍ଥକମାନେ ତ୍ରିପାଠୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ବରପାଲି ବ୍ଲକ କଟାପାଲି ପ୍ରାଥମିକ କୃଷି ସମବାୟ ସମିତିର ସଭାପତିଭାବେ ଧ୍ରୁବରାଜ ସାହୁ ନର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବିଧାୟକ ଆଚାର୍ଯ୍ୟଙ୍କ ସମେତ ସାହୁଙ୍କ ସମର୍ଥକମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ବୌଦ୍ଧ,୨୯।୬(ସ୍ୱ.ପ୍ର.)

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁସୁରକ୍ଷା କମିଟିର ବୈଠକ, କିଶୋର/କିଶୋରୀ ଦକ୍ଷତା ବୃଦ୍ଧି ଓ ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସ, ଶିଶୁଶ୍ରମିକ ନିଷେଧ ଟାସ୍କଫୋର୍ସ ଓ ଚାଇଲ୍ଡଲାଇନ ପରାମର୍ଶମଣ୍ଡଳୀ ତ୍ରୟୋମାସିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଜିଲାରେ ବାଲ୍ୟବିବାହ, ଶିଶୁ ଶ୍ରମିକମୁକ୍ତ ଜିଲା ଗଠନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାରେ ଶିଶୁ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ ମେହେର ଯୋଗଦେଇ ଜିଲାରେ ବାଲ୍ୟବିବାହକୁ ରୋକିବା ପାଇଁ ହେଲେ ବ୍ୟାପକ ସଚେତନତା କରିବା ସହିତ ପଞ୍ଚାୟତସ୍ତରୀୟ ଶିଶୁସୁରକ୍ଷା କମିଟିଗୁଡିକୁ ଅଧିକ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ଯୋଗଦେଇ ଶିଶୁଶ୍ରମିକ ରୋକିବା ପାଇଁ ବାର୍ଷିକ ଯୋଜନା ଉପସ୍ଥାପନା କରିବା ସହ ଆଗାମୀ ଦିନରେ ଜିଲାରେ ଶିଶୁଶ୍ରମିକ ରୋକିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଥିଲେ। ଆଶୀର୍ବାଦ ଯୋଜନାରେ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାରେ ୮୮୧ ଜଣ ହିତାଧିକାରୀଙ୍କୁ ସହାୟତା ଦିଆଯାଉଥିବା ନେଇ ଜିଲା ଶିଶୁସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ସନତ ନାଏକ, ଡିଏସପି ସାଲେଷ୍ଟିନ ଡିଗା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ପାଣ୍ଡିଆ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ସିଡିପିଓ ବୌଦ୍ଧ, କଣ୍ଟାମାଳ ଓ ହରଭଙ୍ଗା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଲକେବିକେର ସମ୍ପାଦିକା ପୁଷ୍ପିତା ପ୍ରଧାନ, ୱାସିଡିଏ ଓ ରେଆର ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଶିଶୁଟିଏ କୌଣସି ପରିସ୍ଥିତିରେ ଅସୁରକ୍ଷିତ ମଣିଲେ ଓ ଅସୁବିଧାରେ ଦେଖିଲେ ତୁରନ୍ତ ବିଭାଗୀୟ ଅଧିକାରୀ, ସ୍ଥାନୀୟ ପୋଲିସ୍, ଚାଇଲ୍ଡଲାଇନ-୧୦୯୮ କିମ୍ବା ଶିଶୁ ସୁରକ୍ଷା ୟୁନିଟ୍‌କୁ ସୂଚନା ଦେବା ପାଇଁ ମତପ୍ରକାଶ ପାଇଥିଲା । ଏହି ଅବସରରେ ଉଭୟ ପିତାମାତା,ପିତା କିମ୍ବା ମାତା ହରାଇ ଥିବା ୩ ଜଣ ଶିଶୁଙ୍କୁ ମିଶନ ବାତ୍ସଲ୍ୟ ଯୋଜନାରେ ପୃଷ୍ଠପୋଷକତା ସହାୟତା ରାଶି ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଜିଲାସ୍ତରୀୟ କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ଶିଶୁ ସୁରକ୍ଷା ୟୁନିଟର ସହଦେବ ନାଏକ, ବସନ୍ତ ଦିଶିରି, ଚିତ୍ରସେନ ସାହୁ, ସତ୍ୟ ନାରାୟଣ ନାଏକ ସହଯୋଗ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଧନ୍ୟବାଦ ଦେଇଥିଲେ।




ଜିଲାପାଳ ଶିଶୁଙ୍କୁ ପୃଷ୍ଠପୋଷକତା ରାଶି ପ୍ରଦାନ କରୁଛନ୍ତି ।

